# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ ପତ୍ରିକା

ଚତୁର୍ଥ ସଂଖ୍ୟା, ୧ ଅକ୍ଟୋବର ୨୦୨୨




https://epatrika.cspursahityasansad.com/

Publisher :
Newtra Creations, Bhubaneswar



ମୁଖ୍ୟ ସଂପାଦକ: ବସନ୍ତ ମାଝି II ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

Email : epatrika.cspursahityasansad@gmail.com Mob : 9438621925 / 9937128547 Website: www.cspursahityasansad.com

# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ-ପତ୍ରିକା

ଚତୁର୍ଥ ସଂଖ୍ୟା
୦୧ ଅକ୍ଟୋବର ୨୦୨୨

**ଉପଦେଷ୍ଟା :**
ପ୍ରଫେସର୍ ଅଭୟ କୁମାର ବେହେରା
ଡକ୍ଟର୍ ସଂଘମିତ୍ରା ଭଞ୍ଜ

**ମୁଖ୍ୟ ସମ୍ପାଦକ :**
ବସନ୍ତ ମାଝି

**ସମ୍ପାଦକ :**
ସରୋଜ କୁମାର ଶତପଥୀ

**ସମ୍ପାଦନା ମଣ୍ଡଳୀ :**
ପ୍ରଫେସର୍ ବୀଣାପାଣି ତ୍ରିପାଠୀ
ଯଶୋବନ୍ତ ସେଠୀ
କ୍ଷଣପ୍ରଭା ମହାନ୍ତି

**ଅଳଙ୍କରଣ ଓ ପ୍ରଚ୍ଛଦ :**
ସରୋଜ କୁମାର ଶତପଥୀ

**ପ୍ରକାଶକ :**
ନ୍ୟୁଟ୍ରା କ୍ରିଏସନ୍ସ,
ପ୍ଲଟ୍ ନଂ -୫, ଜୟଦେବ ନଗର,
ଲୁଇସ୍ ରୋଡ୍, ଭୁବନେଶ୍ୱର-୦୨
ମୋ - ୯୯୩୭୧୨୮୫୪୭

**ସମ୍ପର୍କ :**
ସମ୍ପାଦକ: ଇ-ପତ୍ରିକା,
୭/୧୩-ଟାଇପ୍ 'ବି'(ରିଭାଇଜ୍ଡ)
ୟୁନିଟ୍ -୯, ଭୁବନେଶ୍ୱର-୨୨
ଫୋନ -୯୪୩୮୬୨୧୯୨୫/୯୯୩୭୧୨୮୫୪୭
e-mail: epatrika@cspursahityasansad.com
website : www.cspursahityasansad.com

**Patron:**
Prof. Avaya Kumar Behera
Dr. Sanghamitra Bhanja

**Chief Editor :**
Basanta Majhi

**Editor :**
Saroj Kumar Satpathy

**Editorial Board :**
Prof. Binapani Tripathy
Jashobanta Sethi
Kshyanaprabha Mohanty

**Illustration & Cover design :**
Saroj Kumar Satpathy

**Publisher :**
Newtra Creations
Plot no-5, Jayadev Nagar
Bhubaneswar - 751002
Mob : 9937128547

**Contact :**
Editor - ePatrika,
7/13- Type 'B' (Revised), Unit-9,
Bhubaneswar - 751022
Mob : 9438621925 / 9937128547
Email : epatrika@cspursahityasansad.com
website : www.cspursahityasansad.com

# ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



## ୰ଅଶୋକ କୁମାର ମହାନ୍ତି

ତିରୋଧାନ : ସେପ୍ଟେମ୍ବର ୨୦୨୨

ବିଶିଷ୍ଟ ଚିତ୍ରଶିଳ୍ପୀ, ସାହିତ୍ୟିକ ଅଶୋକ ମହାନ୍ତିଙ୍କ ବିୟୋଗ ରେ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ତଥା ମାସିକ ଡିଜିଟାଲ୍ ପତ୍ରିକା 'ଇ-ପତ୍ରିକା' ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।

## ପବିତ୍ର ପାର୍ବଣ ଅବସରରେ
## ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ତରଫରୁ
## ଆପଣମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ।

ବସନ୍ତ ମାଝି
ମୁଖ୍ୟ ସମ୍ପାଦକ

## ସମ୍ପାଦକୀୟ

ସାହିତ୍ୟ ସମାଜର ହିତ ସାଧନ କରିଥାଏ - ଏହି କଥାଟି ଆଜି ସୁଦ୍ଧା ଅକାଟ୍ୟ ହୋଇ ରହି ଆସିଛି । ସମାଜର ଏହି ହିତସାଧନ କରିବାର ଯେଉଁ ଶକ୍ତି ସାହିତ୍ୟରେ ରହିଛି, ଏହି ଶକ୍ତିର ଉପାଦାନଟି କଣ ହୋଇପାରେ ? ଏହି ଉପାଦାନଟି ହେଉଛି ସାହିତ୍ୟ ସ୍ଥିତାବସ୍ଥାର ବିରୋଧୀ ଏବଂ ଭବିଷ୍ୟ ଦ୍ରଷ୍ଟା । ଆଗାମୀ ଦିନର ସୁନ୍ଦର ପରିକଳ୍ପନା ସାହିତ୍ୟ ମଧ୍ୟରେ ରହିଥିବାରୁ ସ୍ଥିତାବସ୍ଥାବାଦୀମାନେ ଏହାକୁ ଘୃଣା କରନ୍ତି ଏବଂ ସାହିତ୍ୟ ଆମ ପୁରାତନ ସାଂସ୍କୃତିକ ଧାରା ଠାରୁ ଦୂରେଇ ଯାଉଛି ବୋଲି ଅଭିଯୋଗ କରିଥାନ୍ତି । ଏମାନଙ୍କ ଦୃଷ୍ଟିରେ ଅତୀତ ଥିଲା ସୁନ୍ଦରତମ, ବର୍ତ୍ତମାନ ଅସ୍ଥିର ଏବଂ ଭବିଷ୍ୟତ ଅନ୍ଧକାରମୟ । ପ୍ରଚଳିତ ବ୍ୟବସ୍ଥାର ବଟସ୍କର ନୀତି ସାହିତ୍ୟ ହୋଇପାରେ ନାହିଁ । ଆମ ସାହିତ୍ୟର ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଏହି ଦୃଶ୍ୟ ଦେଖିବାକୁ ମିଳିଥାଏ । ସାରଳା ଦାସ, ବଳରାମ ଦାସ, ଦୀନକୃଷ୍ଣ ଦାସଙ୍କ ଠାରୁ ଆରମ୍ଭ କରି ରବି ସିଂ, ବ୍ରଜନାଥ ରଥ ପର୍ଯ୍ୟନ୍ତ ଏବଂ ସାମ୍ପ୍ରତିକ କାଳର ବହୁ ସାହିତ୍ୟିକ ପ୍ରଚଳିତ ବ୍ୟବସ୍ଥା ବିରୋଧରେ ଶାଣିତ ଖଡ୍ଗ ଉତ୍ତୋଳନ କରି ଆସୁଛନ୍ତି । ସମାଜର ତ୍ରୁଟି ଗୁଡ଼ିକୁ ଉଲ୍ଲେଖ କରି ଆସୁଛନ୍ତି । କିନ୍ତୁ ପ୍ରତିବାଦଟି ଫେସନ୍ ହୋଇଗଲେ ନିଶ୍ଚୟ ସାହିତ୍ୟ ପାଇଁ ବିପଦ । ଜାତି ନିର୍ମାଣର ପ୍ରାକ୍ ସର୍ତ୍ତାବଳୀ ହେଲା ଲୋକକଳା ଓ ଲୋକ- ସଂସ୍କୃତିକୁ ପୁନଃରୁଦ୍ଧାର କରିବା । ଇ-ପତ୍ରିକାର ଲକ୍ଷ୍ୟ ହେଉଛି ଲୋକକଳା ଓ ଲୋକ ସଂସ୍କୃତିକୁ ଟେକି ଧରିବା ଏବଂ ଏହାକୁ ଅଧିକ ରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇ ଦେବା । ଏହି ପ୍ରକ୍ରିୟା ଧୀର ଓ କଚ୍ଛପ ଗତିର ହେଲେ ମଧ୍ୟ ଏହା ବିଜୟ ମଣ୍ଡିତ ହେବା ସୁନିଶ୍ଚିତ । ଏହି ଆଶା ସହିତ ସମସ୍ତ ଲେଖକ ଓ ପାଠକମାନଙ୍କୁ ଅନୁଷ୍ଠାନ ତରଫରୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରୁଛୁ ।

**ସରୋଜ କୁମାର ଶତପଥୀ**
**ସମ୍ପାଦକ**

■■■

# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | ସରୋଜ କୁମାର ଶତପଥୀ | ୦୪ |
| | **ଗଦ୍ୟ ବିଭାଗ** | | |
| ୨. | ସେରକ ପୂରିଲା ମାଣକ ପୂରିଲା | ମନୋଜ କୁମାର ମହାପାତ୍ର | ୦୮ |
| ୩. | ଆର୍ଦ୍ର ସ୍ମୃତି | ସୁମନାକୀ ମିଶ୍ର | ୧୧ |
| ୪. | ଦଶହରା ଆଜି ଦିଗହରା | ଡା. ଘନଶ୍ୟାମ ଜୈନ | ୧୩ |
| ୫. | ପୁଅ ଜୀଉଁତିଆ | ବିରଞ୍ଚି ମିଶ୍ର | ୧୫ |
| ୬. | ମତେ ବାନ୍ଧି ନେ ରେ ପୁଲିସି ବାବୁ | ଛନ୍ଦା ମିଶ୍ର | ୧୬ |
| ୭. | ପିତୃପକ୍ଷ | ମୀନୁ ହୋତା | ୧୮ |
| ୮. | ୟୁଜ୍ ଆଣ୍ଡ୍ ଥ୍ରୋ | ଶଶାଙ୍କ ଶେଖର ମିଶ୍ର | ୨୦ |
| ୯. | ମନର ମୂଳେ | ନିରୁପମା ଆଚାର୍ଯ୍ୟ | ୨୧ |
| ୧୦. | ବୋରୱେଲ- ମରଣଯନ୍ତା | ପ୍ରଭାତ କୁମାର ମିଶ୍ର | ୨୨ |
| ୧୧. | ବୃଦ୍ଧାଶ୍ରମ | ମୂଳ ହିନ୍ଦୀ ଲେଖା – ଶ୍ରୀମତୀ ଲତା ତେଜେଶ୍ୱର<br>ଅନୁସୃଜନ - ବିଜୟଲକ୍ଷ୍ମୀ ପଟ୍ଟାୟକ | ୨୩ |
| ୧୨ | ଆକ୍‌ଚୁଆଲ୍ ବନାମ ଭର୍‌ଚୁଆଲ | ଡଃ କିଶୋର ମହାନ୍ତି | ୨୬ |
| ୧୩. | ଭରସା | ଅଧ୍ୟାପକ ଅଜୟ ପଟ୍ଟନାୟକ | ୨୮ |
| ୧୪. | ଦୁଇଟି ଅଣୁ ଗଳ୍ପ | ପ୍ରଜ୍ଞା ମହାନ୍ତି | ୩୦ |
| ୧୫. | ଭଙ୍ଗା ଆଇନାରେ ମୁହଁ | ଶ୍ରୀ କୁଞ୍ଜ ବିହାରୀ ସାହୁ | ୩୧ |
| ୧୬. | ମିଛ ମାୟା ସଂସାର କେହି ନୁହେଁ କାହାର | ସ୍ନେହଲତା ପଟ୍ଟନାୟକ | ୩୩ |
| ୧୭. | କୋଇଲି ଦେଇଛି ଚିଠି | ଯଶୋବନ୍ତ ସେଠୀ | ୩୪ |
| | **ପଦ୍ୟ ବିଭାଗ** | | |
| ୧୮ | ଏକାନ୍ତ ବ୍ୟକ୍ତିଗତ | ବିଭୂତି ଭୂଷଣ ମହାପାତ୍ର | ୩୭ |
| ୧୯. | ଶାରଦୀୟ ଆମନ୍ତ୍ରଣ | ସିଦ୍ଧାର୍ଥ କୁମାର ମହାପାତ୍ର | ୩୮ |
| ୨୦. | ଶୁଣ୍ ପାହାଡ଼ ଶୁଣ୍! ଶୁଣ୍ ସମୁଦ୍ର ଶୁଣ୍! | ଶ୍ରୀଦେବ | ୩୯ |
| ୨୧ | କିଏ ଏଇ ସାବିତ୍ରୀ ବାଈ ? | ବାସୁଦେବ ସୁନାନୀ | ୪୦ |
| ୨୨. | ଗୋଟିଏ ସ୍ୱପ୍ନର କଥା | ପ୍ରଫେସର ବୀଣାପାଣି ତ୍ରିପାଠୀ | ୪୧ |
| ୨୩ | ଅନେକ ଅବ୍ୟକ୍ତ | ବସନ୍ତ ମାଝି | ୪୨ |
| ୨୪. | ଚା’ | ମନୋରମା ମିଶ୍ର | ୪୩ |
| ୨୫. | ବାରାଙ୍ଗନା | ମାନଗୋବିନ୍ଦ ବାରିକ | ୪୪ |
| ୨୬. | ଫଗୁଣ ରେ ଫଗୁଣ କେବେ ତୁ ଆସିବ | ଅଞ୍ଜଳି ଆଚାର୍ଯ୍ୟ | ୪୫ |
| ୨୭. | ବର୍ତ୍ତମାନ | ଶମ୍ଭୁନାଥ ରାଉଳ | ୪୬ |
| ୨୮. | ତୁମରି ଶୂନ୍ୟତା | ଜାହ୍ନବୀ ଚୌଧୁରୀ | ୪୭ |
| ୨୯. | ସରମି ଲତା | ପ୍ରମୋଦ କୁମାର ମହାପାତ୍ର | ୪୮ |

# ମୁଖଶାଳା

## ପଦ୍ୟ ବିଭାଗ


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୦. | ଆସିଛି ଶରତ | ସ୍ୱର୍ଣ୍ଣଲତା ମହାପାତ୍ର | ୪୯ |
| ୩୧. | ଅନୁଭବ | ଯଜ୍ଞଦତ୍ତ ସାମନ୍ତରାୟ | ୫୦ |
| ୩୨. | ଆଉ ମତେ କନ୍ଦାଅନି | ଡ. ଯୁଗଳ କିଶୋର ଷଡ଼ଙ୍ଗୀ | ୫୧ |
| ୩୩. | ତଥାପି | ଜ୍ୟୋତିପ୍ରକାଶ ଗଡ଼ତ୍ୟା | ୫୨ |
| ୩୪. | ଆଉ ଲେଖି ଜାଣୁ ନଥିବା ସମୟର କବିତା | ଭିକାରୀ ଚରଣ ମିଶ୍ର | ୫୩ |
| ୩୫. | କେବେ ଦେଖା ହେଲେ | ରାଧାକୃଷ୍ଣ ପଟ୍ଟନାୟକ | ୫୪ |
| ୩୬. | ସମ୍ପର୍କ | ରଞ୍ଜନ ଜେନା | ୫୫ |
| ୩୭. | ତୁଇ ମୋର୍ କନିଆଁ | ଯୋଗେଶ ଚନ୍ଦ୍ର ମିଶ୍ର | ୫୬ |
| ୩୮. | ମୃତ୍ୟୁର ଅଭିଷେକ | ସରୋଜ କୁମାର ଶତପଥୀ | ୫୭ |
| ୩୯. | ଈଶ୍ୱର ସନ୍ଧାନେ | ସାୟନ୍ତନୀ ତ୍ରିପାଠୀ | ୫୮ |
| ୪୦. | ରୂପ ତୁମ ଅନୁପମ | ଲୋପାମୁଦ୍ରା ପାତ୍ର | ୫୯ |
| ୪୧. | ମାଆଟିଏ ସେଇ | ବିନୋଦିନୀ ଗଉଡ଼ | ୬୦ |
| ୪୨. | ମୁଠାଏ ବାଲିର ସପ୍ନ | ଡ. ପ୍ରବୀଣା ପରିଡ଼ା | ୬୧ |
| ୪୩. | ନଶୀ ଗନ୍ଧା | ମୌସୁନୀ ଶୁକ୍ଳା | ୬୨ |
| ୪୪. | ପ୍ରେମର ମହକ | ପଞ୍ଚାନନ ତାଣ୍ଡି | ୬୩ |
| ୪୫. | ମୁଁ ଏକା ତୁମର | ଡ. ମାଙ୍ଗଳିକା ମହାପାତ୍ର | ୬୪ |
| ୪୬. | ଅନେକ ଗ୍ରୀଷ୍ମ ତାତିର କ୍ଷୁଧା | ସାଧନା ପଣ୍ଡା | ୬୫ |
| ୪୭ | ତୁମେ ବଡ଼ ନିଲଠିଆ | ଗୀତା ପଟ୍ଟନୟକ | ୬୬ |
| ୪୮. | ସଖୀ | ମମତା ବାଳା ହୋତା | ୬୭ |
| ୪୯. | କାନ୍ଦ | କ୍ଷଣପ୍ରଭା ମହାନ୍ତି | ୬୮ |
| ୫୦ | ଈଶ୍ୱରଙ୍କୁ ପ୍ରଶ୍ନ | ନିକୁଞ୍ଜ କୁମାର ଘୋଷ | ୬୯ |
| ୫୧. | ଛୁଅ କନା | ପ୍ରମୋଦ କୁମାର ନାୟକ | ୭୦ |
| ୫୨. | ବିଶ୍ୱାସ | ନିହାରୀକା ରାୟ ବରାଳ | ୭୧ |
| ୫୩. | ବାକି ଅଛେ | ନୀରଜ ଦାଶ ଶର୍ମା | ୭୨ |
| ୫୪. | ରାତିର ଠିକଣା | ବିପିନ୍ ମହାନ୍ତି | ୭୩ |
| ୫୫. | ବୋଉ | ମନୋରମା ସାହୁ | ୭୪ |
| ୫୬. | ଏଇ ତ' ଜୀବନ | ତୁଳସୀଦାସ ମିଶ୍ର | ୭୫ |
| ୫୭. | ଦୁର୍ଗା ମା' | ସରୋଜଲକ୍ଷ୍ମୀ ମହାନ୍ତି | ୭୬ |
| ୫୮. | ପ୍ରିୟତମ ସଞ୍ଜ ପାଇଁ | ନୀଳମଣି ଚାନ୍ଦ | ୭୭ |
| ୫୯. | ମା' ମାଟି ମାତୃଭୂମି | ଶୁଭଶ୍ରୀ ସିଂହ | ୭୮ |
| ୬୦. | ଆଜି ବି ଝୁରୁଛି ତୋତେ | ସ୍ନିଗ୍ଧା ଜି. ମହାପାତ୍ର | ୭୯ |
| ୬୧. | ସମୟର ଖେଳ | ଧର୍ମ କୁମାର ଶତପଥୀ | ୮୦ |
| ୬୨. | ସଲାମ୍ ତ୍ରିରଙ୍ଗା | ଗୀତା ଦାସ | ୮୧ |
| ୬୩. | ଜୟ ଜଗନ୍ନାଥ | ପ୍ରଭାତୀ କୁମାରୀ ମିଶ୍ର | ୮୨ |
| ୬୪. | ହେ ରାମ ଥରେ ଆସିବ କି ? | ଅନସୂୟା ବାରିକ | ୮୩ |
| ୬୫. | ତୁମ ପାଇଁ | କବିତା ନାୟକ | ୮୪ |
| ୬୬. | ଜଗତ ଜନନୀ | ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ | ୮୫ |
| ୬୭. | ଇ - ପତ୍ରିକା ର ସେପ୍ଟେମ୍ବର ସଂଖ୍ୟା ଓ ସଂସଦର ୪୩ତମ ଅଧିବେଶନର କିଛି ସ୍ମୃତି | | ୮୬ |


■■■

# ଗଦ୍ୟ ବିଭାଗ



# ସେରକ ପୂରିଲା ମାଣକ ପୂରିଲା

ମନୋଜ କୁମାର ମହାପାତ୍ର



ଦଶମୌଜା ନଈ **ପାର୍ଶ୍ୱସ୍ଥ** ବିରାଟ ବରଗଛ ପାଖରେ ବସିଲେ ମୋତେ ଲାଗେ ମୁଁ ମୋର ପ୍ରପିତାମହୀଙ୍କ କୋଳରେ ବସିଛି । ନା ଦେଖିଛି ପିତାମହୀଙ୍କୁ ନା ପ୍ରପିତାମହୀ । ଶୁଣିଛି ମୋର ପ୍ରପୀତାମହୀ ଏହି ବରଗଛକୁ ଏଠାରେ କେଉଁ କାଳରେ ରୋପଣ କରିଥିଲେ । ସେଥିପାଇଁ ଲୋକେ କହନ୍ତି ୟାକୁ ବୁଢ଼ୀ ବରଗଛ । ପ୍ରପୀତାମହୀଙ୍କ କୋଳରେ ବସିବାର ସ୍ନେହପୂର୍ଣ ଅନୁଭୂତି କେମିତି ହେଇଥିବ କିଏ ଜାଣେ, ତଥାପି ଏହି ଗଛଛାଇ ତଳେ ବସିଲେ ଏମିତି ଏକ ନିଆରା ଅନୁଭୂତିର ଶିହରଣ ଦେହସାରା ଚରିଯାଏ ଯେ ବେଳେବେଳେ ଭାବେ ବୋଧହୁଏ ପ୍ରପୀତାମହୀଙ୍କ କୋଳରେ ବସିବାର ମଜା ଏମିତି ହେଇଥିବ ।

ମେଟ୍ରିକ ପରୀକ୍ଷା ପରେ, ଦିନେ ଖରାବେଳେ ଏଇ ବୁଢ଼ୀ ବରଗଛ ତଳେ ଏକୁଟିଆ ଫାଙ୍କା ମନରେ ବସିଥିଲି । ଦେଖେତ ଆଠ ନଅ ବର୍ଷର ଗାୟାଳ ଟୋକା ଅର୍ଜୁନା କେଉଁଠି ଥିଲା କେଜାଣି ମୋ ପାଖରେ ହାଜର । ମୁଁ ପଚାରିଲି - ଆରେ ଗୋରୁ ଚରାଇ ସାରିଲୁଣି କି ? ସେ କହିଲା - ଯେଖା ଗୁହାଳରେ ଗାଈ ବଳଦ ବାନ୍ଧି ଦେଇ ଆସିଛି, ନଈକୁ ଗାଧେଇବା ପାଇଁ । ମୁଁ କହିଲି - ଯାଉନୁ ଗାଧୋଇବୁ । ଉଛୁର ହେଉଛି,ବୋଉ ସିଆଡେ ତତେ ବାଟ ଚାହିଁ ବସିଥିବ । ତୋତେ ଖାଇବାକୁ ଦେଇ ସେ ପୁଣି ଖାଇବ କି ନାହିଁ ?

ଅର୍ଜୁନା ମୋ କଥା ନଶୁଣିଲା ପରି ତା ହାବଭାବରୁ ଜାଣିଲି । ସେ କାନ ଡେରି ଆଉ କଣ ଶୁଣୁଛି ବୋଲି ମୋର ମନେ ହେଲା । "ଆରେ ଟୋକା ମୋ କଥା ତତେ ଶୁଭୁନିକି" ବୋଲି କହିବାରୁ ସେ ଧୀରେ କିନା ମୋ ପାଖକୁ ଲାଗି ଆସି କହିଲା - ନନା, ହେଇ ଦେଖନା, କପୋତୀ କେମିତି ତା ପୁଅ ପାଇଁ ଝୁରି ଝୁରି କାନ୍ଦି କହୁଛି " ସେରକ ପୂରିଲା ମାଣକ ପୂରିଲା ଉଠରେ ପୁତା ଉଠ " । ମୁଁ ତାକୁ ଭାକ କରି କହିଲି - କାହିଁ ? ସେ ହାତ ଠାରି ଦେଖେଇ କହିଲା - ହେଇ ଦେଖୁନ, ଡାଳରେ ବସିଛି କପୋତୀ ।

ଦେଖିଲି ସତକୁ ସତ ଗୋଟିଏ କପୋତୀ ଡାଳରେ ବସି ରାବୁଛି । କିନ୍ତୁ ତା ରାବରେ ଝୁରିଝୁରି କାନ୍ଦିବା ଭଳି କିଛି ଅନୁଭବ କଲିନି ସତ କିନ୍ତୁ ତାର ରାବ ଅତି ମର୍ମଭେଦୀ ଥିଲା । ଅର୍ଜୁନା ଆଡକୁ ଚାହିଁଲି, ତା ଆଖିରୁ ଝରୁଥିଲା ବୁନ୍ଦା ବୁନ୍ଦା ଲୁହ ।

ଅର୍ଜୁନାର କଣ୍ଠ ବାଷ୍ପରୁଦ୍ଧ । କପୋତୀର କରୁଣ ସ୍ୱରରେ ସେ ଆତ୍ମନିଷ୍ଠ । ଅଶ୍ରୁଭରା ଆଖିରେ ମୋତେ ଚାହିଁ କହିଲା - ନନା, କପୋତୀ ପୂର୍ବଜନ୍ମରେ ଥିଲା ଏକ ଡାହାଣୀ । ତାର ଗୋଟିଏ ମାତ୍ର ପୁଅ ପ୍ରତି ଟିକିଏ ବି ନଥିଲା ସ୍ନେହ ଓ ଭଲପାଇବା । ଛୋଟ ପିଲାଟିକୁ ନିର୍ଦ୍ଦୟ ଭାବେ ଖାଲି କାମରେ ଖଟାଉ ଥିଲା । ଦିନେ ପଡିଶା ଘରର ପୁଅ ଓ ନିଜ ପୁଅକୁ ଦୁଇଟି ମାଣକ -ସେରରେ ଧାନ ଭରି କହିଥିଲା - ଯାଆ,ଗାଁର ପରଘର ଢ଼ିଙ୍କିରୁ ଧାନ କୁଟି ଆଣିବ । ଚାଉଳ ଯେପରି ମାଣ-ସେରରେ ପୂରୀ ରହିଥିବ । ଟିକିଏ ବି ନଷ୍ଟ ହେବନି ।

ଦୁଇପିଲା ଧାନ କୁଟି ଆଣି ଡାହାଣୀ ଆଗରେ ରଖିଲେ । ପଡିଶାଘର ପୁଅର ମାଣ-ସେର ଚାଉଳରେ ପୂର୍ଣ୍ଣ ଥିଲା କିନ୍ତୁ ନିଜ ପୁଅର ମାଣ-ସେରରେ ଚାଉଳ ଅଧା ଥିଲା । ଡାହାଣୀ କ୍ରୋଧରେ ଅଗ୍ନିବାଣ ହେଇ ଗୋଟିଏ ଶିଳପୁଆରେ ନିଜ ପୁଅର ମୁଣ୍ଡକୁ ଛେଚି ଦେଲା । ପୁଅ ସେଇଠି ଟଳି ପଡିଲା । କଣ ହେଲା ବୋଲି ଚିତ୍କାର ଶୁଣି ସାଇପଡିଶା ଲୋକେ ଧାଇଁ ଆସିଲେ । ଡାହାଣୀ ପଡିଶା ଘରର ପୁଅର ମାଣ-ସେରକୁ ତଳେ ଅଜାଡି ଦେଖେତ ମାଣ ତଳେ ରହିଛି କୁଣ୍ଡା ଓ ତଷୁ ଏବଂ ଉପରେ ଚାଉଳ । ସେ ଟୋକା ଭାରି ଚାଲାକ । କିନ୍ତୁ ପୁଅର ମାଣ ସେରକୁ ତଳେ ଡାଳି ଦେଖେତ କେବଳ ଚାଉଳ, କୁଣ୍ଡା ଓ ତୁଷକୁ ଅଲଗା ଏକ ଜାଗାରେ ରଖିଛି । ପୁଅର ନିରୀହପଣ ଦେଖି ଡାହାଣୀର ଚେତା ପଶିଲା, ସେ ପୁଅର ମୁଣ୍ଡକୁ ଆଉଁସି କହିଲା - ମାଣକ ପୂରିଲା ସେରକ ପୂରିଲା ଉଠରେ ପୁତ ଉଠ । ସେତେବେଳକୁ ତାର ପୁଅ ମରିଯାଇଛି । ସେ କାନ୍ଦି କାନ୍ଦି ଶେଷରେ ବାୟାଣୀ ହେଇଗଲା । ପରଜନ୍ମରେ ସେ କପୋତୀ ହେଇ ଜନ୍ମ ହେଇଛି ଏବଂ ପୂର୍ବ ସ୍ମୃତିକୁ ମନେପକାଇ କାନ୍ଦି କହୁଛି - ମାଣକ ପୂରିଲା ସେରକ ପୂରିଲା ଉଠରେ ପୁତ ଉଠ । କିନ୍ତୁ ପଡିଶା ଘର ଚତୁର ପୁଅ ଏ ଜନ୍ମରେ ଚତୁର କୁଆ

ଏଥର ଅର୍ଜୁନା ଭୋ ଭୋ ହେଇ କାନ୍ଦିଲା । "ଆରେ ପୁଣି ଏଡ଼େ ଜୋରରେ କାହିଁକି କାନ୍ଦୁଛୁ ? "ହେଇ ଦେଖୁନୁ କପୋତୀ ଉଡି କେଉଁଆଡେ ପଳାଇ ଗଲେଣି" । ଅର୍ଜୁନା ସକସକ ହେଇ କହିଲା - ମୋ ବୁଢ଼ୀ ଗୋସମା... ଗଲା ବର୍ଷ ମରିଗଲା । ତାକୁ ଶହେବର୍ଷ ହେଇଥିଲା । ସେ ମୋତେ ତା କୋଳରେ ଶୁଆଇ ମୋର ପିଠିକୁ ଥାପୁଡ଼େଇ ଏଇ ଗପଟି ଯେତେବେଳେ କୁହେ ସେତେବେଳେ ତାର ଲୁହ ମୋ ଛାତିରେ ଥପ ଥପ ହେଇ ପଡେ । ମୁଁ ବି କାନ୍ଦେ । ସେ ଆଜି ନାହିଁ କିଏ ମୋତେ ଆଉ ଗପ କହି ବହଲେଇବ !!

କପୋତୀର ଗପ ଅବଶ୍ୟ ମୋ ବୋଉ ପାଖରୁ ପିଲାଦିନେ ଶୁଣିଥିଲି କିନ୍ତୁ ଅର୍ଜୁନା ଗପରେ କାରୁଣ୍ୟ, ତାର ନିଛକ ଅଶ୍ରୁଧାର ଏବଂ ଗଛ ଡାଳରେ ସତ କପୋତୀର କରୁଣ ରାବ ଏବଂ ସର୍ବୋପରି ବୁଢ଼ୀ ଗୋସମାର ଅପତ୍ୟ ସ୍ନେହର ଅନୁଭବ ସେତେବେଳକୁ ମୋତେ ଭିନ୍ନ ଇଲାକାକୁ ନେଇଯାଉଥିଲା । ମୁଁ ହଠାତ କହିଲି - ଆରେ ଅର୍ଜୁନା ! ବୁଢ଼ୀ ଗୋସମା ଯିଏ ସେ କଣ ତୋ ବାପାର ଗୋସମା ? ଅର୍ଜୁନା ଏକା ନିଶ୍ୱାସରେ କହିଲା - ହଁ ପରା । ଏତକ କହି ଅର୍ଜୁନା ଗାଧୋଇବାକୁ ଚାଲିଗଲା କିନ୍ତୁ ମୁଁ ଅର୍ଜୁନାର ପ୍ରପିତାମହୀର କୋଳ ଓ ଅପତ୍ୟ ସ୍ନେହକୁ ମାପକାଠି କରି ମୋ ପ୍ରପିତାମହୀଙ୍କର କୋଳ ଓ ସ୍ନେହକୁ ଅନୁଭବ କରିବାକୁ ଲାଗିଲି ଏଇ ବୁଢ଼ୀ ବରଗଛ ଛାଇ ତଳେ କିଛି କ୍ଷଣ ।

କାଳର ଆବର୍ତ୍ତନର ଗହ୍ୱର ଭିତରେ କେତେ ଦୃଶ୍ୟପଟ୍ଟ ଅଦୃଶ୍ୟ ।ହୁଏ, ପୁଣି ଦୃଶ୍ୟସବୁ ନିତ୍ୟନୂତନ ରୂପେ ଦେଖାଦିଏ । ଆଜି ଗୁହାଳ ନାହିଁ କି ଗାଈ ବଳଦ ଓ ଗାୟାଳ ନାହିଁ । ଅର୍ଜୁନା ବି ଏବେ ଗବଗଛ ଭଳି ଡେଙ୍ଗା ଯୁବକ । ବାହା ହେଇ ପିଲାଛୁଆର ବାପ ହେଲେଣି । ବିଲବାଡ଼ିରେ କାମ କରି ଗୁଜରାଣ ମେଂଟାଏ । ଅନେକ ବର୍ଷପରେ ଗାଁକୁ ଯିବା ବାଟରେ ବସଷ୍ଟାଣ୍ଡରେ ପ୍ରଥମେ ସାକ୍ଷାତ ହେଲା ଅର୍ଜୁନା ସହିତ । ସେତେବେଳେ ସେ ରିକ୍ସା ଟାଣୁଥିଲା । ମୋତେ ଦେଖି ସେ ଏମିତି ଖୁସିରେ କୁରୁଳି ଉଠିଲା ଯେ ପାଟିରୁ ପଦଟିଏ ବାକ୍ୟ ସ୍ଫୁରିଲାନି ।

ମୋ ହାତକୁ ଟାଣି ନେଇ ତା ରିକ୍ସାରେ ମୋତେ ବାସଇଲା । ପୁରୁଣା ଦିନର କେତେ ଯେ ସ୍ମୃତି ଅନର୍ଗଳ ଝରିପଡୁଥିଲା ତା ମୁହଁରୁ । ଇତ୍ୟବସରେ ଜାଣିପାରିଲି ଯେ ସେ ମଦ ପିଇଛି । ବହୁଦିନ ପରେ ତାକୁ ଦେଖି ଯେଉଁ ଟିକକ ଖୁସି ମୋ ଭିତରେ ଉଛୁଳି ପଡୁଥିଲା ତାହା କ୍ରମଶଃ ଗମ୍ଭୀର ହେଇଉଠିଲା । ମୋ ପିଲାଦିନର ଅର୍ଜୁନା ଏବେ କଣ ମଦ୍ୟପ ? ଆମ ଘର ଦାଣ୍ଡ ଆଗରେ ଓଲ୍ହାଇ ପଡ଼ି ତା ଗାଲରେ ଦିଟଟକଣା ମାରି କହିଲି - ଆରେ ଶାଳା,ଏ ବୟସରୁ ମଦ ପିଇବା ଆରମ୍ଭ କଲୁଣି ତୋ ଭବିଷ୍ୟତ କଣ ହେବ ? ସିଏ ତାର ଚିରାଚରିତ ଗେଲ୍ହେଇ ହବା ଠାଣିରେ କହିଲା - ମୋ ନନାର ଚଟକଣି କେଡେ ମିଠା ମୁଁ ଛୁଆଟି ଦିନରୁ ଜାଣିଛି । ହଉ ହେଲା, ତୁମ ଗୋଡ ଧରୁଛି ଆଉ ମଦ ପିଇବିନି । ରିକ୍ସା ଭଡାର ଦ୍ୱିଗୁଣ ଦେଇ କହିଲି - ତୋ ଛୁଆଙ୍କ ପାଇଁ ଚକଲେଟ କିଣିନେବୁ । ସେ ଖୁସିରେ ଚାଲିଗଲା ।

ଗାଁ ରେ ଯେତେଦିନ ରହେ ଅର୍ଜୁନା ନିତି ଆସେ, ମୋ ପାଖରୁ ମଦ ପାଇଁ ଗାଳି ଶୁଣେ, ସେରକ ପୂରିଲା ମାଣକ ପୂରିଲା ସହିତ ଅନ୍ୟ ଗୀତ ଗାଏ ଶେଷରେ ଟଙ୍କା ନେଇ ଘରକୁ ଯାଏ । କିନ୍ତୁ ଅର୍ଜୁନାର ବୁଡି ଯାଉଥିବା ଗୋଡ଼କୁ କଣ ମୁଁ ଟାଣି ଆଣି ପାରିବି ? ସେ ତ ଥଳକୂଳହୀନ ମଦ ସମୁଦ୍ର ଭିତରକୁ ପଶି ସାରିଛି । ନିରାଶା ଭିତରେ ମୁଁ କେବଳ ଘାଣ୍ଟି ହୁଏ ସିନା କିଛି କରିପାରେନି ।

ପୁଣି କେତେବର୍ଷ ପରେ ଗାଁକୁ ଯାଇ ଦେଖିଲି ଯେ ଅର୍ଜୁନାଟା ଘୋଡା ମଦୁଆ ହେଇଯାଇଛି । ଦିନେ ସକାଳୁ ସକାଳୁ ଅର୍ଜୁନା ଆସି ମୋ ପାଖରେ ହାଜର । ତାର ବେଶ ପୋଷାକ ଦେଖି ମୁଁ ତଟକା । ଗୋବିନ୍ଦପୁର ଗାଁର ଗ୍ରାମଦେବତୀଙ୍କ ଫଟୋଟିଏ ବେକରେ ଝୁଲାଇଛି, କପାଳରେ ଲେପିଛି ବହଳିଆ ସିନ୍ଦୁର ଗାର, କାନ୍ଧରେ ଝୁଲୁଛି ଖାଲି ସିମେଣ୍ଟ ବେଗଟିଏ ଏବଂ ହାତରେ ଧରିଛି ବାଉଁଶ ଠେଙ୍ଗା । ଲମ୍ବଖମ୍ବ ହେଇ ଦଣ୍ଡବତ କରି କହିଲା - ନନା, ଠାକୁରାଣୀ ସ୍ୱପ୍ନରେ ମୋତେ ଆଦେଶ ଦେଇଛନ୍ତି ଦୁଆର ଦୁଆର ବୁଲି ଭିକ ମାଗି ତାଙ୍କର ମନ୍ଦିର ତିଆରି କରିବାକୁ । ମୋତେ କିଛି ଟଙ୍କା ସାହାଯ୍ୟ କର । ପୁଣି ଦିଟଟକଣି ତା ଗାଲରେ ବସେଇ କହିଲି - ଆରେ ଶାଳା, ଏବେ ହୋସକୁ ଆସି ତୋ ଛୁଅପିଲାଙ୍କ ଯତ୍ନ ନେ । ଅର୍ଜୁନା କାନ ଧରି କହିଲା - ଠାକୁରାଣୀ ଫଟୋକୁ ଛୁଇଁ କହୁଛି ଆଜିଠାରୁ ମଦ ପିଇବିନି । ପୁଣି ତାକୁ ଟଙ୍କା ଦେଲି ।

ମୁଁ ଜାଣେ ଅର୍ଜୁନା ବିଭିନ୍ନ ପ୍ରକାର ମିଛର ବାହାନା ଦେଖାଇ ପଇସା ନିଏ, ସେଇ ପଇସାର ମଦ ପିଏ, କିନ୍ତୁ ପିଲାମାନଙ୍କର ଭଲ ମନ୍ଦ ଖବର ବୁଝେନି, ତଥାପି ତାକୁ ମୁଁ ପଇସା ଦିଏ । କାହିଁକି ନା ଇୟେ ଅର୍ଜୁନାର ସମସ୍ୟା ନୁହେଁ ବରଂ ଆମ ସମୟର ଏକ ଦୁଃସାଧ ବ୍ୟାଧି । ଯେତେବେଳେ ବିକାଶ ନାଁ ରେ ଗାଁ ବଦଳୁଛି ସହରରେ, ସହର ବଦଳୁଛି ମହା ନଗରୀରେ ଏବଂ ମହାନଗରୀ ବଦଳୁଛି କସ୍ମୋପଲିସରେ ସେତେବେଳେ ତ ଏହାର ସର୍ବଗ୍ରାସୀ ନକାରାତ୍ମକ ପ୍ରକୋପ ଅନେକ ଅର୍ଜୁନାକୁ ମଦ ଓ ଡ୍ରଗ୍ସ ଭଳି ମାରାତ୍ମକ ନିଶାର କର୍ମକୁଣ୍ଡ ମଣିଷ କରିଦେଉଛି । ଆଉ ଏହି ପରିବର୍ତ୍ତିତ ସମାଜର ସ୍ୱାର୍ଥନ୍ବେଷୀ ବଡପଣ୍ଡାମାନେ ଡାହାଣୀ ସାଜି ଦେଶର କୋଣ ଅନୁକୋଣରେ ଖୋଲି ଦିଅନ୍ତି ନିଶାର ବିପଣି । ଆଉ ନିଶା ଏକ ସାମାଜିକ ବ୍ୟାଧି ବୋଲି ଭାଷଣ ଦେଇ ମିଛ ମିଛିକା ଅନୁତପ୍ତ ସ୍ୱରରେ କାନ୍ଦନ୍ତି - ସେରକ ପୂରିଲା ମାଣକ ପୂରିଲା ଉଠ ରେ ପୁତା ଉଠ । କିନ୍ତୁ ଏହି ପୁତାମାନଙ୍କୁ କେହି ବାସ୍ତବରେ ଉଠାଇବାକୁ ଚେଷ୍ଟା କରନ୍ତିନି , ନା ସରକାର ନା ପ୍ରଶାସନ ନା ରାଜନୀତି ଦଳ ନା ବୁଦ୍ଧିଜୀବୀ ନା ଆଉ କେହି । ଅର୍ଜୁନାମାନେ ଶେଷରେ ଏମିତି ହୀନସ୍ତା ହୁଅନ୍ତି ।

ଲୋକେ କହନ୍ତି ମୁଁ କାଳେ ଅପାତ୍ରରେ ଦାନ କରୁଛି । ହେଇପାରେ ଏହା ମୋର ଅପାତ୍ରର ଦାନ କିନ୍ତୁ ଅର୍ଜୁନା ଓ ମୋ ଭିତରେ ଯେଉଁ ସ୍ନେହ ଓ ଭଲପାଇବାର ସେତୁ ପିଲାଟି ଦିନରୁ ତିଆରି ହେଇଛି ତାକୁ କଣ ପାତ୍ର-ଅପାତ୍ରର ପରିଭାଷା ଭିତରେ ବୁଝିହେବ !!! ମୁଁ ଜାଣେ ଅର୍ଜୁନା ଚୋରି କରେନି, କାହାକୁ ଠକାଏନି କିନ୍ତୁ ମିଛ ସତ କହି ମଦ ପିଏ, ନିଜକୁ ଧ୍ୱଂସ କରେ । ସେ ପାତ୍ର ହେଉ ବା ଅପାତ୍ର ହେଉ, ସେ କିନ୍ତୁ ମୋ ପିଲାଦିନର ଏକ ଅଭୁଲା ସ୍ମୃତି, ଯାହା ପ୍ରତି ମୁଁ ରକ୍ଷ ହେଇପାରିବିନି । ତଥାପି ମଦ୍ୟପାନରୁ ତାକୁ ପାରୁପର୍ଯ୍ୟନ୍ତ ନିବର୍ତ୍ତାଏ ।

ଏଥର ପୁଣି କିଛି ବର୍ଷ ଅତିକ୍ରାନ୍ତେ ଗାଁ ରେ ପହଂଚି ଶୁଣିଲି ଅର୍ଜୁନାର ସ୍ୱାସ୍ଥ୍ୟ ଅବସ୍ଥା ସାଙ୍ଘାତିକ । ଡାକ୍ତଖାନାକୁ ତାକୁ ନେଇଯାଇଥିଲେ କିନ୍ତୁ ଡାକ୍ତର ତାକୁ ଫେରାଇଦେଲେ । ସେ ଘର ଭିତରେ ଆଠଦିନ ହେଲା ପଡିଛି । ପୁରାଦେହ ଫୁଲିଯାଇଛି । ତାର ହୋସ ନାହିଁ । ମନ ମୋର ଦୁଃଖ ଓ ନିରାଶାରେ ଅତ୍ୟନ୍ତ ଛଟ ପଟ ହେବାକୁ ଲାଗିଲା । ତାକୁ ଦେଖିବାର ଆବେଗ ମୋତେ ମଛି ପକାଇଲା, ସତେକି ତାର-ମୋର ଭଲପାଇବାର ସେତୁଟା ଅକାଳରେ ଭାଙ୍ଗିଯିବ ?

ତା ଘରେ ପହଂଚି ଦେଖେତ ଅର୍ଜୁନା ଗୋଟିଏ ମୋଟା ମଳିକୁଟିଆ ସପ ଉପରେ ଶୋଇଛି । ଏମିତି ଫୁଲିଯାଇଛି ଯେ ଚିହ୍ନି ହେଉନି । ତାକୁ ଅର୍ଜୁନା ଅର୍ଜୁନା ବୋଲି ଦୁଇ ତିନିଥର କମ୍ପିତ ସ୍ୱରରେ ଡାକିଲି । ସେ ଶୁଣିଲା ନାହିଁ । ବୋଧେ ତାର ମାଣକ-ସେରକ ପୁରିଗଲାଣି । ମୋ ଛାତିରେ ଉଠୁଥିଲା ଯନ୍ତ୍ରଣାର ଜୁଆର ଓ କୋହର ଧୂଆଁ । ବାଷ୍ପରୁଦ୍ଧ କଣ୍ଠରେ କହିଲି - ମାଣକ ପୂରିଲା ସେରକ ପୂରିଲା ଉଠରେ ପୁତା ଉଠ......।

ଅର୍ଜୁନା ଆଖି ଖୋଲିଲା, ମୋତେ ଚାହିଁଲା । କଣ କହିବାକୁ ବୋଧେ ଚେଷ୍ଟା କରୁଥିଲା, କହିପାରିଲାନି କିନ୍ତୁ ତାର ଆଖି ବୁଜିଗଲା ନିମିଷକେ ସବୁଦିନ ପାଇଁ ।

ସେଠାରୁ ଫେରିଆସିଲି ବେଦନା ପ୍ଲାବିତ ହୃଦୟରେ ନଈ କୂଳକୁ । ବୁଢ଼ୀ ବରଗଛ ତଳେ ବସି ଗଛର ଡାଳ ପତ୍ରକୁ ଆର୍ଦ୍ର ଦୃଷ୍ଟିରେ ଚାହିଁଲି କିନ୍ତୁ କପୋତୀକୁ କେଉଁଠି ଦେଖିଲିନି । କିନ୍ତୁ ମୋ ଭିତରେ ଶୁଭୁଥିଲା ଅର୍ଜୁନାର କାରୁଣ୍ୟ ସ୍ୱର - ସେରକ ପୂରିଲା ମାଣକ ପୂରିଲା ଉଠ ରେ ପୁତା ଉଠ ।

■■■

# ଆର୍ଦ୍ରସ୍ମୃତି

ଶ୍ରୀମତୀ ସୁମନିକା ମିଶ୍ର





ବର୍ଷା ଋତୁ ହେଲା ସୁନିତା ର ସବୁଠୁ ପ୍ରିୟ। ଯିଏ ଶୁଣନ୍ତି ତାକୁ କୁହନ୍ତି "ଏହେ, ବର୍ଷା ହେଲେ ଭାରି ଉଦାସୀନ ଲାଗେ, ଚାରିଆଡ଼େ ପାଣି କାଦୁଅ ପଚ୍-ପଚ୍, ଘର ଭିତର ଟା ବି ଓଦା ଓଦା ଲାଗୁଥାଏ, ଲୁଗା ଦିଖଣ୍ଡ ବି ସୁଖେନି ଭଲରେ, କଣ ଏଥିରେ ଭଲ ଲାଗିବାର ଅଛି ଯେ" ଏମିତି କେତେ ଅଭିଯୋଗ କରନ୍ତି ସମସ୍ତେ। ହେଲେ କୌଣସି କଥା ଆଜିଯାଏଁ ସୁନିତା ର ମନ ରୁ ବର୍ଷା ପ୍ରତି ତାର ଅହେତୁକ ଆକର୍ଷଣ କୁ କମ୍ କରିପାରିନି।

ବର୍ଷା ହେବାର ସମ୍ଭାବନା ରେ ହିଁ କୃଷ୍ଣବର୍ଣ୍ଣ ପାଲଟି ଯାଉଥିବା ଆକାଶ ଠୁ ନେଇ ମନ ଭରି ନିଝୁମ୍ ବର୍ଷି ସାରିବା ପରର ନିର୍ମଳ ନିଳିଆ ଆକାଶ ପର୍ଯ୍ୟନ୍ତ ପ୍ରତି ଟି ମୁହୂର୍ତ୍ତ ରେ ତା ମନସ୍କ କୁ ଛୁଇଁ ଭାସି ଯାଆନ୍ତି ଅଗଣିତ ସ୍ମୃତି।

ପିଲା ଦିନ ରେ ଯେଉଁଦିନ ଅପରାହ୍ନ ରେ ହଠାତ୍ କଳାମେଘ ଘୋଡ଼େଇ ଦିଏ ଆକାଶ କୁ ସୁନିତା ର ମନ ଉଲ୍ଲସିତ ହେଇଯାଏ। ଖରାବେଳ ଟା, ଖାଇ ସାରିକି ବାପା ଶୋଇବେ ନିଶ୍ଚୟ ଟିକେ, ଆଉ ମା ବି ସବୁ କାମ ସାରିକି ଟିକେ ଗଡିବ। ତାପରେ ଠିକ୍ ବର୍ଷା ଟା ଯେତେବେଳେ ଯୋର୍ ରେ ହବ, ମନ ଭରି ବର୍ଷା ପାଣି ରେ ଖେଳିବି ଆଉ ଭଲିକି ଭଲି ଡଙ୍ଗା ଭସେଇବି, କେହି କଟକଣା କରିବାକୁ ନଥିବେ। ସେଇଥିରେ ତାକୁ ମିଳି ଯାଉଥିଲା ଅସୀମ ଆନନ୍ଦ।

ଟିକିଏ ବଡ଼ କ୍ଲାସ୍ କୁ ଗଲାପରେ ଯେତେବେଳେ ସ୍କୁଲ ସାଙ୍ଗେ ଟ୍ୟୁସନ୍ ର ବୋଝ ବି ପଡ଼ିଗଲା, ଝିପଝିପି ବର୍ଷା କୁ ଚାତକ ପକ୍ଷୀ ପରି ଅନେଇ ଥାଏ ସୁନୀତା। କେଉଁଦିନ ଅକସ୍ମାତ୍ ଯଦି ବର୍ଷା ହେଇଗଲା ଖୁସି ରେ ଆତ୍ମହରା ହେଇଯାଏ କାରଣ ଟ୍ୟୁସନ୍ ସାର୍ ପାଖ ଗାଁ ରୁ ସାଇକଲ୍ ରେ ଆସନ୍ତି, ସେ ଆଉ ଆସି ପାରିବେନି। ଆଉ ସାଙ୍ଗ ମାନେ ଯଦି ଆଗୁଆ ପଳେଇ ଆସିଥିବେ ବର୍ଷା ହେବା ପୂର୍ବରୁ ତାହେଲେ ଆହୁରି ଦ୍ୟୁଗୁଣିତ ହେଇଯାଏ ତାର ଖୁସି। ପାଠ ତ ପଢିବାକୁ ପଡ଼ିବନି ଆହୁରି ପୁଣି ଗପସପ ଜମିବ ସାଙ୍ଗ ମାନଙ୍କ ସହ, କାହା ମାମୁଘର ଗାଁ କଥା ତ କାହା ପିଉସୀ ଘର ଗାଁ କଥା ତ କେତେବେଳେ ଭୂତପ୍ରେତ କଥା କେତେ କଣ ଗପିବେ। ମଝିରେ ପୁଣି ମା କିଛି ନା କିଛି ସୁସୁଆଦିଆ ଜଳଖିଆ ପରସିବେ ନିଶ୍ଚୟ। ଆଉ ବର୍ଷା ଛାଡ଼ିଯିବା ପରେ ଲାଇନ୍ ଆସିଗଲେ ଯେଉଁ ମିଞ୍ଜି ମିଞ୍ଜି ଜଳୁଥିବା ବଲବ୍ ଦବ୍ ଦବ୍ ହେଇ ଜଳିଉଠେ, ଅନ୍ୟ କେଉଁ ଏକ ସହର ରେ ପହଁଚିଗଲା ପରି ଲାଗେ ସୁନୀତା କୁ।

ଆଉ ସୁନୀତା ଯେତେବେଳେ ହାଇ ସ୍କୁଲ କୁ ଗଲା ବର୍ଷା ର ରିମଝିମ୍ ସ୍ୱର, ତାର ଅଜାଣତରେ ରୋମାଞ୍ଚିତ କଲା ତ ମନ ପ୍ରାଣ କୁ। ବର୍ଷା ହେବା ପୂର୍ବର ସେ ଶୀତଳ ସ୍ନିଗ୍ଧ ପବନ ବେକାବୁ କରିଦିଏ ତାର ମନ କୁ। ସବୁ କାମ ଛାଡ଼ି ସେ ବସିରହେ ତାଙ୍କ ଛାତ ଉପରେ ବର୍ଷା ର ବାଟ କୁ ଚାହିଁ। ଯେମିତି ବର୍ଷା ଟିକେ ଘନେଇ ଆସେ ଏବଂ ମୁଷଳ ବର୍ଷେ, ସୁନୀତା ଆକାଶ କୁ ଅନେଇ, ତାର ଓଢ଼ଣୀ ଉଡେଇ ଗୋଲ ଗୋଲ ବୁଲେ କେଉଁ ଏକ ଫିଲ୍ମ ର ନାୟିକା ପରି। ଘଞ୍ଚ କଳା କେଶ ତାର ବର୍ଷା ରେ ତିନ୍ତି ଚକଚକ୍ ହେଉଥାଏ। ଟିକିଏ ଦୂରରେ ଥିବା ଘର ର ଛାତ ଉପରେ ତାକୁ ଏକତରଫା ପ୍ରେମ କରୁଥିବା ପ୍ରେମିକ ତାକୁ ଚାହିଁ ବସିଥାଏ ଏବଂ ଆହୁରି ଆହୁରି ଭିଜି ଚାଲିଥାଏ ସୁନୀତା ର ପ୍ରେମ ରେ। ସୁନୀତା କିନ୍ତୁ କିଛି ନ ଜାଣିଲା ଭଳିଆ ଓହ୍ଲେଇ ଆସେ ତଳକୁ ବର୍ଷା ଛାଡ଼ିଗଲେ।

ତାପରେ ସେ କଲେଜ ପାଠ ପଢିବାକୁ ହଷ୍ଟେଲ ରେ ଯାଇଁ ରହିଲା। ସେଠି ବର୍ଷା ଦିନର ନିଆରା ମଜା।

ଦିମହଲା ହଷ୍ଟେଲ କୋଠା ର ଉପର ମହଲା ରେ ତାର ରୁମ୍। ତାରି ବେଡ୍ କୁ ଲାଗି କି ଝରକା। ବର୍ଷା ହେବା ର ସମ୍ଭାବନା ଦେଖାଦେଲେ ସୁନୀତା ଆଉ ତାର ସାଙ୍ଗ ମାନଙ୍କର ବି ପ୍ରସ୍ତୁତି ଆରମ୍ଭ ହେଇଯାଏ। ସାଙ୍ଗେ ସଙ୍ଗେ ଇମରସନ ହିଟର ରେ ଚା ଟା ବସେଇ ଦେଇ ମୁଢ଼ି, ମିକ୍ଚର, ପିଆଜ ଓ ଆଚାର ତେଲ ଗୋଳେଇ ମସଲା ମୁଢ଼ି ଟା ତିଆରି କରିବାରେ ଲାଗି ପଡନ୍ତି। ସୀମିତ ସାମଗ୍ରୀ ରେ ତିଆରି ହେଇଥିବା ସେ ଖାଦ୍ୟ ର ସ୍ବାଦ ଅସୀମିତ। ମୁଢ଼ି ମୁଠାଟେ ପାଟି ରେ ପକେଇ, ଚା ଢୋକେ ପିଇ ଅସୁମାରୀ ବର୍ଷା ରେ ଭିଜି ଯାଉଥିବା ଗଛ ର କଅଁଳି ସବୁଜ ପତ୍ର ସବୁ କୁ ଦେଖି ଉପଭୋଗ କରେ ସେ। କେତେବେଳେ ତା ଘର ଲୋକଙ୍କୁ ଝୁରି ହୁଏ ତ କେବେ ପିଲାଦିନ ର ସାଙ୍ଗସାଥି ମାନଙ୍କୁ ମନେ ପକାଏ ତ ଆଉ କେତେବେଳେ ତାର କେଉଁ ସାଙ୍ଗ ପାଖରେ ତା କେମିତି ବିବାହ ହବ, କିଏ ଭାବି ସ୍ବାମୀ ହବ ଏବଂ ତାର ଧନ ସମ୍ପତ୍ତି ର ଆକଳନ କରାଏ।

ଏମିତି ଚାହୁଁ ଚାହୁଁ ଜୀବନ ରେ କେତେ ବର୍ଷା ଋତୁ ବିତିଗଲାଣି। ଏବେ ସୁନୀତା ବିବାହିତ। ତା ସ୍ୱାମୀ ଙ୍କ ସହ ଏକ ମହାନଗର ରେ ରହୁଚି। ତାଙ୍କ ଅଫିସ୍ ଘରଠୁ ପ୍ରାୟ ଦେଢ଼ ଘଣ୍ଟା ଲାଗେ କାର୍ ରେ। ଯେଉଁଦିନ ସେଠି ସନ୍ଧ୍ୟା ରେ ବର୍ଷା ହୁଏ ସେ ଆଉ ଫେରି ପାରନ୍ତିନି ଏତେ ରାତିରେ, ସେଠି ତାଙ୍କର ଜଣେ ସାଙ୍ଗ ଘରେ ରହିଯାନ୍ତି। ଆଉ କେବଳ ସେଇ ଯୋଗୁଁ ବର୍ଷା ଏବେ ବି ସୁନୀତା ର ଅତିପ୍ରିୟ। ରାକେଶ ଯେଉଁଦିନ ତାକୁ ପ୍ରଥମ ଥର ଦେଖିବାକୁ ତାଙ୍କ ଘରକୁ ଆସିଥିଲେ ସେଇ ଦିନଠୁ ତାଙ୍କର ରକ୍ଷ କଥାବାର୍ତ୍ତା ସୁନୀତା ର ମନକୁ ପାଇନଥିଲା। ତାଙ୍କର ପୁରୁଣା କାଳିଆ ଚିନ୍ତାଧାରା ଅଣନିଶ୍ୱାସି କରି ପକାଏ ସୁନୀତା କୁ। ବୟସ ରେ ବହୁତ୍ ବଡ଼ ତା ଠୁ, ସେଠି ବାହା ନ ହେବାକୁ ବାରମ୍ବାର ତା ମା ଙ୍କୁ କହିବା ସତ୍ତ୍ୱେ କିଛି ଲାଭ ହେଇନଥିଲା ତାର। ତା ମା, ସୁନୀତା ର ବାପା ଙ୍କ କାନ ପର୍ଯ୍ୟନ୍ତ ବି ଯିବାକୁ ଦେଇନଥିଲେ ସେ କଥା କୁ। ଯେତେବଳେ କହିଲା "ବାହାଘର ପରେ ପୁଅ ମାନେ ବଦଳି ଯାଆନ୍ତି" କହିକି ବୁଝେଇ ଦିଅନ୍ତି। କିନ୍ତୁ ବାହାଘର କୁ ଦଶ ବର୍ଷ ହୋଇ ଗଲାଣି ସୁନୀତା ର ଜୀବନ ରେ ଆଜିଯାଏଁ କିଛି ବି ବଦଳିନି। ସେଇ ବାଧ୍ୟ ବାଧକତା ର ବୋଝ, ସେଇ ଅସୁମାରୀ କୋହ ଛାତି ତଳେ ଚାପି ଶ୍ୱାସ ରୁଦ୍ଧ ଜୀବନ ଟେ ବଞ୍ଚୁଚି ସେ। ଅକାଳେ ଏମିତି କେଉଁଦିନ ଝିପିଝିପି ବର୍ଷା ହେଲେ କିଛି ମୁହୂର୍ତ୍ତ ପାଇଁ ନାଚି ଉଠେ ତା ମନ। ସେଇ ସୁଁ ସୁଁ ପବନ ରେ ସେ ତାର ସ୍ବାଧୀନତା କୁ ପାଏ, ସେଇ ଘଡଘଡି ର ଶବ୍ଦ ତାର ଦବି ରହିଥିବା କ୍ରୋଧ ର ଚିତ୍କାର କୁ ଶୁଣେ, ସେଇ ଚକ୍ ଚକ୍ ବିଜୁଳି ର ଆଲୋକ ରେ ଅଭିମାନ ଭରା ତାର ଦି ଆଖି ଭଳି ମନେ ହୁଏ ଆଉ ସେଇ ଝିପିଝିପି ବର୍ଷା ରେ ତାର ଅସରନ୍ତି ଲୁହ ଝରି ଗଲା ପରି ଲାଗେ ତାକୁ। ତାର ଅତିପ୍ରିୟ ବର୍ଷା କୁ ବିକଳ ହେଇ ସାରା ଜୀବନ ଏମିତି ଅବିରାମ ବରଷିବାକୁ ଅନୁରୋଧ କରୁଥାଏ।

■■■

**ପ୍ଲାନୋ, ଟେକ୍ସସ୍, ଆମେରିକା**



ଶାରଦୀୟ ଅଭିନନ୍ଦନ

# ଦିଗହରା ଆଜି ଦଶହରା

ଡା.ଘନଶ୍ୟାମ ଜୈନ





ଆଗକୁ ଆସୁଛି ଦଶହରା।,ଆମ ପ୍ରାଚୀନ ହିନ୍ଦୁ ସନାତନ ଧର୍ମର ଏକ ମହାନ ପର୍ବ।କେତେ ଉତ୍ସାହ,କେତେ ଉଦ୍ଦୀପନା।ପ୍ରତ୍ୟେକ ପର୍ବପର୍ବାଣି ପଛରେ ଆମ ମହାମନିଷି ତଥା ପୂର୍ବ ସୁରିମାନଙ୍କର ଯେ ଏକ ଯଥାର୍ଥ ଆଭିମୁଖ୍ୟ ଥିଲା,ଏହା କେହି ଅସ୍ବୀକାର କରି ପାରିବେ ନାହିଁ। ପୂର୍ବରେ ଥିବା ରାଗ,ଦ୍ବେଷ,ଇର୍ଷା,ବୈମନଷ୍ୟ ଭାବକୁ ଦୂର କରି ଏକ ମହାନ ଆଡ଼ମ୍ବର ମାଧ୍ୟମରେ ସମସ୍ତ ବନ୍ଧୁ ବାନ୍ଧବ ( ଦୂର ଦୁରାନ୍ତରେ ଥିବା) ମାନଙ୍କ ମିଳନର ଏକ ଅପୂର୍ବ ସୁଯୋଗ। ଭାବର ଆଦାନ ପ୍ରଦାନ। ଆତ୍ମୀୟତା ପ୍ରକାଶ କରିବାର,ପରିବାର,ସମାଜ ଏବଂ ରାଷ୍ଟ୍ରକୁ ଭ୍ରାତୃଭାବ ଏବଂ ଏକତାର ସୂତ୍ରରେ ବାନ୍ଧିବାର ଏକ ସୁପରିକଳ୍ପିତ ଯୋଜନା ଥିଲା ଏହାର ପବିତ୍ର ଲକ୍ଷ। ମହାନ ସନ୍ଥସ୍ବରୂପ ସ୍ବାଧୀନତା ସଂଗ୍ରାମୀ ବାଳ ଗଙ୍ଗାଧର ତିଳକ ଙ୍କ ଭାରତବର୍ଷରେ ପ୍ରଥମ କରି ସାର୍ବଜନୀନ ଗଣେଶ ପୂଜା ଆରମ୍ଭ କରିବା ପଛରେ ଏହି ମହାନ ଉଦ୍ଦେଶ୍ୟ ହିଁ ସନ୍ନିହିତ ଥିଲା।

କିନ୍ତୁ ଅଧୁନା ପ୍ରଶ୍ନ ଉଠୁଛି,କଣ ଆମେ ସତରେ ସେହି ଲକ୍ଷକୁ ହାସଲ କରି ପାରିଛୁ? ଯେ କୌଣସି ଧର୍ମାନୁଷ୍ଠାନର ମୂଳ ଲକ୍ଷ ହେଲା,ସମାଜ ଏବଂ ଭାବି ପିଢୀକୁ ଏକ ଉନ୍ନତ ସୁସଂସ୍କାର ଦେବା ସହିତ ଏକ ସୁଖମୟ,ଶାନ୍ତିମୟ ଏବଂ ଆନନ୍ଦମୟ ବାତାବରଣର ସୃଜନ କରିବା। ଆମେ କଣ ସତରେ ତାହା ଆଜି କରି ପାରିଛୁ? ଆଜି ଆତ୍ମନିରୀକ୍ଷଣ ସହ ଆତ୍ମସମୀକ୍ଷାର ବେଳ ଆସିଛି।

ସହରର ମୁଖ୍ୟ ରାସ୍ତାକୁ ଦିନ ଦିନ ଧରି ଜୋର ଜବରଦସ୍ତ ଅବରୋଧ କରି ରଖିବା,ପୂଜା ନାଁ ରେ ମଣ୍ଡପ କରି ହଜାର ହଜାର ଲୋକଙ୍କ ପଥରୋଧ କରିବା,ଜୋର ଜୁଲମ ପୂର୍ବକ ନିରୀହ ଲୋକଙ୍କଠାରୁ ଚାନ୍ଦା ଆଦାୟ କରି ପୂଜା ନାଁ ରେ ତାର ଅପବ୍ୟୟ କରିବା,ପୂଜାର ସାତ୍ତ୍ୱିକ ପରମ୍ପରାକୁ ଏଡେଇଦେଇ ଅଶ୍ଳୀଳ ସଙ୍ଗୀତ ପରିବେଷଣ କରିବା,ଅର୍ଦ୍ଧନଗ୍ନ,ନଷ୍ଟ ଚରିତ୍ର ତଥା ସମାଜରେ ନିନ୍ଦିତ ନାଚୁଣୀମାନଙ୍କର ଲଜ୍ଜାହିନ ନାଚ ପ୍ରଦର୍ଶନ କରିବା ଏବଂ ଶେଷରେ ମେଢ଼ ବିସର୍ଜନ ସମୟରେ ସରକାରୀ ନିୟମ କାନୁନ କୁ ପାଦରେ ଦଳି ଘଣ୍ଟା ଘଣ୍ଟା ଧରି ରାସ୍ତା ଅବରୋଧ କରି ପାରିପାର୍ଶ୍ୱିକ ବାତାବରଣ କୁ କଳୁଷିତ କରିବା,ଶବ୍ଦ ଏବଂ ବାୟୁ ପ୍ରଦୂଷଣ କରିବା ଯେ କେତେଦୂର ସମୀଚିନ,ତାହା ଆଜିର ଚିନ୍ତନଶୀଳ ସମାଜର ମୁଷ୍ଟିମେୟ ତଥାକଥିତ ଜ୍ଞାନୀ ଏବଂ ବିଜ୍ଞ ବ୍ୟକ୍ତିମାନେ ବିଚାର କରିବା ଉଚିତ। ସରକାରଙ୍କୁ ମଧ୍ୟ ଏ ବିଷୟରେ ସୁଫଳଦାୟକ କିଛି କାର୍ଯ୍ୟକ୍ରମ ହାତକୁନେବା ଉଚିତ। କିନ୍ତୁ ଯେତେ ପର୍ଯ୍ୟନ୍ତ ଜନସାଧାରଣ ଏଥିରେ ସହଯୋଗ ନ କରିଛନ୍ତି,ସେତେବେଳ ପର୍ଯ୍ୟନ୍ତ କେବଳ ସରକାର ଯେ ସେ ସବୁ ସମସ୍ୟାର ସମାଧାନ କରିଦେବେ,ତାହା ମଧ୍ୟ ଆଶା କରିବା ବୃଥା।

ଇଂରାଜୀରେ କୁହାଯାଇଛି,

"It is not because of wrongful activities of few wicked minded people,who can be counted on finger tips,that we are suffering,but because of the deadly silence of much larger majority of good people,who really want peace and happiness in society".

ଅର୍ଥାତ କିଛି ମୁଷ୍ଟିମେୟ ଖଳ ଲୋକଙ୍କ ବିକୃତ ମାନସିକତାର ଶରବ୍ୟ ହେଇ ଜନସସାଧାରଣ ଯେତିକି ଦୁଃଖ ପା'ନ୍ତି ନାହିଁ, ତା ଅପେକ୍ଷା ତଥାକଥିତ ଶାନ୍ତପ୍ରକୃତିର ଭଦ୍ର ବ୍ୟକ୍ତିମାନଙ୍କ ଉଦାସୀନତା ପାଇଁ ଆମେ ବେଶୀ କଷ୍ଟ ପାଇଥାଉଁ।

ଆଉ ଗୋଟିଏ ଦୃଶ୍ୟ ଏବଂ ଅତି ଲଜ୍ଜାର ପରମ୍ପରା ହେଉଛି ପଶୁବଳି।ଆଜିର ଆଧୁନିକ ଯୁଗରେ ମଧ୍ଯ ଆମେ ଯେ କେତେ ମୂର୍ଖ ଏବଂ ଧର୍ମାନ୍ଧ, ତା ଏଇ ପ୍ରଥାରୁ ସହଜରେ ଅନୁମେୟ। ଆମର ଏକ ଭୌତିକ କାମନାର କାଳ୍ପନିକ ପୂର୍ଣ୍ଣତା ପାଇଁ ତଥାକଥିତ ଦେବାଦେବୀଙ୍କ ଠାରେ ଏକ ନିରୀହ ମୁକ ପଶୁକୁ ବଳି ଦେଇ ଆତ୍ମସନ୍ତୋଷ ଲାଭ କରିବାର ଏକ ବ୍ୟର୍ଥ ପ୍ରଚେଷ୍ଟା ମାତ୍ର। ଏକ ପଟରେ ଆମେ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖ ନିଃସୃତ ଭଗବତ ଗୀତାକୁ ସବୁଠାରୁ ପବିତ୍ର ଗ୍ରଂଥ ବୋଲି ତାର ପୂଜା କରୁଛୁ। ଅନ୍ୟ ପକ୍ଷରେ ସେଇଥିରେ ବର୍ଣ୍ଣିତ ଉପଦେଶାବଳୀକୁ ହେୟ ମନେକରି ନିଜର କ୍ଷଣିକ ସ୍ୱାର୍ଥସାଧନ ପାଇଁ ମାନସ ପଟଳରୁ ଦୁରେଇ ଦେଉଛୁ।

ସ୍ପଷ୍ଟଭାବରେ ଭଗବାନ ଶ୍ରୀକୃଷ୍ଣଙ୍କ ଗୀତରେ ଉଲ୍ଲେଖ ଅଛି।

ଅଭିସନ୍ଧାୟ ତୁ ଫଳମ,
ଦମ୍ଭାର୍ଥଂ ଅପି ଚ ଇଭା ୟତ,
ଇଜ୍ୟତେ ଭରତଶ୍ରେଷ୍ଠ
ତମ ଯଜ୍ଞମ ବିଧି ରାଜସଂ ।

ଅର୍ଥାତ ଅନେକ ସମୟରେ ଧରମାଚରଣ ର ଏକ ପନ୍ଥା ଭାବି ନିଜର ଭୌତିକ ଲାଳସାକୁ ଚରିତାର୍ଥ କରିବା ଉଦ୍ଦେଶ୍ୟରେ ଯେଉଁ ତ୍ୟାଗ,ବଳୀ କିମ୍ବା ପ୍ରଥାକୁ ଅବଲମ୍ବନ କରାଯାଏ କିମ୍ବା ନିଜର ଦାମ୍ଭିକତା ବା ଗର୍ବାନ୍ଧତାକୁ ପରିପ୍ରକାଶ କରିବା ଉଦ୍ଦେଶ୍ୟରେ କରାଯାଏ,ତେବେ ତାହା ବାସ୍ତବରେ ରାଜସିକ ଗୁଣ ସମ୍ପନ୍ନ ଅଟେ ଏବଂ ଗ୍ରହଣୀୟ ହେଇ ନ ପାରେ।

ଯେଉଁ ଈଶ୍ୱର ଆମ ସମସ୍ତଙ୍କ ସୃଷ୍ଟିକର୍ତ୍ତା,ସେ ମଧ୍ୟ ସେଇ ନିରୀହ ପଶୁମାନଙ୍କ ସୃଷ୍ଟିକର୍ତ୍ତା। ତାଙ୍କରି ସୃଷ୍ଟିକୁ ଆମ ନିହିତ ସ୍ୱାର୍ଥସାଧନ ପାଇଁ ଅକାରଣରେ ଆମେ ଯଦି ବିନାଶ କରିବା,ତେବେ ସର୍ବମୟ ସୃଷ୍ଟିକର୍ତ୍ତା କେବେହେଲେ ଆମକୁ କ୍ଷମା କରିବେ ନାହିଁ। ଏଇ ଧରାପୃଷ୍ଠରେ ଆମର ଯଦି ବଞ୍ଚିବାର ଅଧିକାର ଅଛି,ତେବେ ସେମାନଙ୍କର ମଧ୍ଯ ତଦ୍ରୁପ ସମାନ ଅଧିକାର ଅଛି। ଯଦି ବଳି ହିଁ ଦେବା କଥା, ତେବେ ଆସନ୍ତୁ,ଆଜିର ଏଇ ପବିତ୍ର ଦିନରେ ଆମେ ସମସ୍ତେ ଆମ ଅନ୍ତରରରେ ଅନ୍ତର୍ନିହିତ ପାଶବିକତାକୁ ବଳି ଦେବା ପାଇଁ ମାଁ ଙ୍କ ପାଦ ପଦ୍ମରେ ପ୍ରତିଜ୍ଞାବଦ୍ଧ ହେଇ ଏକ ସୁସ୍ଥ ମାନବ ସମାଜ ଗଠନରେ ସହଭାଗୀ ହେବା। ଏହା ହିଁ ଆଜିର ଏଇ ପବିତ୍ର ଦିବସର ଅନୁଚିନ୍ତା ହେଉ।

ସ୍ତ୍ରୀ ରୋଗ ବିଶେଷଜ୍ଞ, ଟିଟିଲାଗଡ଼

■■■



# ପୁଅ ଜିଉଁତିଆ

ବିରଞ୍ଚି ମିଶ୍ର





ଆଶ୍ୱିନ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ପଶ୍ଚିମ ଓଡ଼ିଶା ଓ ଏହାର ସଂଲଗ୍ନ ଛତିଶଗଡ଼ ଓ ଝାରଖଣ୍ଡର କିଛି ଅଞ୍ଚଳରେ, ପୁଅ ମାନଙ୍କର ମଙ୍ଗଳ କାମନା କରି ମାଆମାନେ "ପୁଅ ଜୀଉଁତିଆ" ବ୍ରତ ପାଳନ କରି ଥାଆନ୍ତି । ଆଗରୁ କେବଳ ପୁଅମାନଙ୍କ ପାଇଁ ଏହି ବ୍ରତ ପାଳିତ ହେଉଥିବାରୁ ବୋଧ ହୁଏ ଏହାର ଏପରି ନାମକରଣ ହୋଇଛି । ତେବେ ଆଜିକାଲି ଏହା ପୁଅ ଓ ଝିଅ ଉଭୟଙ୍କ ପାଇଁ ପାଳିତ ହେଉଛି । ଖାଲି ସେତିକି ନୁହେଁ, ନିଜ ଜନ୍ମିତ ସନ୍ତାନ ବ୍ୟତୀତ ଅନ୍ୟ ଯେଉଁ ମାନଙ୍କୁ ପୁଅ ଭଳି ମାନ୍ୟ କରାଯାଏ, ଯଥା - ପୁତୁରା, ଭଣଜା ଇତ୍ୟାଦିଙ୍କ ପାଇଁ ମଧ ମାଆମାନେ ଏହି ବ୍ରତ ପାଳନ କରି ଥାଆନ୍ତି ।

ଏହି ବ୍ରତର ମୁଖ୍ୟ ଉପାଦାନ ହେଲା ରାକ୍ଷୀ ଭଳି ଏକ ସୂତାର ବ୍ରତ । ଯାହାକୁ ପଶ୍ଚିମ ଓଡ଼ିଶାରେ ଜୁଁତିଆ (ଜୀଉଁତିଆ) କୁହାଯାଏ । ବ୍ରତ ଦିନ ମାଆମାନେ ୧୦୮ ଦୂବ, ୧୦୮ ଅଭଙ୍ଗା ଅରୁଆ ଚାଉଳ କୁ ଏକ ଶାଳ ପତ୍ରରେ ରଖି ତା' ଉପରେ ଏକ ଫୁଲ ଦେଇ ତାକୁ ଜୀଉଁତିଆ ଦ୍ୱାରା ପୁଡ଼ା ବାନ୍ଧି ଥାଆନ୍ତି । ଯେତେ ଜଣ ପୁଅ ଝିଅ ସେତିକି ଟି ପୁଡ଼ା କରାଯାଇଥାଏ । ସନ୍ଧ୍ୟା ସମୟରେ ଏହି ଦୂବ ପୁଡ଼ାଗୁଡ଼ିକୁ "ଦୂତି ବାହନ" ଙ୍କ ଠାରେ ଅର୍ପଣ କରାଯାଏ । ତେଣୁ ଏହି ବ୍ରତ "ଦୂତୀ ବାହନ ଓଷା" ନାମରେ ମଧ ନାମିତ ।

ମାଆମାନେ ଏକାକୀ ନିଜ ନିଜ ଘରେ କିମ୍ବା କୌଣସି ଦେବୀ ମନ୍ଦିରରେ ଅଥବା ସାମୁହିକ ଭାବରେ ସାହି ପଡ଼ିଶା ର ଅନ୍ୟମାନଙ୍କ ସହିତ ମିଶି ଏକ ସାର୍ବଜନୀନ ସ୍ଥାନରେ ଏହି ପୂଜା କରି ଥାଆନ୍ତି ଓ ପୂଜାପରେ "ଦୂତୀ ବାହନ" କଥା ଶ୍ରବଣ କରି ଥାଆନ୍ତି । ବନ୍ଧ୍ୟା ଦୋଷଥିବା ସ୍ତ୍ରୀ ଲୋକମାନେ ଏହି ଓଷା ପାଳନକଲେ ତାଙ୍କର ବନ୍ଧ୍ୟାଦୋଷ କଟି ସେମାନେ ସନ୍ତାନବତୀ ହୋଇଥାଆନ୍ତି ବୋଲି ବିଶ୍ୱାସ କରାଯାଏ । ପୂଜାରେ ସମସ୍ତେ ନୂଆଲୁଗା ପିନ୍ଧିଥାଆନ୍ତି ।

ଏହି ବ୍ରତ ପାଳନ ଏକ କଠିନ କାର୍ଯ୍ୟ, କାରଣ ଏହି ବ୍ରତ ପାଳନ କରୁଥିବା ମାଆମାନେ ସେଦିନ ନିରାହାର ଓ ନିର୍ଜଳା ଉପବାସ କରି ଥାଆନ୍ତି । ପରଦିନ ସକାଳୁ ଗାଧୁଆ ସାରି ମାଆମାନେ ନିଜ ସନ୍ତାନ ମାନଙ୍କୁ ପୂର୍ବଦିନ ପୂଜା ହୋଇଥିବା ଦୂବ ପୁଡ଼ାରେ ବନ୍ଦାପନା କରିଥାଆନ୍ତି ।

ପଶ୍ଚିମ ଓଡ଼ିଶାର ଏହି "ପୁଅ ଜୀଉଁତିଆ" ବା "ଦୂତୀ ବାହନ ଓଷା" କୁ ଉପକୂଳ ଓଡ଼ିଶାର "ପ୍ରଥମାଷ୍ଟମୀ" ସହିତ ତୁଳନା କରାଯାଇ

ଓଲ୍ଡ ଟାଉନ୍ , ଭୁବନେଶ୍ୱର

■■■



# ମତେ ବାନ୍ଧି ନେ ରେ ପୁଲିସି ବାବୁ

**ଛନ୍ଦା ମିଶ୍ର**





ଚୋର, ଚୋରୀ କରେ, କିନ୍ତୁ କେତେ ଜଣ ଏପରି ମହାନ ଅଛନ୍ତି, ଯିଏ ଖୋଲା ଖୋଲି ସ୍ୱୀକାର କରି କୁହନ୍ତି, ହଁ ମୁଁ ଚୋରୀ କରିଛି, ଆସ ପୋଲିସ ବାବୁ ମତେ ବାନ୍ଧି ନିଅ...

ଜେଜେ ଙ୍କ ଠାରୁ ଶୁଣି ଥିଲି ବିହାରୀ ଚୋର କଥା। ଗାଁ ରେ ଥିଲେ ଗୋଟିଏ ବିହାରୀ ପରିବାର। ସନ୍ଧ୍ୟା ବେଳ। ତାଙ୍କ ରି ପୁଅ ଟିଏ, ଥରେ ମେଳଣ ପଡିଆ ରେ ମେଳଣ ହେଉ ଥିଲା ବେଳେ ଠାକୁର ଙ୍କ ବିମାନ ନିକଟରେ ବସିଥିଲା ।କିଛି ସମୟ ପରେ ପୂଜକ ଦେଖିଲେ, ଭଗବାନ ଶ୍ରୀକୃଷ୍ଣ ଙ୍କ ହାତ ରେ ଥିବା ଛୋଟ ସୁନା ବଇଁଶୀ ଟି ଆଉ ନାହିଁ। ଚାରି ଆଡେ ପଡିଗଲା ଚହଳ। ଖୁବ୍ ଖୋଜା ଖୋଜି ହେଲା। ହେଲେ ସୁନା ବଇଁଶୀ ଟି ମିଳିଲା ନାହିଁ। କେହି ଜଣେ କହିଲା, ସେ ବିହାରୀ ପିଲା ଟା ସେଠି ବସିଥିଲା, ସେଇ ବୋଧେ ନେଇଚି ।ବାସ୍ ତା ପେଣ୍ଟ ସାର୍ଟ ଅଣ୍ଡାଳି ତାକୁ ବସି ଗଲା ଉତ୍ତମ ମଧ୍ୟମ। ହେଲେ ବଇଁଶୀ ଥିଲେ ତ ମିଳିବ! ପୁଣି କେହି ଜଣେ କହିଲା, ଆରେ ଚୋର ମୁହଁ ପରା ଟାଣ, ତେଣୁ ପୁଲିସ ଠାରୁ ଖୋବଣା ନ ଖାଇଲେ ସେ କି ସତ କହିବ, ନିଶ୍ଚେ କୋଉଠି ନେଇ ଲୁଚେଇ ଦେଇ ଥିବ ନା..! ସଙ୍ଗେ ସଙ୍ଗେ ଡକା ହୋଇ ଆସିଲେ ପୁଲିସ। ତାକୁ ବାନ୍ଧି ନେଇ ଗଲେ ଥାନା କୁ। ବିଧା, ଗୋଇଠା ରେ ପିଲା ଟି ହେଲା ବିକଳ। ତା ଘର ଠାରୁ ନେଇ ତା ସାଙ୍ଗ ସାଥି ଙ୍କ ଘରେ ବି ହେଲା ଖାନ ତଲାସି। କିନ୍ତୁ ସବୁ ହେଲା ବିଫଳ। ପୋଲିସ, କିଛି ନ ପାଇ ତାକୁ ଛାଡିଦେଲା। ପିଲା ଟି ଗାଁ କୁ ଫେରିଲା। ମାତ୍ର ବିଡ଼ମ୍ବନା, ତା ନାମ ରେ ଲାଗି ଗଲା କଳଙ୍କ। ଯାଉଣୁ ଆସୁଣୁ ଲୋକେ ତାକୁ ଚୋର ବୋଲି ସମ୍ବୋଧନ କଲେ। ପାଖରେ ପୁରାଇଲେ ନାହିଁ। ଜୀବନ ତାର ହେଲା ଦୁର୍ବିଶହ। ନେଲା ସିଏ କଠୋର ନିଷ୍ପତ୍ତି, "ଚୋରି ନ କରି ମତେ ଚୋର ର ଆଖ୍ୟା ମିଳିଲା, ଏଥର ଚୋରି କରି ଦେଖେଇ ଦେବି, ଚୋର କାହାକୁ କୁହାଯାଏ।"

ସେ ପାଲଟି ଗଲା ବିଖ୍ୟାତ (?), ବିହାରୀ ଚୋର। ସେ କାଳେ, ଚୋରି କରି ଯିବା ଆଗରୁ ପୋଲିସ ଓ ଘର ମାଲିକ ଙ୍କୁ ଚିଠି ଦେଇ ଜଣାଇ ଦେଉଥିଲା, ଆଜି ଅମୁକ ଙ୍କ ଘରୁ, ଏଇ ସମୟରେ ଚୋରି ହେବ, ତେଣୁ ପ୍ରସ୍ତୁତ ହୋଇ ରୁହନ୍ତୁ। ଲୋକେ ଯିଏ ଯେତେ ପ୍ରସ୍ତୁତ ଥିଲେ ବି ବିହାରୀ ଚୋର କିପରି ବେଶ ପକେଇ, କେଉଁ ଖଞ୍ଜ ରେ ଆସି ଚୋରି କରି ଚାଲି ଯାଉଥିଲା, ତା କେହି ଜାଣି ପାରୁ ନଥିଲେ। ପୁଣି ସେ ଧନୀ ମହାଜନ ଙ୍କ ଠାରୁ ଚୋରି କରି ନେଇ ଗରିବ ମାନଙ୍କୁ ବାଣ୍ଟି ଦେଉ ଥିଲା ଧନ ରତ୍ନ। ତେଣୁ ସେମାନେ ତାକୁ ଭାରି ଭଲ ପାଉଥିଲେ। ଏପରିକି ପୋଲିସ ଖୋଜିଲା ବେଳେ ତାକୁ ଘରେ ଲୁଚାଇ ରଖୁଥିଲେ। ଆଉ ଯଦି ସେ କଦବା କ୍ୱଚିତ ଧରା ପଡିଛି ତେବେ ଗାଁ ରେ ଲାଗୁଥିଲା ଗହଳି, ତାକୁ ଦେଖିବା ପାଇଁ। ଥରେ କାଳେ ତାକୁ ପୋଲିସ ଧରି ଥାନ୍ତି। ହାତ ରେ ଗୋଡ ରେ ଦଉଡି ବାନ୍ଧି ତାକୁ ନିଆ ଯାଉଥାଏ। ଗୋଟିଏ ଗୁଡ଼ିଆ ଦୋକାନ ରେ ପାଣି ପିଇ ବାକୁ ଅଟକିଲେ ପୋଲିସ ମାନେ। ବିହାରୀ କୁ ଦେଖିବାକୁ ସ୍କୁଲ ଛୁଟି ଘୋଷଣା କରାଗଲା। ପିଲାଏ ଆସି ଭିଡ ଜମାଇ ଥାନ୍ତି। ବିହାରୀ, ପିଲା ଙ୍କୁ ଦେଖି ଖୁସି ହୋଇ, ଗୁଡ଼ିଆ ର ଯେତେ ଲଡୁ ପେଡ଼ା ଓ ବରା ଆଳୁ ଚପ ର ଟୋକେଇ ଥିଲା ତାକୁ ହାତ ବଢେଇ ତଳକୁ ପକେଇ ଦେଇ କହିଲା, "ନିଅ ପିଲାଏ ଖାଅ।" ପିଲାଏ ହୋ ହା ହୋଇ ମାଡି ଆସିଲେ। ପିଲାଙ୍କୁ ବାଡ଼ି ଉଞ୍ଚେଇ ଗୋଡାଇଲା ପୋଲିସ, ଏଇ ମଉକା ରେ ବିହାରୀ ମାରିଲା ଚମ୍ପଟ।

ଏହିଭଳି କାହାଣୀ ଥିଲା ରବିନ ହୁଡ଼ ଙ୍କ ର। ସେ ବି ଗରିବ ମାନଙ୍କର ତ୍ରାଣକର୍ତ୍ତା ସାଜିଥିଲେ। ଆଉ ଗୋଟିଏ ଘଟଣା ରେ ଦସ୍ୟୁ ଦଳ ଡକାୟତି କରି ସାରିଲା ବେଳକୁ ଦସ୍ୟୁ ସର୍ଦାର ର ଆଖି ପଡିଲା ଘର ମାଲିକାଣୀ ଙ୍କ ମଙ୍ଗଳ ସୂତ୍ର ଟି ଉପରେ, ସେ ତାହା ଛିଣ୍ଡାଇ ପକାଇଲା ବେଳ କୁ, ମାଲିକାଣୀ ନେହୁରା ହେଲେ, "ଭାଇ, ଏଇ

ଗୋଟାକ ଛାଡି ଦିଅ, ଏହା ମୋ ସୌଭାଗ୍ୟ ର ସନ୍ତକ..." ।ଭାଇ ଡାକ ଶୁଣି ତରଳି ଗଲା ଦସ୍ୟୁ ହୃଦୟ।ଦସ୍ୟୁ ହୃଦୟ ରେ ଥିବା ଭାଇ ପଣିଆ ଟି ଚେଇଁ ଉଠିଲା। କେବଳ ସୌଭାଗ୍ୟ ର ସନ୍ତକ ଟି ନୁହେଁ ବରଂ ଲୁଟ କରିଥିବା ସମସ୍ତ ଚିଜ ଫେରେଇ ଦେବା ସହ, ଭଉଣୀ ଘର କୁ ନିୟମିତ ବ୍ୟବଧାନରେ ଉପହାର ମାନ ଆସିବାରେ ଲାଗିଲା।

ଏ ତ ଗଲା ପୁରୁଣା କଥା, ଏବେ କହିବି ନୂଆ କଥା କେତୋଟି। ଏଇ ନିକଟରେ ମଧ୍ୟପ୍ରଦେଶ ରେ ଗୋଟିଏ ଚୋରି ଘଟଣା ର ଭି ଡି ଓ ଭାଇରାଲ୍ ହେବାରେ ଲାଗିଛି। ଯେଉଁ ଥିରେ ପୁଙ୍ଗୁଳା ଦେହରେ ମୁହଁ ଘୋଡାଇ ଥିବା ଚୋର ଟି ଦେବୀ ଙ୍କ ଅଳଙ୍କାର ଚୋରି କରିବା ପୂର୍ବରୁ ଦେବୀ ଙ୍କୁ ପ୍ରାର୍ଥନା କରୁଛି। ଦସ୍ୟୁ ହୃଦୟ ରେ ଥିବା ଭକ୍ତ ଟିକୁ ମା ମହାମାୟା ମଧ କରିଥିବେ ଦୟା! ଠିକ୍ ସେମିତି କେରଳ ର ଓ୍ୱାୟନାଡ ଜିଲ୍ଲା ରେ ଜୋଶେଫ ଙ୍କ ଠାରୁ କିଛି ବର୍ଷ ତଳେ ଚୋରି ହୋଇଥିବା ସାତ ଶହ ଟଙ୍କା ବଦଳ ରେ ଏବେ ଦୁଇ ହଜାର ଟଙ୍କା ସହ ଚିଠି ଟିଏ ପାଇଛନ୍ତି ଜୋସେଫ ଙ୍କ ପତ୍ନୀ। ଚୋରୀ କରି ଥିବା ବ୍ୟକ୍ତି, ଏଥିରେ ତାଙ୍କୁ ଭଉଣୀ ବୋଲି ସମ୍ବୋଧନ କରି କ୍ଷମା ମାଗିବା ସହିତ ସୁଧ ସହ ସମସ୍ତ ଟଙ୍କା ଫେରାଇ ଦେଉଛି ବୋଲି ଲେଖିଛନ୍ତି। ଏହି ଦସ୍ୟୁ ମାନଙ୍କ ହୃଦୟ ଭିତରେ ସୁପ୍ତ ଥିବା ଦେବତା ଟି ଯେତେବେଳେ ଚେଇଁ ଉଠେ, ସେମାନେ ରତ୍ନାକର ରୁ ପାଲଟି ଯାଆନ୍ତି ବାଲ୍ମିକୀ।

ତେବେ ଚୋରୀ କରିବାର ଏହି ପରମ୍ପରା ଖୁବ୍ ପ୍ରାଚୀନ। ଲଙ୍କା ପତି ରାବଣ ଙ୍କ ସୀତା ଚୋରି ହେଉ ଅବା ଶ୍ରୀକୃଷ୍ଣ ଙ୍କ ର ଲବଣୀ ଚୋରୀ, ସେଠାରେ ଚୋର ଙ୍କ ଉଦ୍ଦେଶ୍ୟ କୁ ଖୁବ୍ ଗୁରୁତ୍ୱ ଦିଆ ଯାଇଛି। ରାବଣ କାଳେ ସୀତା ଚୋରେଇ ଥିଲେ ପ୍ରଭୁ ପୁରୁଷୋତ୍ତମ ଙ୍କ ହାତ ରେ ମରି ମୋକ୍ଷ ପ୍ରାପ୍ତି ନିମନ୍ତେ। ଆଉ ଲବଣୀ ଚୋର କହ୍ନାଇ ଙ୍କ କଥା ତ ନିଆରା। ସେ କେତେବେଳେ ଲହୁଣି ଚୋରି କରୁ ଥିଲେ, ମାଆ ଯଶୋଦା ଙ୍କ ବାତ୍ସଲ୍ୟ ମମତା ଟିକକ ପାଇଁ, କେତେବେଳେ ପୁଣି ଗୋପିକା ଙ୍କ ବସ୍ତ୍ର ଚୋରୀ କରୁଥିଲେ ତାଙ୍କ ସମର୍ପଣ ଭାବ ରସ ରେ ମଜ୍ଜି ଯିବା ନିମନ୍ତେ। କେବେ ଚିତ୍ତ ଚୋରି ତ କେବେ ରୁକ୍ମିଣୀ ହରଣ ଏହିପରି ଅନେକ ଘଟଣା ତାଙ୍କ ନାମ ସହ ସଂଯୁକ୍ତ। ଏବଂ ଏଥିପାଇଁ ସେ ମଧ ପ୍ରୟୋଗ କରୁ ଥିଲେ କଳ, ବଳ ଓ କୌଶଳ।

ତେବେ, ଉଣା ଅଧିକେ ଦେଖି ବାକୁ ଗଲେ, ପ୍ରାୟ ବ୍ୟକ୍ତି ଜଣେ ଜଣେ ଚୋର। କେହି ଧନ ଚୋରୀ କରେ, କେହି ଜନ , କେହି ଫୁଲ ଚୋର ତ କେହି ପତ୍ର, କେହି ପୁଣି ଲେଖା ଚୋରୀ କରେ ତ କେହି, ସମ୍ପୂର୍ଣ୍ଣ ବହି ଟିକୁ ନିଏ ଚୋରେଇ ଆଉ ବା କେହି ମନ ବି କରେ ଚୋରୀ। ତେବେ ମନ ଚୋର ଛଡା ଆଉ ସବୁ ଚୋର ଚାହାଁନ୍ତି ତାଙ୍କ ଚୋରୀ ନ ପଡୁ ଧରା।

ସତରେ, ପୋଲିସ ହାତ ରେ ବନ୍ଧା ପଡ଼ିବାକୁ କିଏ ବା କାହିଁକି ଚାହିଁବ! ହେଲେ ରୋଚକ ଘଟଣା ଟିଏ ଘଟିଛି ଆମେରିକା ରେ। ବ୍ୟାଙ୍କ୍ ଡକାୟତି କରି ଧରା ପଡିଥିବା ଜଣେ ବ୍ୟକ୍ତି ଙ୍କୁ ପୋଲିସ ଗିରଫ କରି, ତାଙ୍କ ପୁରୁଣା ରେକର୍ଡ ରୁ କିଛି ନ ପାଇ ତାଙ୍କୁ ପଚରା ଉଚରା କଲା ବେଳେ ସେ ସ୍ୱୀକାର କରିଛନ୍ତି ଯେ, ସେ ତାଙ୍କ ପତ୍ନୀ ଙ୍କ ନିର୍ଯାତନା ରେ ଅତିଷ୍ଠ ହୋଇ ଘରେ ରହିବା ଅପେକ୍ଷା ଜେଲ ରେ ରହିବା ଶ୍ରେୟସ୍କର ମଣି, ସେ ଏପରି କରିଛନ୍ତି। ହେଲେ ଅଷ୍ଟ୍ରେଲିଆ ର ଶତାୟୁ ବୃଦ୍ଧା ଜିନ୍ ବିକେନଟନ ନିଜ ଶହେ ତମ ଜନ୍ମ ଦିନ ଅବସର ରେ ନିଜର ଏକ ଅଦ୍ଭୁତ ଇଛା ପୂରଣ କରିବା ପାଇଁ ପୋଲିସ କୁ କରି ଥିଲେ ଅନୁରୋଧ। ଦୀର୍ଘ ଦିନ ଧରି ଆର୍ମି ନର୍ସ ଭାବେ କାର୍ଯ୍ୟ କରି ଥିବା ଏହି ମହିଳା କେବେ କୌଣସି ଅପରାଧ ଏପରିକି ମଦ୍ୟପାନ ମଧ କରି ନଥିଲେ। ତେଣୁ ତାଙ୍କୁ ଗିରଫଦାରୀ ର ପ୍ରଶ୍ନ ଉଠିବ କେମିତି। ତେବେ ମଣିଷ ର ଇଛା ତ ଇଛା, ତାର ବା ହାତ ଗୋଡ଼ କାହିଁ! ବାସ୍ ମନ ମଧ ରେ ତୀବ୍ର ଇଛା ଟିଏ ମୁଣ୍ଡ ଟେକିଲା, ଥରଟିଏ ହାତ କଡା ପିନ୍ଧି ବାକୁ। ସେ ସ୍ଥାନୀୟ ପୋଲିସ କୁ ଅନୁରୋଧ କଲେ, ମତେ ବାନ୍ଧି ନେ ରେ ପୁଲିସି ବାବୁ....

ପୋଲିସ ବାବୁ ବି ଏହାକୁ ଜନ୍ମ ଦିନ ର ଉପହାର୍ ସ୍ୱରୂପ ସେଠାରେ ପହଁଚି ତାଙ୍କ ହାତ ରେ ପିନ୍ଧାଇ ଦେଲେ ହାତ କଡି। ଆଉ ଏହାକୁ ବୃଦ୍ଧା ତାଙ୍କ ସର୍ବଶ୍ରେଷ୍ଠ ଜନ୍ମ ଦିନ ବୋଲି କରିଛନ୍ତି ଘୋଷଣା। ସତରେ କିସ ପୁଣି ଦେଖା ନ ଯାଏ ଜିଇଁ ଥିଲେ ମହୀ ରେ.....

କଳିଙ୍ଗ ନଗର, ଭୁବନେଶ୍ୱର /ମୋ-୯୪୩୭୪ ୫୩୬୧୦

# ପିତୃପକ୍ଷ

ମୀନୁ ହୋତା





ବର୍ତ୍ତମାନ ପିତୃପକ୍ଷ ଚାଲିଛି ।ବନ୍ଧୁଜଣେ ଯୁକ୍ତି କଲେ ଏ ପିତୃପକ୍ଷରେ ପିତୃଶ୍ରାଦ୍ଧ ହିନ୍ଦୁମାନଙ୍କର ଗୋଟାଏ କୁପ୍ରଥା ।ଅବଶ୍ୟ ଏହି ଯୁକ୍ତିଟି ତର୍କ ସଙ୍ଗତ । ଏଠାରେ ମୁଁ ତର୍କ କଥା ଉଠାଉନି।ତାର ଶାସ୍ତ୍ରୀୟ ଓ ପରାବୈଜ୍ଞାନିକ କାରଣ ଉପରେ କିଛି ଆଲୋକପାତ କରିବାକୁ ଚାହୁଁଛି ।

ଶାସ୍ତ୍ରୀୟ ମାନ୍ୟତା-ସମଗ୍ର ବିଶ୍ୱବ୍ରହ୍ମାଣ୍ଡ କୁ ଚଉଦଟି ସ୍ତର(ଭୁବନ)ରେ ବିଭକ୍ତ କରାଯାଇଛି ଏହା ପୁଣି ସାତ ସାତଟି ଦୁଇ ଭାଗରେ ବିଭକ୍ତ ପୃଥ୍ୱୀଠାରୁ ଉପରକୁ ସପ୍ତ ଲୋକ ।ନିମ୍ନକୁ ସପ୍ତ ଲୋକ । ଭୂ(ପୃଥ୍ୱୀ)ଲୋକ, ଭୁବ(ପିତୃ)ଲୋକ, ସ୍ୱଃ(ସ୍ୱର୍ଗ)ଲୋକ, ମହ(ସିଦ୍ଧ)ଲୋକ, ଜନ ଲୋକ, ତପ(ବ୍ରହ୍ମ) ଲୋକ, ସତ୍ୟ(ବ୍ରହ୍ମାଣ୍ଡ) ଲୋକ। ପୃଥ୍ୱୀଲୋକ ର ତଳକୁ ମଧ ସାତଟି ସ୍ତର ର ପରିକଳ୍ପନା କରାଯାଇଛି ।ଭୂତଳ, ଅତଳ(ପ୍ରେତଲୋକ), ବିତଳ(ନର୍କଲୋକ), ସୁତଳ ଲୋକ, ପାତାଳ(ନାଗଲୋକ) ରସାତଳ (ଦୈତ୍ୟଲୋକ) ତଳାତଳ (ବରୁଣଲୋକ) । ପୃଥ୍ୱୀ ଅର୍ଥାତ୍ ଭୂଲୋକ ର ଠିକ୍ ଉପର ସ୍ତର ଟି ହେଉଛି ପିତୃ ଲୋକ ।ଏହି ପିତୃ ଲୋକରେ ଦୁଇ ପ୍ରକାରର ଆତ୍ମା ବାସକରନ୍ତି । ବିମୁକ୍ତ ଆତ୍ମା ଓ ଅମୁକ୍ତ ଆତ୍ମା ।ଏହାର ଉର୍ଦ୍ଧ ଦେଶରେ ସ୍ୱର୍ଗଲୋକ ନିକଟରେ ଯେଉଁ ଆତ୍ମା ଗୁଡିକ ବାସ କରନ୍ତି ସେମାନେ ହେଲେ ଯକ୍ଷ ରକ୍ଷ ଗନ୍ଧର୍ବ କିନ୍ନର ଚାରଣ ଅପ୍ସରା । ତେଣୁ ଏହି ଲୋକକୁ ଯକ୍ଷଲୋକ ଏବଂ ଗନ୍ଧର୍ବ ଲୋକ ବୋଲି ମଧ କହନ୍ତି । ହିନ୍ଦୁ ମାନ୍ୟତା ଅନୁସାରେ ପୃଥ୍ୱୀ ଲୋକରେ ମୃତ୍ୟୁ ବରଣ କରିଥିବା ଶ୍ରେଷ୍ଠ ପୁରୁଷ ଯଥା କବି, ଲେଖକ, ବୈଜ୍ଞାନିକ, ଦାର୍ଶନିକ, ରାଜା , ସଙ୍ଗୀତଜ୍ଞ, ନର୍ତ୍ତକ, ନର୍ତ୍ତକୀ ଆଦି ମୃତ୍ୟୁ ପରେ ଏହି ଲୋକରେ ଅବସ୍ଥାନ କରନ୍ତି । ସାଧାରଣ ସଂସାରୀ ପ୍ରାଣୀ ତା ତଳକୁ ପିତୃଲୋକରେ ପିତୃ ପୁରୁଷ ରୂପେ ପରବର୍ତ୍ତି ଜନ୍ମ କୁ ଅପେକ୍ଷା କରି ରହନ୍ତି । ସାତ ପୁରୁଷ ଯାଏ ଏମାନେ ଅପେକ୍ଷାମାଣ ଥିବାରୁ ସପିଣ୍ଡ ଦାନ କରାଯାଏ ।

ତେବେ ପ୍ରଶ୍ନ ଉଠେ ପିଣ୍ଡ ଦାନ କାହିଁକି ? ଓ ଦଶହରା ର ଗୋଟିଏ ପକ୍ଷକୁ ପିତୃପକ୍ଷ କାହିଁକି କହନ୍ତି?

ହିନ୍ଦୁ ପୌରାଣିକ ମାନ୍ୟତା ଅନୁସାରେ ମଣିଷ ଶରୀର ର ମୃତ୍ୟୁ ପରେ ମଧ ତାର ଆତ୍ମା ମରେ ନାହିଁ ଏବଂ ଏହା ପୁଣି ନୂତନ ଶରୀର ରେ ପ୍ରବେଶ କରି ପୁନର୍ଜନ୍ମ ଗ୍ରହଣ କରେ । ତେବେ ପୁରୁଣା ଶରୀର ଦେହତ୍ୟାଗ ଠାରୁ ନୂତନ ଶରୀର ଗ୍ରହଣ ପର୍ଯ୍ୟନ୍ତ ଅବିନାଶୀ ଆତ୍ମା କେଉଁଠାରେ ଅବସ୍ଥାନ କରେ ?ନିଜର ଅତୀତ(ସଞ୍ଚିତ) କର୍ମ ଅନୁସାରେ ଚାରୋଟି ଲୋକ ପିତୃ , ପ୍ରେତ, ସ୍ୱର୍ଗ ବା ନର୍କ ଲୋକରେ ଅବସ୍ଥାନ କରେ । ଆତ୍ମା ସହିତ ସଂସ୍କାର ରୂପରେ ଆସିଥିବା ତାର ଅତୀତ କର୍ମ ର ଆଧାରରେ ତାର ବିଚାର ହୁଏ ଏବଂ ନିର୍ଦ୍ଦିଷ୍ଟ କର୍ମ ର ପ୍ରାଧାନ୍ୟତା ଅନୁସାରେ ସେପରି ଘର ପରିବାର ପରିବେଶ ଓ ମାତୃ ପିତୃ ଗର୍ଭରେ ଜନ୍ମ ମିଳେ । ତେବେ ଉଭୟ ପିତୃ ଲୋକ ଓ ପ୍ରେତ ଲୋକ ରେ ପୁନର୍ଜନ୍ମ ପାଇଁ ଅପେକ୍ଷା କରିବାକୁ ପଡେ । ଶରୀର ସିନା ନଷ୍ଟ ହୋଇଯାଏ ଆତ୍ମା ସହିତ ଇନ୍ଦ୍ରିୟ ସମୁହ ଅକ୍ଷୁର୍ଣ୍ଣ ଥାଆନ୍ତି । ବିଦେହୀ ହେଲେ ମଧ କ୍ଷୁଧା ତୃଷା ଆଦି ଅନୁଭବ ହୁଏ । ଆତ୍ମା ସହିତ ଏହି ଇନ୍ଦ୍ରିୟ ଚେତନା ସଂଯୁକ୍ତ ଥିବାରୁ ଏବଂ ସ୍ଥୂଳ ଇନ୍ଦ୍ରିୟ ଗୁଡିକର ଅଭାବରୁ ଭୌତିକ ଦ୍ରବ୍ୟ ଗ୍ରହଣ କରି ନ ପାରି ଆତ୍ମା ବ୍ୟାକୁଳ ଓ ଅଶାନ୍ତ ହୋଇପଡେ ।

ସୌର ସଂକ୍ରମଣ ଅବଧି ରେ ଶରତ ଋତୁ ରୁ ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ଆରମ୍ଭ ହୁଏ। ଆଶ୍ୱିନ କୃଷ୍ଣ ପକ୍ଷରେ ପିତୃ ଲୋକରେ ଦିନାରମ୍ଭ ହୁଏ ନିଦ୍ରାଭଙ୍ଗ ହେବା ପରେ ପିତୃ ପୁରୁଷ କ୍ଷୁଧା ତୃଷା ରେ ବିକଳ

ହୋଇ ପିତୃଯାନ(ମାର୍ଗ)ରେ ପୃଥ୍ୱୀଲୋକର ନିକଟତର ହୁଅନ୍ତି ଏବଂ ପୃଥ୍ୱୀ ଲୋକର ଯୋଗ୍ୟ ଦାୟାଦଙ୍କ ଠାରୁ ପିଣ୍ଡ(ଭୋଜ୍ୟ ପଦାର୍ଥ) ଗ୍ରହଣ କରି ତୃପ୍ତ ହୁଅନ୍ତି ।ପିତୃ ପୁରୁଷଙ୍କ ଶରୀର ଜଳମୟ ହୋଇଥିବାରୁ ଏମାନେ ଜଳ ମାଧ୍ୟମରେ ପିଣ୍ଡ ଗ୍ରହଣ କରିଥାନ୍ତି ।

ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,
ହରିଦ୍ୱାର, ଉତ୍ତରାଖଣ୍ଡ,
ମୋ-୭୯୭୮୨୨୦୩୭୨

■■■

## U19 ପତ୍ରିକା ଉନ୍ମୋଚନ ଅବସରରେ ପିଲାଙ୍କ କବିତା ଆବୃତ୍ତିର କିଛି ଫଟୋ



ବାଣୀତପା ନାଥ



ଶ୍ରେୟା ପ୍ରିୟଦର୍ଶିନୀ



ଶିବାଂଶୀ ଦ୍ୱିବେଦୀ



ସୃଷ୍ଟି ଦାସ



ଅଙ୍କିତା ମହାନ୍ତି



ବିଭୁ ପ୍ରଣବ ସାହୁ

# ୟୁଜ୍ ଆଣ୍ଡ ଥ୍ରୋ

ଶଶାଙ୍କ ଶେଖର ମିଶ୍ର





ପିଲାଦିନେ ଆମେ ଭାଇଭଉଣୀମାନେ ବାପାଙ୍କୁ ଖୁବ୍ ଡରୁଥିଲୁ । ଏଇଥିପାଇଁ ଯେ ତାଙ୍କ ପ୍ରଣୀତ ନୀତିନିୟମ ଅନୁଯାୟୀ ଚଳିବା ଆମପାଇଁ କଷ୍ଟକର ହେଉଥିଲା । ମାତ୍ର ଡରିବା ସହିତ ଆମେ ମଧ୍ୟ ତାଙ୍କୁ ଖୁବ୍ ଭଲ ପାଉଥିଲୁ । କାରଣ - ଆମେ ଜାଣିଥିଲୁ ଯେ ,ଆମର ସବୁ ଅଳି ଅର୍ଦ୍ଦଳି , ସମସ୍ତ ଆବଶ୍ୟକତା ସେ ପୂରଣ କରିପାରିବେ । ତାଙ୍କ ବିନା ଯେ ସଂସାରରେ ବଂଚି ହେବ ଏ କଥା ଆମେ ଭାଇ ଭଉଣୀମାନେ ସେତେବେଳେ ଚିନ୍ତା ବି କରିପାରୁନଥିଲୁ ।

ବଡ ହୋଇଗଲାପରେ ବା ଅନ୍ୟ ଅର୍ଥରେ ସ୍ୱାବଲମ୍ବୀ ହୋଇଗଲାପରେ ବାପାଙ୍କ ଆବଶ୍ୟକତା ଆମେ ଆଉ ଆଗପରି ଅପରିହାର୍ଯ୍ୟ ମନେକରୁନଥିଲୁ । କାରଣ-ଅକାରଣରେ ବା ସମୟୋପଯୋଗୀ କୌଣସି ନୀତିଗତ ନିଷ୍ପତ୍ତି ନେବାରେ ଆମେ ଆଉ ପୂର୍ବପରି ବାପାଙ୍କ ପାଖରୁ ଅନୁମତି ନେବାର ଆବଶ୍ୟକତା ବି ଅନୁଭବ କରୁନଥିଲୁ ।

ସେତେବେଳେ ଆମର ଏ କାର୍ଯ୍ୟକଳାପ ଦେଖି ବାପା ମନକଷ୍ଟ କରି କହୁଥିଲେ- 'ଆରେ ପିଲେ ! ସଂସାରର ଏହାହିଁ ନିୟମ । ତୁମେମାନେ ବାପା ହେଲାପରେ ବୁଝିବ । ବାପା - ଚୋପା । ଏକଦା ଫଳକୁ ସମ୍ପୂର୍ଣ୍ଣ ନିରାପତ୍ତା ଦେଉଥିବା ଚୋପାଟିକୁ ଫଳ ପାଚିଗଲାପରେ ତାକୁ କାଢି ଫୋପାଡିଦେଲା ପରି ତୁମେମାନେ ବାପାଙ୍କୁ ଫୋପାଡି ଦେଲଣି । ବୁଝିଲ ! ଫଳ ଯେତିକି ବଡ ହେଉଥିବ , ତାକୁ ଧରି ରଖିଥିବା ଡେମ୍ଫ ଠାରୁ ସେ ସେତିକି ଖସି ଖସି ଯିବ ।'

ଆମେ ବର୍ତ୍ତମାନ ବାପା ହୋଇଗଲୁଣି । ପିଲାମାନଙ୍କର ଆମ ପ୍ରତି କିଛି କିଛି ଅବହେଳାକୁ ସହିବା ପାଇଁ ଅଭ୍ୟାସ କରିବା ଆରମ୍ଭ କଲୁଣି । ରବି ମୋର ସାଙ୍ଗ । ସେଦିନ ତା'ର ପୁଅ ଦୁଇ / ତିନିଜଣ ବନ୍ଧୁଙ୍କ ସହିତ ଗୋଟିଏ ବାର୍ ରୁ ନିଶାସକ୍ତ ଅବସ୍ଥାରେ ବାହାରି ଆସୁଥିବାର ଦେଖିଲି । ଶୁଣିଲି- ଜଣେ ପଚାରିଲା ,'ତୁ କ'ଣ ଏଇ ଅବସ୍ଥାରେ ଘରକୁ ଯିବୁ ?' ତୋର ଆଦର୍ଶବାଦୀ ବାପା ତୋତେ କିଛି କହିବେନି ?' ପୁଅ ଉତ୍ତର ଦେବାର ଶୁଣିଲି , 'ଆରେ !ବାପା ମା'ହେଲେ - ୟୁଜ୍ ଆଣ୍ଡ ଥ୍ରୋ ପେନ୍ ପରି, କାଳି ସରିଗଲେ ତାକୁ ତଳକୁ ପକାଇ ଦିଅ । ଦିନେ ଖୁବ୍ ଭଲ ଲେଖିହେଉଥିଲା ବୋଲି ତାକୁ ଟେବୁଲ୍ ଉପରେ ସାଇତି ରଖିଲେ ଟେବୁଲ୍ ଖାଲି ଅଳିଆ ହିଁ ହେବ ।ଜାଣିନୁ କି ,ବାପା ସେତେବେଳେ ୨୦ ଟଙ୍କା ବଂଚାଇବାକୁ ଯାଇ ୨୦ ମିନିଟ୍ ର ବାଟକୁ ଚାଲି ଚାଲି ଯାଉଥିଲେ । ମାତ୍ର ଆମେ କରୁଛୁ କ'ଣ ? ୨୦ ମିନିଟ୍ ସମୟ ବଂଚାଇବାକୁ ଯାଇ ୨୦ ଟଙ୍କା ଖର୍ଚ୍ଚ କରିବାକୁ ପର୍ୱା କରୁନୁ । ତେଣୁ ତୁ ସେମିତି ବାପା ବାପା ହୁଅନା ,ଆଗେଇ ପାରିବୁନି ।'

ମୁଁ କେବଳ ନିରବରେ ଶୁଣୁଥିଲି-ଆଉ ଭାବୁଥିଲି-ଆମ ମାନଙ୍କ ଭଳି ଲୋକଙ୍କର ପିଲାମାନେ ବି କ'ଣ ଆମ ବିଷୟରେ ତାଙ୍କ ସାଙ୍ଗମାନଙ୍କୁ ଏମିତି କହୁଥିବେ ?

■■■

ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ - ୮୭୬୩୭୦୦୭୦୪

# ମନର ମୂଳେ

ନିରୁପମା ଆଚାର୍ଯ୍ୟ



ସମୟର ଗତାନୁଗତିକତାରେ ଆଗେଇ ଚାଲେ ପ୍ରକୃତିର ସ୍ଥିତି ଭିନ୍ନ ଭିନ୍ନ ପରିବର୍ତ୍ତିତ ରୂପନେଇ।ତା ସହ ପ୍ରବୃତି,ବିବୃତ୍ତି,ସଂଯୁକ୍ତି,ବିଯୁକ୍ତି ମଧ ଚାଲିଥାଏ ନିଜ ଛାଏଁ।ସେମିତ କିଛି ସର୍ତ୍ତ ଥାଏ କି ଜୀବନ ସହ ଘନିଷ୍ଠ ହେବାରେ ? ନିସର୍ତ୍ତ ଏ ଜୀବନ ଆଉ ଜୀଇବାର ସନ୍ଧି।ଜନ୍ମ ନେଇଛ ବୋଲି ତ ଜୀଇବାକୁ ହେବ ଜୀବନ ଥିବା ଯାଏ।ଚିରାଚରିତ ପ୍ରାକୃତିକ (ବାଧ୍ୟତାମୂଳକ,ଇଚ୍ଛାଧୀନ) ଅନେକ କର୍ମ,ଅକର୍ମକୁ ଆପଣେଇ ବାଟ ସରିବାଯାଏ ଚାଲିବାକୁ ପଡ଼େ।ଅଙ୍କାବଙ୍କା ଦୁନିଆପଥର ଗଡ଼ାଣି, ଉଠାଣି ଦେଇ ଆଗେଇବାକୁ ହୁଏ।ପଥଶ୍ରାନ୍ତ ହେଇ ଦେହ କେବେ ଦରଜ ହୁଏ ତ କେବେ ଦରଜ ହୁଏ ମନ।କେତେ ଲମ୍ବା ଏ ବାଟ ସତେ !!!ଅଭ୍ୟାସରେ ପଡ଼ି କି ପଥିପୁଟୁକା ଖାଇ ଦେହ ଦରଜ ସିନା ବେଳେବେଳେ କମିଯାଏ,ହେଲେ ମନ ଦରଜ କଣ କମେ କେବେ !!?

ଦୃଶ୍ୟରେ ଅଦୃଶ୍ୟ ଏ ମନ।କେତେବେଳେ କେଉଁ ମୋଡ଼ରେ ପଡ଼ି ଜୀବନର ଗତିପଥ ବଦଳିଯାଏ ଯାହାକି ଆଗରୁ ସ୍ଥିରିକୃତ ହେଇନଥାଏ। କହିହୁଏନି କି ସହି ହୁଏନି ପରିସ୍ଥିତିଟା ଭିତର ଜାଳୁଥାଏ ସିନା,ଉପର କିନ୍ତୁ ଏକଦମ ସଫା...ଚକ୍ ଚକ୍।ଜଣେ ଜଣେ ତ ଏପରି ବି କହିଦିଅନ୍ତି...ଯା ମ ତମର ଦୁଃଖ କଣ?(ନାହିଁ ଗୋରୁଗାଈ ନକାଟେ ଘାସ)।ସତରେ କଣ ଗୋରୁଗାଈ ନଥିଲେ ଘାସ କଟାଯାଏନି ?କଟାହୁଏ।ଅରମା ସଫାକରିବା ଦରକାର ନା ନାହିଁ।ଏମିତି ବି କଅଁଳ ଛନଛନିଆଁ ଘାସ ଦେଖି ମୁଠାଏ ଉପାଡ଼ି ଆଗରେ ଠିଆ ହୋଇଥିବା ଗୋରୁଗାଈମୁହଁରେ (ଅନଧିକାର ଭାବେ)ଦେବାକୁ ମନ ବଳେନି କି?ତେଣୁ ଯାହା ବି ହେଉ ଘାସ କାଟିବା ଥୟ।ଆଉ କେବେ କେବେ ଶୁଣାଯାଏ 'ବିରି ନାହିଁ କି ଅଖା ନାହିଁ'।ବିରି ନଥିଲେ ମଧ ଅଖାର ଢେର୍ ଆବଶ୍ୟକ ଅଛି।କାରଣ ଅଖା ହେଉଛି ଦରିଦ୍ରର ଛପର,କାନ୍ଥ, ଶେଯ,ହାତବାକ୍ସ,ବୋଝଧାରକ।ତେଣୁ ଅଖା କୁ ବାଦ୍ ଦେଇ ଦାରିଦ୍ର୍ୟର ପରିଚୟ କାହିଁ !!!?

ଜୀବନ କଣ ସବୁବେଳେ ମହୋତ୍ସବମୟ ?ନିରେଖି ଦେଖିଲେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବାଲ୍ୟ, କୈଶୋର ଯୌବନ,ଜରାକୁ ଛୁଇଁ ଛୁଇଁ ଜଞ୍ଜାଳ ସହିତ ସଂଘର୍ଷ କରି କରି ମୃତ୍ୟୁସହ ମିଳନ ଘଟେ।

ଅଦୃଷ୍ଟ ତ କିଏ ଜଣେ ରହିଛି ଯେ କି ପ୍ରତି ପଦପାତରେ ଅସ୍ତି,ନାସ୍ତିର ଦ୍ୱନ୍ଦ୍ୱ ଭିତରେ ଜୀବନକୁ ବାଟେଇ ନଉଛି।

ସେଇ ବାଟରେ ଦୁନିଆଦାରୀ ଚାଲିଛି ତ ଚାଲିଛି ସୁଖରେ କି ଦୁଃଖରେ। ସଂଘର୍ଷମୟ ଦିନ ସରି ସରି ଯାଏ। ରାତ୍ରୀର କୋମଳ କୋଳରେ କ୍ଲାନ୍ତ,ଶ୍ରାନ୍ତ ଶରୀର ଲୋଟାଇ ଦେଇ ବିଶ୍ରାମ ଖୋଜେ ଦେହ ଆଉ ମନ। ଏଠି ବି ପୁଣି ଦ୍ୱନ୍ଦ୍ୱ।ଶରୀର ସିନା ଶୋଇଯାଏ ହେଲେ ମନ !!!?ଶୋଇପାରେ ? ନା ବୋଧେ !! କେତେବଳେ ଅମାନିଆ ସ୍ୱପ୍ନ ସବୁ ମନଘରେ ଆଖଡ଼ା କରନ୍ତି।ରାଜା ପୋଷାକ ପିନ୍ଧି ପକ୍ଷୀରାଜ ଘୋଡ଼ାରେ ବସି ବାହାରି ପଡ଼ନ୍ତି କେଉଁ କୁହୁକପୁରୀକୁ ସୌମ୍ୟାସୁନ୍ଦରୀ ରାଜକନ୍ୟାର(ଲକ୍ଷ୍ୟ)ସନ୍ଧାନରେ।ସତରେ କେତେ ଭେଳିକି ନଲଗାଏ ସେ ସ୍ୱପ୍ନ!!ଆଃ...ଏଇତ ହାତ ପାହାନ୍ତାରେ ସବୁ।ବୁଢ଼ୀ ଅସୁରୁଣୀ ମରିବ (ପ୍ରତିବନ୍ଧକ ହଟିବ), ରାଜଜେମାର ପ୍ରାପ୍ତି ହେବ।ଏଥିପାଇଁ ତ ଏତେ ସାଧନା,ଏତେ ଉଦ୍ୟମ, ଏତେ ଏକାଗ୍ରତା।ଆଃ ...ରାତି ପାହିଗଲେ ସ୍ୱପ୍ନ ଭାଙ୍ଗିଯାଏ ପୁଣି କାଲି ଆସିବାର ପ୍ରତିଶ୍ରୁତି ଦେଇ।ମନ କିନ୍ତୁ ଆନମନା ଝୁରିମରେ ଅସ୍ପଷ୍ଟ ସେ ସ୍ୱପ୍ନକୁ।କଳେବଳେ ସେଇ ସ୍ୱପ୍ନକୁ ସତ କରିବାକୁ ଜୀବନଯାକର କୌଶଳ ଯୁଟେଇବାରେ ଲାଗିପଡ଼େ।କେବେ କାହାକୁ ଶୋଷେ ତ କେବେ ଶୋଷି ହେଇଯାଏ,କେବେ କାହାକୁ ଠକେ ତ କେବେ ଠିକେ।ତଥାପି ଧାଇଁ ଚାଲେ ସ୍ୱପ୍ନ ଧରିବାକୁ...ଚରମ ପ୍ରାପ୍ତି ହାସଲ କରିବାକୁ।

■■■

ଜଗତସିଂ ପୁର

# ବୋରୱେଲ- ମରଣଯନ୍ତା

**ପ୍ରଭାତ କୁମାର ମିଶ୍ର**





କିଛିଦିନ ତଳେ ଏକ ହୃଦୟ ବିଦାରକ, ଛାତିଥରା ଘଟଣା ଘଟିଗଲା । ସମଗ୍ର ଭାରତ ବର୍ଷରେ ଆଲୋଡନ ଛାଇ ହୋଇ ଯାଇଥିଲା । ପ୍ରତି ମୂହୁର୍ତରେ ସମସ୍ତଙ୍କର ହୃଦ ସ୍ପନ୍ଦନ ବଢି ଯାଉଥିଲା । ସାରା ଦେଶ ଚାହିଁ ରହିଥିଲା ଗଭୀର ଗର୍ତ ଭିତରେ ଜୀବନ ଓ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ସରଳ ନିଷ୍ପାପ ଶିଶୁ ଟିକୁ କିପରି ସୁରକ୍ଷିତ ଓ ଜିବୀତ ଅବସ୍ଥାରେ ଉଦ୍ଧାର କରାଯାଇ ପାରିବ । ଛତିଶଗଡ ରାଜ୍ୟର ଜାଞ୍ଜଗିର-ଚାମ୍ପା ଜିଲ୍ଲା ପିରହିଦ୍ର ଗାଁ ର ୧୦ ବର୍ଷର ବାଳକ ରାହୁଲ ଖେଳୁଥିବା ସମୟରେ ୮୦ ଫୁଟର ବୋରୱେଲ ଗର୍ତ୍ ମଧକୁ ଖସି ପଡିଥିଲା । ଉକ୍ତ ବୋରୱେଲ ଗର୍ତଟି ତାଙ୍କ ବାପା ନିଜ ବାରିପଟେ ଥିବା ଜମିରେ ପାଣି ମଡାଇବାକୁ ଖୋଳାଇ ଥିଲେ । ପାଣି ନବାହାରିବାରୁ ଏହି ଗର୍ତଟିକୁ ଖୋଲା ଛାଡିଦେଇଥିଲେ । ଏବଂ ରାହୁଲ ଖେଳୁଥିବା ସମୟରେ ଏହି ଗର୍ତ ଭିତରକୁ ଖସି ପଡିଥିଲା । ତାଙ୍କୁ ଉଦ୍ଧାର କରିବା ପାଇଁ ଛତିଶଗଡ ସରକାର ସମସ୍ତ ପ୍ରକାର ଉଦ୍ୟମ କରିଥିଲେ । ରାହୁଲକୁ ସୁରକ୍ଷିତ ଭାବରେ ଉଦ୍ଧାର କରିବା ପାଇଁ ଏନ୍‌ଡିଆରଏଫ, ଏସ୍‌ଡିଆରଏଫ ଏବଂ ସେନାର ଜବାନ ମାନଙ୍କୁ ନିୟୋଯିତ କରାଯାଇ ଥିଲା । ସେମାନେ ଦିନ ରାତି ଏକ କରିଦେଇଥିଲେ । ପ୍ରଥମେ ଗର୍ତ ନିକଟରେ ଏକାଧିକ ଡ୍ରିଲିଂ ମେସିନ ଦ୍ୱାରା ବୋରୱେଲ ନିକଟକୁ ଟନେଲ କରାଯାଇଥିଲା । ଟନେଲ ଖୋଳିବା ବେଳେ ଉଦ୍ଧାରକାରୀ ଦଳଙ୍କୁ ରାହୁଲ ପାଖରେ ପହନ୍‌ଚିବାକୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିଥିଲା । ଗ୍ରାନାଇଟ ଭଳି ପଥରଖଣ୍ଡକୁ କାଟିବାପାଇଁ ଅନେକ ସମସ୍ୟାର ସାମନାକରିବାକୁ ପଡିଥିଲା । କାଳେ ଖୋଳିବା ବେଳେ ଗର୍ତଟି ଭୁଷୁଡି ପଡିବ ସେଥିପାଇଁ ସମସ୍ତେ ଆତଙ୍କିତ ହୋଇ ପଡୁଥିଲେ । ରାହୁଲର ଗତିବିଧି ଉପରେ ନଜର ରଖିବା ପାଇଁ ଗର୍ତ ମଧ୍ୟକୁ ଉଚ୍ଚଶକ୍ତି ସମ୍ପନ୍ନ କ୍ୟାମେରା ଏବଂ ଶିଶୁଟିର ନିଶ୍ୱାସ ପ୍ରଶ୍ୱାସ ସ୍ୱାଭାବିକ ରହିବା ପାଇଁ ନିୟମିତ ଅମ୍ଳଜାନ ଏବଂ ଖାଦ୍ୟ ପ୍ରେରଣ କରାଯାଉଥିଲା । ଏକାଧିକ ଗଣମାଧ୍ୟମ ଏହାର ସିଧା ପ୍ରସାରଣ କରୁଥିଲେ । ଯେଉଁ ମାନେ ଟିଭି ମାଧ୍ୟମରେ ଏହି ଦୃଶ୍ୟକୁ ଅବଲୋକନ କରୁଥିଲେ ସେମାନଙ୍କର ହୃଦ୍ ସ୍ପନ୍ଦନ ଆହୁରି ବଢି ଯାଉଥିଲା । ସେଠାକାର ଜିଲ୍ଲା ପ୍ରଶାସନ ଶିଶୁଟିର ଗତିବିଧି ଉପରେ ନଜର ରଖି ଖୋଳାକାର୍ଯ୍ୟ କେଉଁ ପର୍ଯ୍ୟନ୍ତ ଚାଲିଲା, ଉଦ୍ଧାରକାରୀ ଦଳଙ୍କୁ ଶିଶୁଟି ପାଖରେ ପହନ୍‌ଚି ବାକୁ ଆଉ କେତେ ସମୟ ଲାଗିବ ଏ ସବୁର ବୀବରଣୀ ଲଗାତାର ଦେଉଥିଲେ । ତାହା ହୃଦ ସ୍ପନ୍ଦନ କୁ ଆହୁରି ବଢାଇ ଦେଉଥିଲା । ପରିଶେଷରେ ସବୁ ଉତ୍କଣ୍ଠାର ଅବସାନ ଘଟାଇ ଦୀର୍ଘ ୧୦୫ ଘନ୍‌ଟା ପରେ ଏନ୍‌ଡିଆରଏଫ, ଏସ୍‌ଡିଆରଏଫ ଏବଂ ସେନାର ଜବାନ ମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସୁଡଙ୍ଗ କରାଯାଇ ରାହୁଲ କୁ ଉଦ୍ଧାର କରାଗଲା ।

ଆମେ ଜଦି ଅତୀତରେ ଘଟିଥିବା ଏହିଭଳି କିଛି ଘଟଣା ଉପରେ ଅବଲୋକନ କରିବା ଜାଣିପାରିବା,ଯେପରିକି ଆନ୍ଧ୍ରପ୍ରଦେଶ ର ରଙ୍ଗାରେଡ୍ଡି ଜିଲ୍ଲାର ଚାରି ବର୍ଷର ବାଳିକା ଗିରିଜା ହେଉ ବା ୫ ବର୍ଷର ବାଳକ ପ୍ରିନ୍ସ ର କଥା ହେଉ ପ୍ରତ୍ୟେକଙ୍କ ଘଟଣା ପ୍ରାୟ ଏକାପରି । କେତେବେଳେ କାହାକୁ ଜିବୀତ ଅବସ୍ଥାରେ ଉଦ୍ଧାର କରାଯାଉଛି ତ କାହାକୁ ମୃତ ଅବସ୍ଥାରେ ।

କିନ୍ତୁ ସବୁଠାରୁ ବଡ କଥା ହେଉଛି ବର୍ଷ ବର୍ଷ ଧରି ଏହିପରି ଭୟଙ୍କର ଘଟଣା ଗୁଡିକର କାହିଁକି ବାରମ୍ବାର ଘଟୁଛି । କିନ୍ତୁ ଏହାର ପୁନରାବୃତି ନହେବା ପାଇଁ କାହିଁକି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉନାହିଁ ବା ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଦଶବର୍ଷ ପୂର୍ବେ ସୁପ୍ରିମ କୋର୍ଟ ଏପରି ଘଟଣାକୁ ରୋକିବା ପାଇଁ ନିର୍ଦ୍ଦେଶାବଳୀ ଜାରି କରିଥିଲେ ମଧ୍ୟ ତାହା କେବଳ କଲମ ଓ କାଗଜ ମଧ୍ୟରେ ରହିଯାଇଛି । ଜନମାନସ କୁ ଆସିପାରୁନାହିଁ । ନିର୍ଦ୍ଦେଶାବଳୀ ଗୁଡିକ ଥିଲା (୧) ଜମି ମାଲିକ ବୋରୱେଲ ଖୋଦନ କରିବା ପୂର୍ବରୁ କର୍ତୁପକ୍ଷଙ୍କ ଠାରୁ ଲିଖିତ ଅନୁମତି (୨) ସମସ୍ତ ଡ୍ରିଲିଂ ଏଜେନ୍ସିର ପଞ୍ଜିକରଣ (୩) ଡ୍ରିଲିଂ ସ୍ଥାନ ଚାରିପାଖରେ ସାଇନ ବୋର୍ଡ ଲଗାଇବା (୪) କୂଅ ଚାରିପଟେ ସିମେଣ୍ଟ ପ୍ଲାଟଫର୍ମ ନିର୍ମାଣ (୫) ଅବ୍ୟବହୃତ କୂଅ ଗୁଡିକୁ ବାଲି, ଗୋଡି,ମାଟି ପଥର ପକାଇ ସଂପୁର୍ଣ୍ଣ ଭାବରେ ଭରିବା । ଜନସାଧାରଣ ମଧ୍ୟରେ ଏକ ଜାଗରଣ ସୃଷ୍ଟି ହେବା ଦରକାର । ଖାଲି ବୋରୱେଲ ଖୋଳିବା କଥା ନୁହେଁ ବିଭିନ୍ନ ସ୍ଥାନରେ ରାସ୍ତାଘାଟ କରିବା, ସ୍ୱରେଜ କରିବା, ପାଣିପାଇପ ନେବା, ଟାଙ୍କି କରିବା ଇତ୍ୟାଦି କାର୍ଯ୍ୟ ପାଇଁ ଯେଉ

ମନୁଷ୍ୟ କୃତ ଗର୍ତମାନ କରାଯାଉଛି ସେଗୁଡିକ କାମ ସରିଗଲା ପରେ ତୁରନ୍ତ ନିବୁଜ କରିଦେବା ଦରକାର କାରଣ ସେଗୁଡିକ ଖୋଲା ରହିଲେ ଅନେକ ଧନ ଜୀବନ ନଷ୍ଟ ହେବାର ସମ୍ଭାବନା ରହିଥାଏ ।

ପ୍ରତିବର୍ଷ ଶହ ଶହ ସଂଖ୍ୟାରେ ବୋରୱେଲ ଖୋଲାଯାଉଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ରାଜ୍ୟ ଓ କେନ୍ଦ୍ର ସରକାର ପାଇଁ ଏକ ଆହ୍ୱାନ । ଏଭଳି ଭୟଙ୍କର ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ଜନ ସଚେତନତା ସୃଷ୍ଟି କରିବା ଅନିବାର୍ଯ୍ୟ ।

ଭି ଏସ ଏସ ନଗର, ଭୁବନେଶ୍ୱର
ମୋ-୯୦୪୦୦୨୫୭୩୪

■■■

## U19 ପତ୍ରିକା ଉନ୍ମୋଚନ ଅବସରରେ ପିଲାଙ୍କ କବିତା ଆବୃତ୍ତିର କିଛି ଫଟୋ



ସାର୍ଥକ ପଣ୍ଡା



ସୌମ୍ୟ ରଞ୍ଜନ ଦଳବେହେରା



ପୂର୍ଣ୍ଣମାସୀ ଶତପଥୀ



ସାୟନ୍ତନୀ ଦାଶ



# ବୃଦ୍ଧାଶ୍ରମ

ମୂଳ ହିନ୍ଦୀ ଲେଖା: ଶ୍ରୀମତୀ ଲତା ତେଜେଶ୍ୱର
ଅନୁସୃଜନ : ଶ୍ରୀମତୀ ବିଜୟଲକ୍ଷ୍ମୀ ପଟ୍ଟନାୟକ

ଏଇମାତ୍ର କିଛିଦିନ ପୂର୍ବର କଥା । ଆମେ ଗୋଟେ ବୃଦ୍ଧାଶ୍ରମ ଯାଇଥିଲୁ । ମୁଁ ମୋ ସାଙ୍ଗ ମମତା, ତାଙ୍କ ସ୍ୱାମୀ ରାହୁଲ, ଆଉ ତାଙ୍କର ପିଲାମାନେ ରୋହନ ଓ ଇଷା । ଯେମିତି ଆମେ ସେଠାରେ ପହଞ୍ଚିଛୁ ଆଶ୍ରମର ୱାର୍ଡେନ୍ ଆସି ଆମକୁ ସ୍ୱାଗତ କଲେ ଏବଂ ଆମକୁ ଆସନ ଗ୍ରହଣ କରିବାକୁ କହିଲେ । ଆମେ ଅଭ୍ୟର୍ଥନା ଗୃହରେ ଯାଇ ବସିଲୁ । କିଛି ସମୟ ପରେ ଆମକୁ ଅଫିସରୁ ଡାକରା ଆସିଲା । ଆମେ ସେଠାରେ ଯାଇ ବସିବା ପରେ ଅଫିସର ସଞ୍ଚାଳିକା ଅନୁପମା ଆମକୁ ଆସି ପଚାରିଲେ "ଏଠାକୁ ଆସି ପହଞ୍ଚିବା ପାଇଁ ଆପଣଙ୍କୁ ବେଶୀ କଷ୍ଟ ହେଇନି ତ ? "

ଆମେ କହିଲୁ, " ନାଁ ଆଜ୍ଞା ।"

ସେ ପୁଣି ପଚାରିଲେ , " କହନ୍ତୁ ଆପଣ କଣ ଚାହାନ୍ତି ?
ଆପଣ ମା- ବାପାଙ୍କୁ ପୋଷ୍ୟ ଗ୍ରହଣ କରିବାକୁ ଚାହୁଁଛନ୍ତି ?"

"ଆଜ୍ଞା ଆପଣ ଭୁଲ ଭାବୁଛନ୍ତି । ଆମେ କାହାରିକୁ ଏଠାରେ ପୋଷ୍ୟ ଗ୍ରହଣ କରିବାକୁ ଆସିନାହୁଁ । ଆମକୁ କେହି ପୋଷ୍ୟ ଗ୍ରହଣ କରନ୍ତୁ ବୋଲି ବ୍ୟାକୁଳ ହେଉଛୁ । ଆମେ ଚାହୁଁଛୁ ଆମକୁ କେହି ପୋଷ୍ୟ କରନ୍ତୁ ।" ମମତା କହିଲେ ।

ୱାର୍ଡେନ୍ ଆଶ୍ଚର୍ଯ୍ୟ ହୋଇ ପଚାରିଲେ," କାହିଁକି ?"

ସେ ଆଉ କିଛି ପଚାରିବା ଆଗରୁ ମମତାଙ୍କ ଆଖି ଲୁହରେ ଭରିଗଲା । ସେ ଆଖି ପୋଛୁ ପୋଛୁ ଜବାବ ଦେଲେ - " ଆଜ୍ଞା ଆମେ ମୂଳରୁ ହିଁ ଅନାଥ ଥିଲୁ ବିବାହ ପରେ ଆମର ଗୋଟେ ଛୋଟ ପରିବାର ଅଛି । ଆମର ପିଲାମାନେ ବି ଅଛନ୍ତି । ଆମ ପିଲା ବହୁତ ବଡ ହୋଇ ନାହାଁନ୍ତି । ଆମେ ଚାକିରିଆ ଲୋକ । ଆଉ ଭଗବାନଙ୍କ ଦୟାରୁ ଅନ୍ତତଃ ରୋଜଗାର ଯେତିକି ହେଉଛି ଆମେ ସ୍ବଚ୍ଛଳରେ ପରିବାରକୁ ଖୁସିରେ ରଖି ପାରୁଛୁ । ଚାକିରୀ କରିଥିବାରୁ ଆମକୁ ପ୍ରାୟ ଘର ବାହାରେ ରହିବାକୁ ପଡୁଛି । ପିଲାମାନେ ଏକୁଟିଆ ବହୁତ ବ୍ୟସ୍ତ ହେଉଛନ୍ତି । ସେମାନେ ଆମର ଅନୁପସ୍ଥିତି ରେ ଆମକୁ ବହୁତ ଖୋଜୁଛନ୍ତି । " ନିଜ ପିଲାଙ୍କ ମୁଣ୍ଡରେ ହାତ ବୁଲେଇ ଆଣି ପୁଣି କହିଲେ " ଦେଖନ୍ତୁ ଆପଣ ଆମକୁ ଖରାପ ଭାବନ୍ତୁନି ଯେ ଆମ ପିଲାମାନଙ୍କ ଦାୟିତ୍ୱ ଆମେ କାହାରି କାନ୍ଧ ଉପରେ ଲଦିଦେବାକୁ ଆସିଛୁ । ଆମେ ଏଠାକୁ ଏଇଥିପାଇଁ ବି ଆସି ନାହୁଁ ଯେ ଆମେ ବାହାରକୁ ଯିବାପରେ ଆମ ପିଲା ମାନଙ୍କର ଦେଖାଶୁଣା କେହି କରନ୍ତୁ । ଆମେ ଏଇଥିପାଇଁ ଆସିଛୁ ଯେ ଆମକୁ କେହି ବୟସ୍କଙ୍କର ଆବଶ୍ୟକତା ଅଛି । ସାରାଦିନ ଘରୁ ବାହାରେ ରହୁଥିବା ଯୋଗୁଁ ଆମ ପିଲା ଏକୁଟିଆ ହୋଇ ଯାଉଛନ୍ତି , ତା ସହିତ ସେମାନେ ଆମ ସଂସ୍କାର ଠାରୁ ଦୂରକୁ ଚାଲି ଯାଉଛନ୍ତି । ଆମ ଘରେ କେହି ବୟସ୍କ ଲୋକ ନାହାଁନ୍ତି ଭଲ ମନ୍ଦ ବୁଝେଇ ଦେବାକୁ ବା ସେମାନଙ୍କୁ ଆଶୀର୍ବାଦ ଦେବାକୁ କାହାରି ହାତ ଉଠେ ନାହିଁ । ପିଲାଦିନରୁ ହିଁ ଆମ ଉପରୁ ଆମ ମା' ବାପାଙ୍କ ଆଶୀର୍ବାଦର ହାତ ଉଠି ଯାଇଛି ।

ସେତେବେଳେ ରାହୁଲ କହିଲେ," ଦେଖନ୍ତୁ ଆମେ ତାଙ୍କର ସମସ୍ତ ଆବଶ୍ୟକତାକୁ ପୁରା ଧ୍ୟାନର ସହିତ ପୂରଣ କରିବୁ । ଆମେ କେବଳ ସ୍ନେହ ମମତାର ଭୋକିଲା ଅଛୁ । ଆମକୁ ଯିଏବି ଗ୍ରହଣ କରିବ ଆମେ ସାରା ଜୀବନ ମା-ବାପାଙ୍କ ପରି ସେମାନଙ୍କର ସେବା କରିବୁ । ବାସ୍ ସେମାନେ କେବଳ ବୃଦ୍ଧ ବାପା-ମାଙ୍କ ପରି ଆମ ଉପରେ ତାଙ୍କର ହକ୍ ସାବ୍ୟସ୍ତ କରନ୍ତୁ , ଆମ ପିଲାମାନଙ୍କ ର ଛୋଟ ଛୋଟ ଭୁଲକୁ କ୍ଷମା କରି ଆମକୁ ଠିକ୍ ବାଟ ଦେଖାନ୍ତୁ । ଆମ ପିଲାଙ୍କ ମୁଣ୍ଡ ଉପରେ ସେମାନଙ୍କର ଆଶୀର୍ବାଦର ହାତ ସଦାସର୍ବଦା ରହିଥାଉ ।"

କିଛି ସମୟ ଚୁପ୍ ରହି ଟିକେ ଭାବୁକ ହୋଇ ରାହୁଲ ପୁଣି କହିଲେ," ମୁଁ ପିଲା ଦିନରୁ ବାପା-ମା ବିନା ଜୀବନ ବିତେଇଛି , ସେମାନଙ୍କ ଠାରୁ ସ୍ନେହ ଶ୍ରଦ୍ଧା ନ ପାଇ ମୁଁ ମୋ ପିଲାଦିନକୁ ହଜେଇ ଦେଇଛି । ଏବେ ଆମେ ଅନ୍ତତଃ ସେତିକି ଯୋଗ୍ୟ ହୋଇଛୁ ଯେ ସେମାନଙ୍କର ସବୁ ଆବଶ୍ୟକତା ପୂରଣ କରି ପାରିବୁ । ଆଉ ଏବେ ଆମକୁ ବାପା-ମା ଦରକାର । ଆମେ ଚାହୁଁଛୁ ଯେ କେହି ଆମକୁ ପୋଷ୍ୟ ଗ୍ରହଣ କରି କୋଳେଇ ନେଉ । ବାସ୍ ଏହା ବ୍ୟତୀତ ଆମେ ଆଉ କିଛି ଚାହୁଁ ନାହିଁ ।" ତାଙ୍କ ଆଖି ପୁଣି ଛଳ ଛଳ ହୋଇଗଲା । " ଦେଖନ୍ତୁ, ଆମକୁ ମନା କରନ୍ତୁନି ।" ମମତା ଅନୁପମାଙ୍କର ହାତ ଧରି ପକାଇ ଅନୁନୟ କଲେ ।

ୱାର୍ଡେନ୍ ଅନୁପମା ଆବାକ୍ ହୋଇ ରହିଗଲେ । ନିଜ ମା-ବାପାଙ୍କୁ ବୋଝ ଭାବି ଏଠାରେ ଛାଡିକରି ଯିବା ଲୋକତ ଦେଖିଛି , କିନ୍ତୁ ଏମାନେ ପ୍ରଥମ ଏପରି ମା-ବାପା ଖୋଜୁଛନ୍ତି ଏବଂ ସେଥିପାଇଁ ଏତେ ବିବ୍ରତ ହେଉଛନ୍ତି । ଏହା ସତ ଯେ ଯାହା ମାଗଣାରେ ମିଳିଯାଏ ତାର ମୂଲ୍ୟ କେହି ବୁଝନ୍ତିନି । ମାଗି ନ ଥିଲେ ବି ପିଲାଙ୍କୁ ବାପା-ମା ମିଳିଯାନ୍ତି । ନ ମାଗିଲେ ବି ସେମାନଙ୍କର ସବୁ ଇଚ୍ଛା ପୂର୍ଣ୍ଣ ହୋଇଯାଏ । ଏହି କାରଣରୁ ବୋଧହୁଏ ପିଲାମାନେ କିଛିଦିନ ପରେ ମା-ବାପାଙ୍କ ଉପରେ କ୍ଷୁର୍ଣ୍ଣ ହୋଇ ଯାଆନ୍ତି ଏବଂ ସେମାନଙ୍କ ପିଛା ଛାଡି ସ୍ୱାଧୀନ ହେବାକୁ ଚାହାଁନ୍ତି । କିନ୍ତୁ ଯାହାକୁ ସେହି ସ୍ନେହ ମମତା ମିଳିନାହିଁ , ସେ ହିଁ ବୁଝିଛି ସେ ସ୍ନେହର ମୂଲ୍ୟ କଣ । ଅନୁପମାଙ୍କର ଆଖିରେ ଲୁହ ଆସି ଯାଇଥିଲା । ସେ ପିଲାଙ୍କ ଆଡକୁ ଚାହିଁଲେ ।

ଇସା ସରଳ ଭାବରେ ପଚାରିଲା "ଆପଣ ଆମକୁ ଦାଦା-ଦାଦି ଦେବେନା ?" ସେତେବେଳେ ପୁଣି ରୋହନ କହିଲା, " ମୋର ସବୁ ସାଙ୍ଗଙ୍କର ଦାଦା-ଦାଦି ଅଛନ୍ତି ଯିଏ ତାଙ୍କୁ ପ୍ରତିଦିନ ନୂଆ ଗପ ଶୁଣାଉଛନ୍ତି । ଥାପୁଡାଇ ଶୁଆଉଛନ୍ତି । କିନ୍ତୁ ଆମକୁ କେହି ଗପ କହୁ ନାହାଁନ୍ତି , ଆମର କେହି ଦାଦା ଦାଦି ନାହାଁନ୍ତି ନା, ସେଇଥିପାଇଁ ।" ସେ ଆଶାୟୀ ଆଖିରେ ଚାହିଁ କହିଲା ।

ଅନୁପମା ଚୌକିରୁ ଉଠି ଆଗକୁ ଆସି କହିଲେ, " ଆହା , ଯଦି ସବୁ ପୁଅ-ଝିଅ ମା-ବାପାଙ୍କ ସ୍ନେହକୁ ଆପଣଙ୍କ ପରି ବୁଝି ପାରନ୍ତେ , ତେବେ ଆଜି ଏହିପରି ବୃଦ୍ଧାଶ୍ରମର ଆବଶ୍ୟକତା ନ ଥାନ୍ତା । ଚାଲନ୍ତୁ ଆପଣଙ୍କୁ ସମସ୍ତଙ୍କ ସହିତ ଭେଟ କରେଇ ଦେଉଛି ।"



■■■

ଭୁବନେଶ୍ୱର - ୧୬

# ଆକ୍ଚୁଆଲ୍ ବନାମ ଭର୍ଚୁଆଲ

ଡଃ କିଶୋର ମହାନ୍ତି





ଯାହା ଭରଚୁଆଲ ହାଆକଚୁଆଲ ନୁହେଁ, ସମ୍ପ୍ରତି ମଣିଷକୁ ଏହା ଘୋର ସଙ୍କଟ ଭିତରକୁ ଠେଲିଦେଉଛି । ଏବେ ଆମେ ସମସ୍ତେ ଭରଚୁଆଲ ପାଇଁ ପାଗଳ, ଏହା ସତେ ଯେମିତି ଆମ ନିତିଦିନିଆ ଜୀବନଚର୍ଯ୍ୟାରେ ସାମିଲ ହୋଇସାରିଛି, ଏହାଦ୍ୱାରା ଆମେ ନିଶାଗ୍ରସ୍ତ। ତଥାପି ଆମେ କଦାଚିତ ଏଯାବତ ହାତଛଡା କରିପାରୁନାହୁଁ, ପ୍ରତିଟି କ୍ଷେତ୍ରରେ ଏହି ମାଧମ ଲୋଡ଼ାପଡୁଛି।

ଏହା ଫଳରେ ଆମ ସଂସ୍କୃତି ପରମ୍ପରା ଉପରେ ଆଞ୍ଚ ଆସୁଛି, ଆଜି ଆଉ ବାହାରକୁ ଯାଇ ପୁନେଇଁ ଜହ୍ନ କୁ ମନଭରି ଉପଭୋଗ କରିବାର ସମୟ ଖୋଜି ପାଉନାହିଁ, ଆକଚୁଆଲରେ ଯୋଉ କୌତୁକହଳ ଥିଲା ତାହା ଏଥିରୁ ଆମେ ପାଉନାହୁଁ । ଭିନ୍ନଭିନ୍ନ ପ୍ରକାରର ଜହ୍ନ ଭରଚୁଆଲ ମେଡ଼ିଆରେ ବେଶ ଚଟାପଟ ଉପଲବ୍ଧ । ସିଧାସଳଖ ବନ୍ଧୁବାନ୍ଧବଙ୍କ ଘରକୁ ଯାଇ ତାଙ୍କ ସାଙ୍ଗରେ ମିଶି ହୃଦୟକୁ ହୃଦୟ ମିଳାଇ ବନ୍ଧୁତ୍ୱର ଯେଉଁ ସ୍ଥାୟୀତ୍ୱ ପ୍ରତିଷ୍ଠା ହୋଇ ପାରୁଥିଲା ତାହା ଏବେ କୁଆଡେ ଆମେ ଫେସବୁକରେ ପାଇପାରୁଛେ। ଆଜିକାଲି "ଇ "ର ଯୁଗ। ଇ-ମେଲରେ ସାଙ୍ଗେ ସାଙ୍ଗେ ଖବର ପହଂଚି ଯାଉଛି ସତ ହେଲେ ଚିଠିଖଣ୍ଡିଏ ପହଂଚିବା ପାଇଁ କେତେ ପ୍ରତୀକ୍ଷା, କେତେଆତ୍ମଦହନ, କେତେ ରୋମ ମନ୍ଥନ.. ପୋଷ୍ଟ ପିଅନ କୁ ଅପେକ୍ଷା କରିବା। ମଣିଷର ଆବେଗ, ଉତ୍କଣ୍ଠା ବଢ଼ାଇ ଶେଷରେ ପତ୍ରଖଣ୍ଡି ଏହସ୍ତଗତ ହେଲେ ତାକୁ ତୃଷାତୁର ହୋଇ ପାଠ କରିବାରେ କି ଅପାର ଆନନ୍ଦ ତାର ଭାଷାଶୈଳୀ, ଦରଦ, ବେଦନା ଯେମିତି ମନକୁ ରୋମାଂଚିତ କରିଦିଏ ତାହାକଣ ଇ-ମେଲରେ ସମ୍ଭବ ? ଗ୍ରାମ୍ୟ ପରିବେଶ, ଖେଳକୁଦ, ପର୍ବପର୍ବାଣି, ମେଳା ମଉଛବ ଛନ୍ଦହରା ଜୀବନ, ନଦୀକୂଳ, ଆମ୍ବତୋଟା ଏସବୁ ସ୍ୱଚକ୍ଷୁରେ ଦେଖି ଯେତିକି ମନ ଓ ହୃଦୟ କୁ ଆନନ୍ଦିତ କରିହୁଏ ତାହା କଣ ଭରଚୁଆଲରେ ସମ୍ଭବ? ଆଜି ଭରଚୁଆଲରେ ଜନ୍ମଦିନ ଉତ୍ସବ ପାଳନ ହେଉଛି, ବର କନ୍ୟାଙ୍କର ହାତଗଣ୍ଠି ପଡୁଛି ଏବଂ ଗୋଟିଏ ଯୋଡିଏ ଲୋକରେ ଯାହା ସମ୍ଭବ ସେଠି ହଜାର ବରଯାତ୍ରୀ ନେଇ ବାଜା ରୋଶଣୀ, ଭୋଜିଭାତ, ଏତେ ସାଜସଜ୍ଜା ଥିବା ବାହାଘର ପରିବାର ବର୍ଗଙ୍କୁ ଯେଉଁ ଆନନ୍ଦ ଦେଉଥିଲା ତାହା ଏବେ କୁଆଡେ ଲୁଚିଗଲାଣି।

ଏହା ସତ୍ୟ ଯେ କରୋନା ମହାମାରୀର ସଙ୍କଟ କାଳରେ ଏହା ନିଶ୍ଚିତ ଭାବରେ ବେଶି ସାହାଯ୍ୟ କରିଛି, ଏକାନ୍ତ ବାସରେ ଥିବାବେଳେ ଦୋକାନ ବଜାର ମନା ତଥା ତାଲା ବନ୍ଦ ସମୟରେ ଟିପ ମାରିଦେଲେ ଗୋଡ଼ ପାଖରେ ସବୁ ଚିଜ ଆସି ପହଂଚିଯାଉଛି । ଏହା ମୋବାଇଲର କମାଲ ନୁହେଁ କି??ସୋସିଆଲ ମେଡ଼ିଆରେ ୱେବନାର ମାଧମ ରେ ସଭା ସମିତି କରିବାଠାରୁ ଆରମ୍ଭ କରି ଗୀତ, ନାଚ, ମନୋରଞ୍ଜନ, ଶିକ୍ଷା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଟିପ୍ପଣୀ ସହଜରେ ନିମିଷକେ ମିଳିପାରୁଛି । ସାରା ଦୁନିଆର ତ୍ୱରିତ ଖବର ଏ କୋଣରୁ ସେ କୋଣରେ ଆସି ପହଂଚିପାରୁଛି । ଅନଲାଇନରେ ଟୀକାକରଣର ସହଜରେ ସୁବିଧାରେ ପଞ୍ଜୀକରଣ ହୋଇପାରୁଛି । କମ ଲୋକଙ୍କୁ ନେଇ ଗୋଟିଏ ଛୋଟିଆ ଘରେ ମେଲୋଡି, ଗୀତଗାଇବା, ଯାତ୍ରା, ନାଟକ ଦେଖିହେଉଛି।

ମୋବାଇଲ ଖୋଲିଲେ ୟୁଟ୍ୟୁବ ମାଧମରେ ଏହା ଦେଖିବାର ସୁବିଧାଅଛି । କିନ୍ତୁ ଏ କଥା ସତ ଯେ ଆକଚୁଆଲ ବା ପ୍ରତ୍ୟକ୍ଷଭାବରେ ଅଂଶ ଗ୍ରହଣ କରି ସେ କବି ସମ୍ମେଳନ ହେଉ ନାଚ ଗୀତ ହେଉ ସିଧାସଳଖ ଯୋଡି ହେଇ ଆନନ୍ଦ ଉପଲବ୍ଧି କରିବାର ମଜା ପ୍ରକୃତରେ ନିଆରା।

କଳାକାରଟିଏ ନିଜ ପ୍ରତିଭା ଯେତେବେଳେ ହଲରେ ହଜାର ହଜାର ଦର୍ଶକଙ୍କ ଆଗରେ ପରିବେଷଣ କରିଥାଏ ସେତେବେଳେ ସେମାଙ୍କର ପ୍ରଶଂସା ର ତାଳି ତାକୁ ସ୍ୱର୍ଗ ସୁଖ ଠାରୁ ଅଧିକ ମିଳିଥାଏ ଓ ସେ ଦ୍ୱିଗୁଣିତ ଉତ୍ସାହ ପାଏ। ଏଗୁଡିକ ଶିଳ୍ପୀ ଭରଚୁଆଲରେ କରିପାରେ ହେଲେ ସେ ତାଳିବାଜିବାର ମଜା କୋଉଠୁ ମିଳିବ? ଆକଚୁଆଲରେ ସେ ଭୁଲତ୍ରୁଟି ସଂଶୋଧନ କରିପାରେ କିନ୍ତୁ ଭରଚୁଆଲରେ ସମ୍ଭବ ନୁହେଁ । ଏକେତ ଭରଚୁଆଲ ନିଶା ପରି ଗ୍ରାସକରି ଥାଏ ।

ଏଠି କୌଣସି ଟି ଜୀବନ୍ତ ପରି ଲାଗେନାହିଁ । ଏହା କୃତ୍ରିମତା ଆଡକୁ ଟାଣିନିଏ । ଭରଚୁଆଲ ମାଧ୍ୟମରେ ଖେଳ କିଶୋରମାନଙ୍କୁ ବିଭ୍ରାନ୍ତ କରେ । aäë-ହୁଇଲ  ଭଳି ଖେଳ ଅତୀତରେ କେତେ କେତେ ନିରୀହ ଜୀବନ କୁ ମୃତ୍ୟୁ ଭିତରକୁ ଠେଲି ନ ଦେଲା କୁହତ ?  କିନ୍ତୁ ଏ କରୋନା କାଳରେ ଅନଲାଇନ ଶିକ୍ଷା ହିଁ ଖୁବ ଜରୁରୀ। କିନ୍ତୁ  ଯେଉଁ ଯେଉଁ ଜାଗାରେ ନେଟ ପହଂଚି ପାରୁନାହିଁ ସେଠି ପଢ଼ାଇବା ବା ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବା ବହୁତ କଷ୍ଟ।  କିନ୍ତୁ ଏ କଥା ସତ୍ୟ ଶିକ୍ଷାୟତନରେ ଶିକ୍ଷକ ଠାରୁ ସିଧାସଳଖ ବିଦ୍ୟା ଅର୍ଜନ ହୃଦୟରେ ଛାପ ପଡ଼ିଯାଏ,  ଭଲ ଶିକ୍ଷକ ଥରେ ବୁଝେଇ ଦେଲେ ତାହା ଜୀବନ ତମାମ ମନେ ରହି ଯାଇଥାଏ । ଚାଟଶାଳୀର ଛାଟ ଯାହା ଦେହରେ ଥରେ ବାଜିଛି ତାର ଏବେ ବି ପଣିକିଆ ଗୋଟି ଗୋଟି କରି ମନେରହିଛି । ଏ ବେଳରେ

ସିଡ଼ିଏ, କଟକ
୯୪୩୭୭୨୮୪୭୫


■■■



# ଭରସା

ଅଧ୍ୟାପକ ଅଜୟ ପଟ୍ଟନାୟକ





ମୋବାଇଲ୍ ର ରିଙ୍ଗ ଶୁଣି ସତ୍ୟାନନ୍ଦବାବୁ କାନ୍ଥଘଣ୍ଟାକୁ ଚାହିଁଲେ, ସମୟ ଅପରାହ୍ନ ୫ଟା, ବାଲକୋନି କୁ ଆସି ତଳକୁ ଅନାଇ କହିଲେ, ଭାଇ ଅପେକ୍ଷା କର ମୁଁ ଯାଉଛି । ଉପର ମହଲାର ସିଡ଼ିରୁ ଓହ୍ଲାଇ ତଳକୁ ଆସି, ଗେଟ ଖୋଲି ରାସ୍ତାକୁ ଆସିଲେ । ଠିକ୍ ଏହି ସମୟରେ ପ୍ରତିଦିନ କଲୋନିର ଉମା ବାବୁ, ଖୋକନ ବାବୁ, ସରୋଜ ବାବୁଅ ।ସି ସତ୍ୟାନନ୍ଦବାବୁଙ୍କୁ ମିସ୍‌କଲ୍ ଦିଅନ୍ତି ଓ ସେ ବାହାରି ପଡନ୍ତି ସାନ୍ଧ୍ୟ ଭ୍ରମଣରେ ଏଇ ବନ୍ଧୁ ମାନଙ୍କ ସହ । ଏମାନେ ସମସ୍ତେ ଅବସରପ୍ରାପ୍ତ କର୍ମଚାରୀ । ଚାଲି ଚାଲି ଯାଆନ୍ତି ମେନ୍ ରୋଡରେ ଥିବା ବସ୍ ଷ୍ଟପ୍‌ର ବିଶ୍ରାମ ସ୍ଥଳକୁ । ସେଠି ତିଆରି ହୋଇଥିବା ଷ୍ଟିଲ୍ ବେଞ୍ଚରେ ବସି ଖୋଲା ପବନ ଉପଭୋଗ କରିବା ସହ ଲୋକ ମାନଙ୍କ ଯିବା ଆସିବା ଗହଳି ଦେଖି ମନ ଟିକେ ଫୁର୍ତ୍ତି କରନ୍ତି । କିଛି ସମୟ ପରେ ଉଠି ପାଖ ମନ୍ଦିର ଚଟାଣରେ ବସି ଦୁଃଖ ସୁଖ ହୁଅନ୍ତି, ସନ୍ଧ୍ୟା ଆଳତି ହେବା ପର୍ଯ୍ୟନ୍ତ ।ଆରତି କୀର୍ତ୍ତନରେ ସାମିଲ ହୋଇ, ପୂଜକ ଦ୍ୱାରା ପଠିତ ଗୋଟେ ଅଧ୍ୟାୟ ଭାଗବତ ଶୁଣି ଘରକୁ ଫେରନ୍ତି ସାଙ୍ଗହୋଇ । ସାତ ଟା ଭିତରେ ଘରେ ନ ପହଞ୍ଚିଲେ, ବୋହୂ ଅନନ୍ୟା ବ୍ୟସ୍ତ ହୋଇ ଫୋନ କରେ । ସକାଳେ ମଧ୍ୟ ସେହିପରି ୬ଟା ବେଳେ ସେ ତଳକୁ ଆସନ୍ତି, ଠାକୁର ପୂଜା ପାଇଁ କିଛି ଫୁଲ ତୋଳନ୍ତି ଓ ଓମ୍‌ଫେଡ୍ ଷ୍ଟଲରୁ କ୍ଷୀର ନେଇ, ବୁଲାବୁଲି କରି ଘରକୁ ଫେରନ୍ତି । ଏ ଘର ତାଙ୍କ ପୁଅ ରହୁଥିବା ଭଡାଘର, ପ୍ରାୟ ବର୍ଷେ ହେବ ସେ ଏଠାରେ ସାନ ପୁଅ ପାଖରେ ରହୁଛନ୍ତି ।

ସତ୍ୟାନନ୍ଦ ବାବୁ ଜଣେ ବ୍ୟାଙ୍କିଙ୍ଗ୍ ଅଫିସର । ତାଙ୍କର ଦୁଇ ପୁଅ । ବଡପୁଅ ବୋହୂ ହାଇଦ୍ରାବାଦରେ ରହନ୍ତି । ସେମାନେ ସଫ୍ଟୱେୟାର ଇଂଜିନିୟର । ତାଙ୍କର ଗୋଟେ ପୁଅ । ସାନ ପୁଅ ଭୁବନେଶ୍ୱରରେ ଜବ୍ କରେ । ତା ର ମଧ୍ୟ ଗୋଟେ ପୁଅ । ସାନ ବୋହୂ ହାଉସ୍ ୱାଇଫ୍ । ଓଡିଶାର ବିଭିନ୍ନ ଜାଗାରେ ଚାକିରି କରି, ପୁରୀର ଅଠରନଳାଠାରେ ଗୋଟିଏ ଘର ତିଆରି କରିଛନ୍ତି । ଅବସର ପରେ ସସ୍ତ୍ରୀକ ପୁରୀରେ ରହୁଥିଲେ । ଚାକିରି ସମୟ ଭିତରେ ଦୁଇ ପୁଅଙ୍କ ବିଭାଘର କାର୍ଯ୍ୟ ସାରି ଦେଇଥିଲେ, ପୁଅ ମାନେ ନିଜ ନିଜ ଚାକିରି ଜାଗାରେ ପିଲା ଛୁଆ ନେଇ ରହନ୍ତି । ପୁରୀ ପ୍ରତି ସତ୍ୟାନନ୍ଦବାବୁଙ୍କର ବିଶେଷ ଆକର୍ଷଣ । ତେଣୁ କଟକ ବା ଭୁବନେଶ୍ୱରରେ ଘର ନ କରି ପୁରୀରେ ଘର କରିଛନ୍ତି । ତାଙ୍କ କଲେଜ ଜୀବନ ପୁରୀ ସହରରେ କଟିଛି । ଜଗନ୍ନାଥ ମନ୍ଦିର, ସୁନ୍ଦର ସମୁଦ୍ର ବେଳାଭୂମୀ, କଲେଜ ଜୀବନରେ ଅନେକ ସାଙ୍ଗ, ଜାଗାଘର, ଦୋକାନ, ପୋଖରୀ, ବଜାର, ଗଳି କନ୍ଦି ସହ ପରିଚିତ ଯୋଗୁ ସେ ପୁରୀ ରେ ରହିବାକୁ ସ୍ଥିର କରି ଘରଟିଏ ତିଆରି କରିଛନ୍ତି । ପଢିବା ସତ୍ୟାନନ୍ଦ ବାବୁଙ୍କର ହବି ।ବିଭିନ୍ନ ପ୍ରକାର ବହି ବିଶେଷ କରି ଆଧ୍ୟାତ୍ମିକ ପୁସ୍ତକ, ପତ୍ର ପତ୍ରିକାରେ ତାଙ୍କର ଘର ବୋଝେଇ ହୋଇଛି । ସ୍ତ୍ରୀ ସୁନନ୍ଦା ମଧ୍ୟ ଜଣେ ଭକ୍ତି ମାର୍ଗର ମହିଳା, ତେଣୁ ସେ ମଧ୍ୟ ପୁରୀରେ ରହିବାକୁ ଆଗ୍ରହୀ ଥିଲେ । ତାଙ୍କର ଅବସର ଜୀବନ ପୁରୀରେ ଖୁବ୍ ଆରାମରେ କଟୁଥିଲା । ଜଗନ୍ନାଥ ମନ୍ଦିର ର ବିଶେଷ ପର୍ବଦିନ ମାନଙ୍କରେ ତାଙ୍କର ଅଧିକାଂଶ ସମୟ ମନ୍ଦିରରେ କଟେ । ଏମିତି ତ ପ୍ରତ୍ୟେକ ସଂଧ୍ୟାରେ ସେମାନେ ସସ୍ତ୍ରୀକ ମନ୍ଦିର ଆସି ଘଣ୍ଟେ ଦୁଇଘଣ୍ଟା ନିଶ୍ଚୟ କଟାଇବେ । ପୁଅ ମାନେ ମଝିରେ ମଝିରେ ପୁରୀ ଆସନ୍ତି ଛୁଟି କଟାଇବା ପାଇଁ । ସତ୍ୟାନନ୍ଦ ବାବୁ ମଧ୍ୟ ବିଭିନ୍ନ ସମୟରେ ଯାଆନ୍ତି ହାଇଦ୍ରାବାଦ୍ ବା ଭୁବନେଶ୍ୱରକୁ । ପୁସ୍ତକ ପଢା, ଆଧ୍ୟାତ୍ମିକ ପ୍ରବଚନ ଶୁଣିବା, ଭଜନ ସଂଧ୍ୟାରେ ଯୋଗଦାନ, ବିଭିନ୍ନ ମଠ, ମନ୍ଦିରର କାର୍ଯ୍ୟକ୍ରମରେ ସାମିଲ ହେବା, କଲେଜ ଜୀବନର ସାଙ୍ଗମାନଙ୍କ ସହ ଭେଟ ଭେଟିରେ ସମୟ ନିଅଣ୍ଟ ପଡେ ତାଙ୍କୁ । ଦିନେ ଦିନେ ଏକୁଟିଆ ସମୁଦ୍ରକୂଳକୁ ଯାଇ, ବେଳାଭୂମି ବାଲିରେ ଶୋଇ ଅତୀତର ସ୍ମୃତି ରୋମନ୍ଥନ କରନ୍ତି । କାରଣ ପ୍ରୌଢ ଅବସ୍ଥାରେ ଆଉ ତ ଭବିଷ୍ୟତ ନେଇ କିଛି ଆଶାକରିବାର ନଥାଏ, ବର୍ତ୍ତମାନ ତ ଗତାନୁଗତିକ ଧାରାରେ କଟେ, ବିଶେଷ ନୂତନତା ନଥା, ତେଣୁ ଅତୀତ ହିଁ ମନ ପାଇଁ ବିଶେଷ ଖୋରାକ ଯୋଗାଇଥାଏ । ମଣିଷର ମନ ଏକ ଅଜବ ଜିନିଷ, ଅହରହ ସେଥିରେ ଭାବନାର ଆତଯାତ ହେଉଥାଏ । ଛେଳିର ପାଟି ସବୁବେଳେ ଚୋବାଉଥିବାଭଳି, ମଣିଷର ମନରେ ଭାବନା ର ଆତଯାତ ହେଉଥାଏ ଏବଂ ଏଥିରେ ଭଲ ଚିନ୍ତନ କମ୍ ଥାଏ, ଖରାପ ଚିନ୍ତନ ବେଶି । ତେଣୁ ମନକୁ ନିୟନ୍ତ୍ରଣ କରି ସତ୍ ମାର୍ଗରେ ପରିଚାଳିତ କରିବାକୁ ହୋଇଥାଏ । ଜଣେ ଅ ।ଧ୍ୟାତ୍ମିକ ବାଦୀ ବ୍ୟକ୍ତି ପକ୍ଷେ ଏହା ସମ୍ଭବ ହୋଇଥାଏ ।

କିନ୍ତୁ ମଣିଷ ଜୀବନ କଣ ସବୁବେଳେ ସାବଲୀଳ ଢଙ୍ଗରେ ଚାଲେ ? ଚଲାପଥ ଅନେକ ଜାଗାରେ ମୋଡନିଏ । ପ୍ରଭୂ ରାମଚନ୍ଦ୍ର ରାତି ପାହିଲେ ରାଜା ହୋଇଥାନ୍ତେ କିନ୍ତୁ ଗଲେ ବନବାସ । ପ୍ରଭୂ ଶ୍ରୀକୃଷ୍ଣଙ୍କୁ ଜୀବନରେ ଚୋର ବୋଲି ଅପବାଦ ଭୋଗିବାକୁ ପଡିଥିଲା, ସ୍ୟମନ୍ତକ ମଣି ପ୍ରସଙ୍ଗରେ । ସେ ମଧ ମଥୁରାରୁ ଜରାସନ୍ଧ ଭୟରେ ଲୁଚି ଦ୍ୱାରିକାରେ ରହିଲେ । ଆଉ ସତ୍ୟାନନ୍ଦ ବାବୁଙ୍କ ଜୀବନ କଣ ମୋଡ ନେବନି ? ମୋଡ ନେଲା, ସ୍ତ୍ରୀ ସୁନନ୍ଦା କ୍ୟାନସର ରୋଗଗ୍ରସ୍ତ ହେଲେ । ମନ୍ଦିର ଅପେକ୍ଷା ବେଶି ସମୟ କଟିଲା, ଡାକ୍ତରଖାନାରେ ସତ୍ୟାନନ୍ଦ ବାବୁଙ୍କର । ଆର୍ଥିକ ସ୍ୱଚ୍ଛଳତା ମଧ ଚହଲି ଗଲା । ଦୀର୍ଘ ତିନି ବର୍ଷର ଯନ୍ତ୍ରଣା ଭୋଗି, ସୁନନ୍ଦା ଆର ପାରିକୁ ଚାଲିଗଲେ । ପୁଅମାନେ ଆସିଥିଲେ, ଶୁଦ୍ଧିକ୍ରୀୟ ସାରି ବାପାଙ୍କୁ ସାଙ୍ଗରେ ନେବାକୁ ଚାହିଁଲେ । କିନ୍ତୁ ସତ୍ୟାନନ୍ଦ ବାବୁ ପୁରୀ ଘରେ ସୁନନ୍ଦାଙ୍କ ସ୍ମୃତିକୁ ଛାଡି, ଅନ୍ୟତ୍ର ରହିବାକୁ ପସନ୍ଦ କଲେନି । ତାଛଡା ସେ ନିଜ କାମ ତ ନିଜେ କରିପାରୁଛନ୍ତି । ପୁରୀ ର ସାଙ୍ଗ ସାଥି ମାହଲ ଛାଡି, ଅନ୍ୟତ୍ର ଏକୁଟିଆ କୁଆ ପରି ରହିବାକୁ ଚାହିଁଲେ ନାହିଁ । ପୁଅ ବୋହୂ ବାଧହୋଇ ନିଜ ନିଜ କର୍ମ କ୍ଷେତ୍ରକୁ ଫେରି ଗଲେ ।ଅବଶ୍ୟ ବର୍ଷକୁ ଦୁଇ ତିନିଥର ଆସନ୍ତି, ବାପାଙ୍କ ସହ ରହିବା ଓ ଛୁଟି କଟାଇବା ପାଇଁ ।

ଦିନେ ସଂଧାରେ ଜଗନ୍ନାଥ ମନ୍ଦିରରୁ ଡେରିରେ ଫେରିଲେ ସତ୍ୟାନନ୍ଦବାବୁ, ଆସିଲାବେଳେ ପାଖ ହୋଟେଲରୁ ରୁଟି ତିନିପଟ ଓ କିଛି କ୍ଷୀର ଛେନା ଆଣିଥିଲେ । ଗ୍ୟାସ ଚୁଲାରେ କ୍ଷୀର ଗରମ କରି, ରୁଟି ସହ ଖାଉଥିବାବେଳେ ବଂଧୁ ଟୁନାର ଫୋନ ଆସିଲା, କିଛି ସମୟ କଥା ହେଲା ପରେ ତାଙ୍କର ମନେ ହେଲା ଯେମିତି ଘରଟା ବୁଲିଯାଉଛି ଖୁବ୍ ଦ୍ରୁତ ଗତିରେ । ତାପରେ ସେ ଆଉ କିଛି ଜାଣି ପାରିଲେ ନାହିଁ । ପର ଦିନ ନିଦରୁ ଉଠିଲା ବେଳକୁ ସେ ନିଜକୁ ପାଇଲେ ପୁରୀ ସରକାରୀ ଡାକ୍ତରଖାନାରେ । ପାଖରେ ଟୁନା ଓ ଆଉ କିଛି ବନ୍ଧୁଙ୍କ ଗହଳି । ତାଙ୍କୁ ଉଠିବାର ଦେଖି ସମସ୍ତଙ୍କ ମୁହଁରେ ଆନନ୍ଦ ଖେଳିଗଲା । ସେ ପଚାରିଲେ, ଆରେ ମୋର କଣ ହୋଇଛି କି ? ମୋତେ ଡାକ୍ତରଖାନା କାହିଁକି ଆଣିଲ ? ଟୁନା କହିଲା ତୋ ସହ କଥା ହେଉଥିଲାବେଳେ, ଫୋନଟା ପଡିଯିବାର ମୁଁ ଆର ପଟୁ ଶୁଣିଲି, ଯେତେ ହ୍ୟାଲୋ ହ୍ୟାଲୋ କହିଲେ ମଧ ତୋ ପଟୁ କିଛି ଉତ୍ତର ପାଇଲିନି, ବ୍ୟସ୍ତ ଲାଗିଲା । ସାକ୍ଷୀ ଗୋପାଳରୁ ପୁରୀ ପହଞ୍ଚିବାକୁ ସମୟ ଲାଗିବ, ତେଣୁ ପୁରୀରେ ରହୁଥିବା ସୁଶାନ୍ତକୁ ତୋ ଘରକୁ ଯାଇ ବୁଝିବାକୁ କହିଲି ତା ଠାରୁ ଖବର ପାଇ ସ୍କୁଟର ଧରି ଆସିଲି, ସୁଶାନ୍ତ ତତେ ଅଚେତ୍ ହୋଇ ପଡିଥିବାର ଦେଖି, ମୋତେ ଫୋନ୍ କରି ଡାକ୍ତର ଖାନା ଆସିବାକୁ କହି, ଗୋଟେ ରିକ୍ସାରେ ତୋତେ ଡାକ୍ତରଖାନା ଆଣି ଚିକିତ୍ସା ଆରମ୍ଭ କରିଦେଇଥିଲା । ଆମେ କାଲି ରାତିରୁ ଏଇଠି ବସିଛୁ, ତୋ ପୁଅଙ୍କୁ ଆମେ ଖବର ଦେଇଦେଇଛୁ, ଏବେ ତୋର ରଉଏ, ରକଡଂ ଓ ରରଏ ହେବ, ଡାକ୍ତର କହୁଛନ୍ତି କିଛି ବ୍ୟସ୍ତ ହେବାର ନାହିଁ, ତେବେ ଗୋଟେ ଇନ୍‌ଭେଷ୍ଟିଗେସନ୍ ସାରି ଦେଲେ ଭଲ ହେବ । ସାନପୁଅ ଭୁବନେଶ୍ୱରରୁ ଆସି ପାହଞ୍ଚିଲା । ବଡପୁଅ ଆସି ସଂଧାରେ ପହଞ୍ଚିଗଲା । ଦୁଇଦିନ ପରେ ସତ୍ୟାନନ୍ଦ ବାବୁଙ୍କୁ ଡାକ୍ତରଖାନାରୁ ମୁକ୍ତି ମିଳିଲା । ବନ୍ଧୁ ମାନେ ପୁଅମାନଙ୍କୁ ବାପାଙ୍କ ଏଭଳି ଅବସ୍ଥାରେ ଏକୁଟିଆ ନ ରଖି ତାଙ୍କ ପାଖକୁ ନେଇଯିବାକୁ ପରାମର୍ଶ ଦେଲେ ଓ ସତ୍ୟାନନ୍ଦ ବାବୁଙ୍କୁ ବାଧ କଲେ ପୁରୀ ଛାଡି ସାନପୁଅ ପାଖରେ ଭୁବନେଶ୍ୱରରେ ରହିବା ପାଇଁ ।

ସତ୍ୟାନନ୍ଦ ବାବୁ ଚିନ୍ତା କଲେ, ଏ ବୟସରେ ନିଶ୍ଚୟ ବଞ୍ଚିବାକୁ ଏକ ଭରସା, ସାହାରା ଦରକାର । ମଣିଷକୁ ଜୀବନରେ ବିନା ସାହାରାରେ ବଞ୍ଚିବାକୁ ଈଶ୍ୱର ସକ୍ଷମ କରିନାହାଁନ୍ତି । ଜନ୍ମ ପରେ ମଣିଷ ଚାରିଗୋଡିଆ ଜୀବନ ବିତାଉଥିଲା ବେଳେ, ପରିବାର, ବାପା, ମାଙ୍କର ସହାୟତା ବିନା ବଞ୍ଚିବା କଷ୍ଟକର । କ୍ରମେ ବଡହୁଏ ପରିବାର, ସମାଜର ସହଯୋଗରେ, ବିବାହ ପରେ ବାପା, ମାଙ୍କ ବ୍ୟତୀତ ଅନ୍ୟ ଏକ ନାରୀର ଆବଶ୍ୟକତା ପଡେ । ସଂସାରୀ ମନୁଷ୍ୟ ପକ୍ଷେ, ବାର୍ଦ୍ଧକ୍ୟରେ ବାଡିଧରି ତିନିଗୋଡିଆ ଜୀବନ ବିତାଉଥିବା ବେଳେ, ନିଶ୍ଚିତ ପୁଅ, ବୋହୂ, ସମ୍ବନ୍ଧୀଙ୍କ ସହାୟତା ଦରକାର, ନଚେତ୍ ଜରା ନିବାସରେ ଜୀବନ ବିତାଇଲେ ବି ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ହୁଏ, ବଞ୍ଚିବା ପାଇଁ । ପାଣିର ସ୍ରୋତରେ ବାଲୁକାମାନ ଅସ୍ଥିର ଭାବେ ଗତିକରୁଥିବା ଭଳି, ଏ ସଂସାର ନଈରେ କାଳର ପ୍ରଭାବରେ କିଏ କେଉଁଠି, କିପରି, କାହା ସଙ୍ଗରେ ଜୀବନ କଟାଇବ ତାହା ନିଜ ନିୟନ୍ତ୍ରଣରେ ନ ଥାଏ ବୋଧେ ।

ନୈମିଷାରଣ୍ୟ," ଜି.ଏ. ୧୧୬, ନିଳାଦ୍ରୀବିହାର
ମୋ - ୯୪୩୭୧୨୮୧୭୯

■■■

# ଦୁଇଟି ଅଣୁ ଗଳ୍ପ

ପ୍ରଜ୍ଞା ମହାନ୍ତି



## ମାଗୁଣୀ



ମନ୍ଦିର ଆଗରେ ଲମ୍ବା ଗାଡିଟେ ଅଟକିଲା । ଦୁଇଧାଡି ରେ ବସିଥିବା ଭିକାରୀ ମାନଙ୍କ ଭିତରେ ଖେଳିଗଲା ଖୁସି ର ଆଲୋଡନ ଟିକେ । ଗାଡି ଖୋଲି ବାହାରି ଆସିଲେ ଜଣେ ମହିଳା,ସାଂଗରେ ଆଠ ଦଶବର୍ଷ ର ପୁଅଟିଏ। ହାବଭାବ ରୁ ତାଙ୍କର ସମ୍ପତ୍ତି କେତେ ବାରିହୋଇ ପଡୁଥିଲା । ମାଆ ମାଆ ଡାକସହ ଅନେକ ଭିକ୍ଷାଥାଳ ବଢି ଆସିଲା ମହିଳା ଜଣଙ୍କ ଆଡକୁ ସେମାନଙ୍କ ଆଖିରେ ଆଖିଏ ଲେଖାଏଁ ଆଶା ଓ ଭରସା ର ସମାହାର । ହେଲେ ମୁହଁ ବିକୃତ କରି ନାକରେ ପଣତ ଦେଇ ପୁଅ ର ହାତଟାଣି ମହିଳା ଜଣଙ୍କ ମନ୍ଦିର ଭିତରକୁ ପଶିଗଲେ ମନ୍ଦିର ଭିତରେ ମା'ଦୁର୍ଗା ଙ୍କର କମନୀୟ ମୂର୍ତ୍ତି। ସେ ପୂଜକଙ୍କ ହାତକୁ ପୂଜାଥାଳୀ ବଢାଇଦେଲେ, ତାପରେ ମା'ଙ୍କ ଆଗରେ ପଣତ ପାତି ଆବେଗଭରା କଣ୍ଠରେ ଅନୁନୟ ହୋଇ ସ୍ୱାମୀ ପିଲାଙ୍କର ଉତ୍ତରୋତ୍ତର ଉନ୍ନତି ପାଇଁ ମାଗୁଣୀ କଲେ। ନିଜ ମା' କୁ ଅନାଇ ପିଲାଟି ଭାବୁଥିଲା, ଏବେ ଏବେ ଟଙ୍କା କେତେଟା ମାଗୁଥିବା ଭିକାରୀଙ୍କ ଆକୁଳ ଡାକ ତମେ ଶୁଣି ପାରିଲନି, ତମ ଡାକ ମା'ଦୁର୍ଗା ଶୁଣିବେ.... କେଜାଣି ???

## ଆନନ୍ଦ



ଜୀବନ ଜଞ୍ଜାଳରେ ଭାରାକ୍ରାନ୍ତ ମନକୁ ଧରି, କିଛି ସମୟ ମାନସିକ ଶାନ୍ତି ପାଇଁ ମନ୍ଦିର ରେ ପହଞ୍ଚିଲା ସତ୍ୟ । ହାତଯୋଡ଼ି, ଆରେ ଆଖି ମିଶାଇ ନୟନାଭିରାମ ମନମୋହନଙ୍କ ମନୋରମ ମୂର୍ତ୍ତି କୁ ଅନାଇ ରହିଲା । କିଛିସମୟ ଦୃଷ୍ଟି ବିନିମୟ ପରେ ତାକୁ ଲାଗିଲା, ମଧୁର ହସ ହସି ଈଶ୍ୱର ବି ତାଙ୍କ ବଡବଡ ଆଖି ଘୁରାଇ ଦେଖୁଛନ୍ତି ତାକୁ । ମନରୁ ତାର ଯେମିତି ଆବରଣଟେ ଖସି ପଡ଼ିଲା । ଶାନ୍ତ ଶୀତଳ ହୋଇଗଲା ପ୍ରାଣ, ଶରୀରରେ ଚରିଗଲା ଖୁସିର ଲହରୀ ଟିଏ । ଦଣ୍ଡବତ୍ ପ୍ରଣାମ କରି ମନ୍ଦିର ରୁ ବାହାରି ଆସୁ ଆସୁ ସତ୍ୟ ମନରେ ପ୍ରଶ୍ନଟିଏ ଉଙ୍କିମାରିଲା ?

ଯାହା ପାଖରେ ଯାହାଥାଏ ସିଏ କେବଳ ତାହାହିଁ ଦେଇ ପାରିବ। ଖୁସି ବାଣ୍ଟୁ ଥିବା ଈଶ୍ୱର ଏତେ ଖୁସି ଆନନ୍ଦର ଅଧିକାରୀ କେମିତି ? 'ବାବୁ କିଛି ଦିଅ' ଭିକାରୀ ଟିଏ ଆଖିତୋଳି ଥାଳ ପତାଇ ମାଗୁଛି। ପକେଟ୍ ଅଣ୍ଡାଳିଲା ସତ୍ୟ, ରେଜା ନଥିବା ଜାଣି ଶହେ ଟଙ୍କିଆ ନୋଟ୍ ଟେ ପକାଇ ଦେଲା ତା ରସ ଥାଳିରେ । ଅବିଶ୍ୱସନୀୟ ଆନନ୍ଦ ରେ ଟଙ୍କାଟାକୁ ଏପଟ ସେପଟ ପରଖକରି ଆତ୍ମହରା ହେଉଛି ଭିକାରୀଟି । ତାର ଖୁସି ଏବେ ସତ୍ୟକୁ ସଂକ୍ରମିତ ହୋଇଗଲା । ତା ପ୍ରଶ୍ନର ଉତ୍ତର ବି ମିଳିଗଲା ତାକୁ । କେବଳ ସବୁ କିଛି ଦେଇ ଦେଇ ଈଶ୍ୱର ଆନନ୍ଦମୟ ।

■■■

ସମ୍ବଲପୁର
ମୋ : ୯୪୩୭୩ ୬୨୪୭୩

# ଭଙ୍ଗା ଆଇନାରେ ମୁହଁ

ଶ୍ରୀ କୁଞ୍ଜବିହାରୀ ସାହୁ





ବାହାଘର ସରିବାର ଅଳ୍ପ କେତେ ମାସ ପୂରିଛି। ରମାକାନ୍ତ କିନ୍ତୁ ନିଜକୁ ଅସହାୟ ମଣିଲା । ଗୋଟିଏ ପଟରେ ହାକିମଙ୍କ କଡ଼ା ହୁକୁମ ମାନିବାକୁ ପଡୁଛି । କାରଣ 5T ବଳୟରେ ଅଫିସ୍ । ସି.ସି.ଟିଭିର ଆଖିରୁ ଦଣ୍ଡେ ଖସିଯିବାର ଯୁ ନାହିଁ । ଆଜିକାଲି ଇଣ୍ଟରନେଟରେ ହିଁ ସବୁ କାମ । ପୁଣି ହ୍ୱାଟସଆପ୍ ଗ୍ରୁପରେ ନାଁ ରହିଛି ଯେଣୁ ସବୁବେଳେ ନିଘା ରଖିବାକୁ ପଡୁଛି । ଅନ୍ୟପଟେ ବୁଢ଼ା ବାପ ମା' ର ରୋଗିଣା ଦେହକୁ ଦେଖିଲାବେଳକୁ ଆଖିରେ ଲୁହ ଭରିଯାଉଛି । କେତେବେଳେ କୋଉ କଥା , ପାଚିଲା ପତ୍ର ପରି ବାପା ମା'ଙ୍କ ଜୀବନ । ଝଡ଼ିଯିବାର ଆଶଙ୍କା ବହୁତ । ଗୋଟିଏ ବୋଲି ଗେହ୍ଲା ଭଉଣୀର ବାହା ବୟସ ଡେଇଁଗଲାଣି । ଯେତେ ଖୋଜିଲେ ବି ସବୁ ପ୍ରସ୍ତାବ ଖାରଜ ହେଇଯାଉଛି । ଗରିବୀପଣିଆ ସତେ ଯେମିତି ଟାହିଟାପରା କରୁଛି । ମୁଣ୍ଡ ଉପରେ ଦୁଃଖର ଅଳନ୍ଧୁ । ଆଗେଇବାର ରାସ୍ତାଟି ଆବୁଡାଖାବୁଡା । ପଡ଼ିଯିବାର ସମ୍ଭାବନା ଲଟକିଯାଇଛି ଅଳ୍ପରେ ।

ମୁଣ୍ଡରେ ଟେନସନ୍ ଜମାଟ ବାନ୍ଧୁଛି ରମାକାନ୍ତର ।

ଅବିଚଳିତ ମନ । କିଛି ସମୟ ନିଜ ମନକୁ ସ୍ଥିର କରି ରହିଲାବେଳକୁ ଅଜଗର ସାପ ପରି ଫଣା ଟେକି ରହୁଛି ସୁନ୍ଦରୀ ପ୍ରିୟତମା ଲୋପାନ୍ୱିତା । ଚୋଟ ମାରିବାକୁ ସୁଯୋଗ ଖୋଜୁଛି !

ସୁନ୍ଦରୀ ଲୋପା ତା' ବାପଘରୁ ଧନ ଦୌଲତ ଆଣିଛି ବୋଲି ଅହଂକାରରେ ଗର୍ଜିଉଠୁଛି । ଦିନରାତି ଖେଳକୁଦ, ନାଚଗୀତ, ତାମସାରେ ସମୟ ବିତେଇଦେଉଛି । ରମାକାନ୍ତର ଜଟିଳ ଚାକିରି ସମସ୍ୟା ଭିତରେ ଲୋପା ସିନା ସାନ୍ତ୍ୱନା ଦେବା କଥା , ବରଂ ଧନିକ ଶ୍ରେଣୀୟ ବୋଲି ସକାଳ-ସଞ୍ଜରେ ଉଠବସ୍ କରୁଛି ନିରୀହ ସ୍ୱାମୀକୁ । ଅସଙ୍ଗତ କଥା କହିଚାଲିଛି ଅନେକ । ନିଜେ ବୁଝିପାରୁନି ସହଜରେ । ରମାକାନ୍ତ ତାଙ୍କର ସ୍ୱାମୀ । ଇହକାଳ ପରକାଳରେ ଦେବତା । ସ୍ୱାମୀ ଯେତେ ନିରୀହ /ଗରିବ ହେଲେ ବି ସ୍ୱାମୀକୁ ଯଥୋଚିତ ସମ୍ମାନଦେବା ସ୍ତ୍ରୀର ମୁଖ୍ୟ ଭୂମିକା । କିନ୍ତୁ ବୁଝିବାକୁ ସମୟ ଖୋଜିନି ଲୋପା । ନିଜ ସୁନ୍ଦରପଣିଆକୁ ଜାହିର କରିଛି ସ୍ୱାମୀ ଆଗରେ । ଅନାବଶ୍ୟକ ପ୍ରସାଧାନ ସାମଗ୍ରୀ କିଣିବାକୁ ବାଧ କରିଛି ସ୍ୱାମୀକୁ ଅସମୟରେ । ପାର୍ଟି ପିକନିକରେ ବୁଲିଛି ସାଙ୍ଗସାଥୀମାନଙ୍କ ସହ । ସ୍ୱାମୀଙ୍କୁ ଅଣଦେଖା କରିଛି ବହୁବାର । ଶାଶୁ, ଶ୍ୱଶୁର ଆଉ ନଣନ୍ଦଙ୍କ କଥା ବୁଝିବାର ଆବଶ୍ୟକତା ପଡୁନି ।

ବିଚରା ରମାକାନ୍ତ ଅସହାୟତାର ଅରମାବଣରେ ଟହଲ ମାରୁଛି ନିରବିତ ମନରେ। ବରଗଛ ଓହଳ ପରି ଲମ୍ବିଯାଉଛି ତା ମନର ଅକୁହା କଥା । ଟଳମଳ ହେଉଛି ପାଦ । ମେଘବତୁରା ଆକାଶ ପରି ଆଖି । କଳା ବାଦଲରୁ ବର୍ଷା ଝରିଲାପରି ଆଖିକୋଣରୁ ନିଗିଡ଼ିଯାଉଛି ଲୁହଧାର । ବୁଝେଇଛି ଲୋପାକୁ ନିରୋଳା ମୁହୂର୍ତ୍ତରେ ସଂସାର ଓ ଜୀବନର ସଂଜ୍ଞାକୁ ? ବୁଝାଇଛି ପ୍ରାଞ୍ଜଳ ଭାବରେ ଦାର୍ଶନିକ ପରି । ଆତ୍ମବଡ଼ିମା ନେଇ ବଞ୍ଚିବାର ଅର୍ଥ କିଛି ନାହିଁ ଲୋପା । କେବଳ ମିଛ , ଅହମିକା । ବିବାହ ଏକ ସୁନ୍ଦର ବୁଝାମଣା । ଅସରନ୍ତି ଭଲପାଇବା ।

ଲୋପା ବୁଝିପାରୁନି ? ସ୍ୱାମୀ ରମାକାନ୍ତର କଥାକୁ ଶୁଣିବାପାଇଁ ବେଳ ନାହିଁ ଲୋପା ପାଖରେ ।

ସ୍କୁଲ / କଲେଜ ଜୀବନରେ ବହୁବାର ରୋମାନସ୍ କରିଛି ବୋଲି ତ ଜୀବନର ଅର୍ଥକୁ ବୁଝିପାରିଛି ଲୋପା । ପୋଲିସ୍ ଇନସ୍ପେକ୍ଟରର ଅଲିଅଳ ଝିଅ । ଉପୁରି ଅର୍ଥରେ ଅୟସ କରିଛି ତା ଯୌବନରେ । କେତେ କଳାକାରଙ୍କୁ ନଚେଇଛି ହରିଣୀର ଆଖି ଚାହାଁଣିରେ ଆଉ ପାତଳ ଗୋରା ଦେହରେ । ଏବେ ଏବେ ବାହାହେଇଛି ବୋଲି କଲେଜ ଜୀବନର ମିଠା ରୋମାନସକୁ ପାସୋରି ଦେବ କେମିତି ! ସଜଫୁଟା ଗୋଲାପ ପରି ଅତୀତ । ଚାହିଁଦେଲେ ହିଁ ଗୋଲାପ ପାଖୁଡ଼ାର ବାସ୍ନା ଝରିପଡୁଛି । ସ୍ୱାମୀର କାଠଗଣ୍ଡି ସହ କେତେ ବା ଘଷି ହେବ ? ନିଜ ଦେହରେ ତ ନିଆରା ଭୋକଟେ ଅଛି ! ରାଜକୀୟ ଷ୍ଟାଇଲରେ ଭୋକ ମେଣ୍ଟାଇବାରେ ଏକ ଅନନ୍ୟ ସୁଖ ଥାଏ ।

ସବୁବେଳେ ଚୁପଚାପ୍ ରହୁଥିବା ବିଚରା ରମାକାନ୍ତ କରିବ କଅଣ, ରାହା ଖୋଜିବାର ବାଟ ହୁଡ଼ିଗଲା। ଅଫିସର ଚାରିକାନ୍ଥ ଭିତରେ କାର୍ଯ୍ୟବ୍ୟସ୍ତତା ତା'କୁ ମାନସିକ ଆଘାତ ଦେଇଛି ବହୁବାର । ଘରକୁ ଆସିଲେ ତା ବାପା ମା ଙ୍କ ଯନ୍ତ୍ରଣା ଜର୍ଜରିତ ଦେହ । ପୁଣି ଅବିବାହିତା ଭଉଣୀର ନିରବତା । ସବୁ କିଛି ତା ଅସହାୟତାକୁ ବହୁଗୁଣିତ କରିଦେଉଛି । ରୋଷେଇଘରୁ ହିଁ ଶୁଣାଯାଉଛି ପତ୍ନୀ ଲୋପାର ବିଷାକ୍ତ କଣ୍ଠସ୍ୱର । ମୁହାଁମୁହିଁ ହେଲେ ତ ମହାଭାରତ ପର୍ବର ପରଦା ଖୋଲିଯାଉଛି ଅବିଳମ୍ବେ ।

ଆଉ ଏବେ...ଆଖି ଆଗରେ ଅସୌଜନ୍ୟ ଘଟଣାଟିଏ ଘଟିଗଲା, କେମିତି ଛାତିକୁ ପଥର କରି ସହିଯିବ ରମାକାନ୍ତ ! ସ୍ୱାମୀର ମନ, ଦେହ ଉପରୁ ବିଶ୍ୱାସ ହଟାଇ ଲୋପା କେତେ ବଡ଼ ଘୃଣ୍ୟକାମକୁ ଆଦରିନେଇଛି ସହଜରେ । ଓୟ ହୋଟେଲରେ ନାଚଗୀତରେ ମତୁଆଲା ହେଇଛି । ମାଘ ମାସର ଶୀତୁଆରାତି କଟେଇଛି । ରୋଗିଣା ବାପା ମା ଆଖିରେ ଧୂଳି ଦେଇଛି ।

ଭାବିଲାବେଳକୁ ରମାକାନ୍ତର ଓଠ ଥରିଉଠିଲା । ପାଟି ଖନି ବାଜିଲା । ଛାତିରେ ପେନ୍ ହେଲା । ଚାକର ଟୋକାଟା କି ଔଷଧ ଆଣିଦେଲା ଯେ ବିଶ୍ୱାସରେ ଖାଉ ଖାଉ ପ୍ରଥମ ଷ୍ଟ୍ରୋକ୍ ବାହାରିଗଲା । ଆଉ ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ହିଁ ଜୀବନ ଦୀପଟା ଲିଭିଗଲା ରମାକାନ୍ତର ।

ସବୁ ଶେଷ ହେଇଗଲା ସେଇଠି, ସବୁ ଶେଷ...!!

ରୋଗିଣା ବାପା ମା' ଆଖିରେ ଜୁଳୁଜୁଳିଆ ପୋକ କାମୁଡିଦେଲା ଅଚାନକ ! ବିଚରା ଭଉଣୀ ବି ଆଖିଲୁହକୁ ଚାପି ଚାପି କବାଟ କଣରେ ଲୁଚିରହିଲା । ଲୋପା ଫେରିଲା ସିନା ଘରକୁ ହେଲେ ସ୍ୱାମୀକୁ ଛୁଇଁବାକୁ ସମ୍ମତି ମିଳିଲାନି । କାରଣ ସେ ଅସତୀ ପାଲଟିଯାଇଛି । ଲୋପା ନିଜର ଶଙ୍ଖାସିନ୍ଦୁରକୁ ଥରୁଟେ ଚାହିଁଦେଲା । ତା ଦେହଟାକୁ ପରଖିନେଲା କିଛି ସମୟ ।

ସ୍ୱାମୀର ମଲାଦେହଟିକୁ ମୁଣ୍ଡିଆ ମାରିଲା । ଏକ ମିଛ ପ୍ରହସନରେ କାନ୍ଦିଲା । ଧରାପଡିଯାଉଥିଲା କ୍ରୁରତିମତା । ଶୋଇବାଘରେ ଝଣ ଝଣ ଶୁଭିଲା । କାନ୍ଥରେ ଆଉଜା ଆଇନାଟି ତଳେ ପଡିଗଲା ଆକ୍ତାମାକ୍ତା ହେଇ। ମୁହଁ ଦେଖିବ କେମିତି ?
ମଶାଣିକୁ ବୁହାହେଲା ରମାକାନ୍ତର ଶିଥିଳ ଶରୀର । ବାଟସାରା ଲୋକମାନେ କୁହାକୁହି ହେଲେ - "ଏଇଟାହିଁ ଆଜିକାଲି ଯୁବପୀଢିର ସଂସାର ଆଉ ଜୀବନ ।"

ଏଲ୍ . ଆଇ. ଜି.-୧୫, ନୟାପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ୱର

■■■

# ମିଛ ମାୟା ସଂସାର  କେହି ନୁହେଁ କାହାର

ସ୍ନେହଲତା ପଟ୍ଟନାୟକ





ମାଆ... ଲୋ...

ଭୋକ ଲାଗିଲାଣି ଶୀଘ୍ର ଭାତ ଯୋଡ଼େ ବାଢ଼ି ଦେ ସ୍କୁଲ ରୁ ଫେରି ବାରି ପଟୁ କହି କହି ଆସିଲି । ମାଆ ବି ଡେରି ନ କରି ସାଙ୍ଗେ ସାଙ୍ଗେ ଭାତ ବାଢ଼ି ଦେଲା । ଭାଇ ଓ ମୁଁ ହାତ ଗୋଡ଼ ଧୋଇ ଖାଇ ବସିଲୁ । ଲାଇନ୍ ନ ଥାଏ, ମାଆ ପାଖରେ ବସି ଆମକୁ ବିଞ୍ଚି ଦେଉଥାଏ । ସତରେ କି ଶାନ୍ତି ! ମାଆ ହାତ ତିଆରି ସେ ରସୁଣ ଫୁଟା ସନ୍ତୁଳା, ଗରମ ଗରମ ଭାତ, ମୁଗ ଡାଲି ଓ ଶୋରିଷ ସହିତ      ଅରୁଆ ଚାଉଳ ମିଶା ଫୁଟଣ ଫୁଟା ପାଣିଆ ପାଣିଆ ଶାଗ ସାଙ୍ଗକୁ ବଡ଼ି ଭଜା । କି ସୁଆଦ ! ଏବେ ଖୋଜିଲେ ବି ଆଉ ମିଳିବନି ।

ଖାଇସାରି ହାତ ଧୋଇ ତା' କାନିରେ ମୁହଁ ହାତ ପୋଛିଦେଇ ଗମ୍ଭୀରି ଭିତରେ ଟିକେ ଗଡ଼ି ପଡେ । ମାଆ ପାଖରେ ବସି ତାର ସେ ସରୁଆ ସରୁଆ ହାତରେ ମୋ ଗୋଡ଼ ହାତ ଆଉଁସି ଦେଇ କହେ - 'ମୋ ଝିଅଟା ଭାରି ହାଲିଆ ହଉଛି' । ସତରେ ଲୋ ମାଆ ତୋ ହାତରେ କି ଯାଦୁ ଥାଏ କେଜାଣି, ନିମିଷେକ ରେ ମୋର ସବୁ ହାଲିଆ ଦୂର ହୋଇଯାଏ ।

ହେଲେ ସେ ସବୁକୁ ଖୋଜିଲେ ବି ମୁଁ ଆଉ ପାଉନି । ସତେ ଯେମିତି ସବୁ ସୁଖ ମୋ ପାଇଁ ସ୍ୱପ୍ନ ହୋଇଯାଇଛି । ଭାବିଲେ ଆଖିରୁ ଲୁହ ଝରିଯାଏ । ସତରେ କ'ଣ ଅତୀତ ଅତୀତରେ ହଜିଗଲା ? ମାଆ ଡାକର ମାଦକତା  କ'ଣ ଆଉ ମିଳିବନି ? ମାଆ ଶବ୍ଦର ସେଇ ଅମୃତଭରା ଆତ୍ମୀୟତା କୁଆଡେ ହଜିଗଲା । ମାଆର ପଣତ କାନି କୁଆଡେ ଲୁଚିଗଲା ?

ମୋର ଠିକ୍ ମନେ ଅଛି...ସେ ଦିନ ଥାଏ ଏପ୍ରିଲ୍ ଦୁଇ ତାରିଖ । ତୋର ଟିକିଏ ଜ୍ୱର ହେଲା । ଭାଇ ତୋ ପାଇଁ ଔଷଧ ଆଣିଦେଲେ । ଆମେ ତୋତେ ଔଷଧ   ଖୁଆଇ ଦେଇ ତୋ ପାଖରେ ଜଗି କି ବସି ଥାଉ ଓ ସମୟେ ସମୟେ ତୋର ଜ୍ୱର ମାପୁଥାଉ । ଆଶାଥାଏ ଟିକିଏ ପରେ ତୋ ଜ୍ୱର କମିଯିବ ଆଉ ତୁ ଭଲ ହୋଇଯିବୁ । ତୁ ଭଲ ହେଇଗଲେ ତୋ ପୁଅ କରିଥିବା ଘରର ସିଡ଼ି ପାହାଚରେ ଗୁରୁଣ୍ଡି ଗୁରୁଣ୍ଡି ଛାତ ଉପରକୁ ଯାଇ ଛାତ ଉପରେ ବସି ଭାରି ଖୁସି ହେବୁ । ହେଲେ ସେ ଆଶା ଆଶାରେ ହିଁ ରହିଗଲା ଲୋ ମାଆ... । ଧିରେ ଧିରେ ତୁ ନିସ୍ତେଜ ହୋଇପଡ଼ିଲୁ  । ଆମେ ସମସ୍ତେ ମାଆ ମାଆ ବୋଲି ଡାକୁଥାଉ ଆଉ ତୁ' ଖନେଇ ଖନେଇ ହଁ ବୋଲି କହୁଥାଉ । ତୋ ଆଖି ଦୁଇଟି ଧିରେ ଧିରେ ବୁଜି ହୋଇ ଯାଉଥାଏ  । ତୋ ପାଖରେ ତୋର ସବୁ ପୁଅ ଝିଅ, ନାତି ନାତୁଣୀ ସମସ୍ତେ ଘେରି ବସି ଠାକୁରଙ୍କୁ ଡାକୁ ଥାଆନ୍ତି ।

ଭାଇ କାନ୍ଦି କାନ୍ଦି ଯାଇ ମାଆ ପାଖରେ ବସି ପଡିଲେ ଓ ମା' ର ମୁଣ୍ଡକୁ ଉଠାଇ ଆଣି ତାଙ୍କ କୋଳରେ ରଖି ଆଉଁସି ଆଉଁସି କହୁଥାଆନ୍ତି - ଝିଅ ମାଆ କ'ଣ ଆମକୁ ଛାଡ଼ି ଚାଲିଯିବ ? ସମସ୍ତେ କାନ୍ଦୁ ଥାଆନ୍ତି, ମାଅ ମାଆ ବୋଲି ଡାକୁ ଥାଆନ୍ତି । ହେଲେ ଦଇବ ବଡ଼ ନିଷ୍ଠୁର ଲୋ ମାଆ... ଆମ ସୁଖ ଟିକକ କୁ ଛଡ଼ାଇ ନେବାକୁ ତାକୁ ମଧ ଟିକେ ଦୟା ଲାଗିଲାନି । ମୋ ବୋଉ ର ଜାଗା ତୁ ନେଇଥିଲୁ... । ଦିନେ ମୋ ବୋଉ ର ହାତ ମୋ ମୁଣ୍ଡ ଉପରୁ ଚାଲି ଯାଇଥିଲା । ସେତେବେଳେ ତୁ ହିଁ ମୋତେ କେଳେଇ ନେଇଥିଲୁ । ହେଲେ ଆଜି ? ଆଜି ତୋ ହାତ ବି ମୋ ମୁଣ୍ଡ ଉପରୁ କାଢ଼ିନେଲୁ ? କାହିଁକି ମାଆ  ? କାହିଁକି ଆମକୁ ଏତେ ନିଃସହାୟ କରିଦେଲୁ ?

ତୋ ପୁଅ କରିଥିବା ଏତେ ବଡ଼ ଘର, ଅଜାଚିତ ସେବା, ଆମ ମାନଙ୍କ ଏତେ ଭଲପାଇବା, ସ୍ନେହ ଆଦର କଣ ତୋତେ କିଛି ଭଲ ଲାଗିଲାନି ? ମଶାଣି ର ସେଇ ନିର୍ଜନ ଟାଙ୍ଗରା ଭୁଇଁ କଣ ତୋର ଏତେ ନିଜର ହୋଇଗଲା ? ତୁ ତୋ ପୁଅ ଝିଅ ସମସ୍ତଙ୍କୁ ଛାଡ଼ି ଏକା ଏକା ସେଇ ଅଜଣା ଅଚିହ୍ନା ଅଫେରା ରାଇଜ କୁ ଚାଲିଗଲୁ ? ଆଉ ଫେରିଲୁନି ।

ତୋ ଯିବା ପରେ କିଛି ଭଲ ଲାଗୁନି ଲୋ ମାଆ... ସବୁ କଥା ଗୋଟି ଗୋଟି କରି ମନେ ପଡ଼ିଯାଉଛି । ତୋତେ କେତେ ଖୋଜୁଛୁ, ତୋ ପାଇଁ କେତେ କାନ୍ଦୁଛୁ ହେଲେ ତୁ ଆଉ ଆମ କାନ୍ଦ ଶୁଣି ପାରିବୁନି କି ତୋ ଶାଢ଼ୀ ପଣତରେ ଆମ ଆଖି ଲୁହ ପୋଛିଦେବାକୁ ଆସି ପାରିବୁନି ।

ତୋର କହିଥିବା କଥା ଆଜି ହୃଦ୍‌ବୋଧ ହଉଛି ।
ତୁ କହୁଥିଲୁ ନା ମାଆ ...

"ମିଛ ମାୟା ସଂସାର - କେହି ନୁହେଁ କାହାର !"

ଏ ସଂସାରଟା ସତରେ ଗୋଟେ ମିଛ ମାୟା ର ରଙ୍ଗମଞ୍ଚ ଲୋ ମାଆ... ଏଠି ସମସ୍ତେ ନିଜ ନିଜ ଅଭିନୟ ସାରି ଦିନେ ବାହୁଡ଼ି ଯିବା ସେଇ ଅଚିହ୍ନା ଅଜଣା ରାଇଜକୁ । ଆସିଛେ ଏକା ଯିବା ମଧ ଏକା...ତା'ପରେ ସବୁ ଶେଷ । ସତେ ଯେମିତି ସବୁକିଛି ଅ ।ମ ପାଇଁ ଅଜଣା ହୋଇ ଯାଇଛି !!!

■■■

କଣ୍ଟିଲୋ, ନୟାଗଡ଼

# କୋଇଲି ଦେଇଛି ଚିଠି



### ଯଶୋବନ୍ତ ସେଠୀ



ପ୍ରିୟ ଋତୁରାଜ ବସନ୍ତ,

ଭାଗଦୌଡ଼ ସମାଜର ବ୍ୟସ୍ତବହୁଳତାକୁ ଦେଖି ତୁମର ଧାନଭଗ୍ନ କରିବାକୁ ଅବଶ୍ୟ ମୋ' ମନରେ ସଙ୍କୋଚ ଆସୁଛି ମୋର ବ୍ୟକ୍ତିଗତ ଦୁଃଖର ପସରା ତୁମଠାରେ ମେଲିଦେଲା ବେଳେ । କିନ୍ତୁ ଯେହେତୁ ଏ ଧରାପୃଷ୍ଠକୁ ତୁମେ ଆସିଲେ ମତେ ହିଁ ପ୍ରଥମେ ଖୋଜିଥାଅ ଏବଂ ମୁଁ ସେତେବେଳକୁ ମୋର ବେସୁରା କଣ୍ଠକୁ କେଉଁ ଅଜ୍ଞାତ ବାଦ୍ୟ-ମରାମତି କେନ୍ଦ୍ରରୁ ସଜଡ଼ା ସଜଡ଼ି କରି ତୁମ ପାଇଁ ହିଁ କେବଳ ବ୍ୟଗ୍ର ହୋଇ ଉଠେ; ସେହି କ୍ଷଣିକ ଭଲପାଇବାକୁ ଆଧାର କରି ମୁଁ ମୋର ପ୍ରକୃତିଦତ୍ତ  ଦୁର୍ଦ୍ଦଶା ସମୂହରୁ କାଣିଚାଏ ତୁମର ଅବଗତି ନିମନ୍ତେ ପ୍ରକାଶ କରିଦେବାକୁ ଆଜି ଏ ନିର୍ଜୀବ ପତ୍ରଟିଏର ସାହାରା ନେଲି ।

ମୁଁ ଜାଣେ, ମୋର ଏ ଦୁର୍ଦ୍ଦଶାର କେବେ ଅନ୍ତ ନାହିଁ । ଏକଥା ମଧ ଜାଣେ ତମେ ମୋ ପାଇଁ କେବଳ ନିଃସ୍ୱାର୍ଥ ଅନୁକମ୍ପା ଟିକକ ବ୍ୟତୀତ ଆଉ କିଛି ଦେଇପାରିବ ନାହିଁ । ତଥାପି ମୁଁ ତୁମକୁ ହିଁ ମୋ' ଅନ୍ତରଖୋଲା ବେଦନା ଟିକକ କହିଦବାକୁ ଆଗେଇ ଆସିଛି । ତମ ଛଡ଼ା ମୋର ଏ ଦୁନିଆରେ ଆଉ ନିଜର ହୋଇ କିଏ ଅଛି ଯେ !

ମୋର ଆଖି ଫିଟିଲା ମାତ୍ରକେ ମୁଁ ମୋ' ନିଜକୁ ଆବିଷ୍କାର କରିଛି ଧୋକ୍କାର ଦିଗବଳୟରେ । ବୃକ୍ଷ କୋରଡ଼ରେ କାଠିକୁଟା ନିର୍ମିତ ବସାରେ ଜନ୍ମ ହୋଇ ମାଆ ମାଆ ଡାକଛାଡ଼ି ଟିକିଏ ସ୍ନେହ, ଭଲପାଇବା, ଏପରିକି ବଂଚିବା ପାଇଁ ଥଣ୍ଟ ପତେଇ ଖାଦ୍ୟ ମାଗିଛି କୋଇଲି କୁଳର ପରମଶତ୍ରୁ, ମୋର ପ୍ରକୃତ ପାଳନ କର୍ତ୍ତ୍ରୀ ଯଶୋଦା ମାଆ କାଉଟିଏକୁ, ଯାହାର ଅଜାଣତରେ ମୋର ଜନ୍ମଦାତ୍ରୀ ଜନନୀ ଛଳକରି ମତେ ଡିମ୍ବ ଅବସ୍ଥାରୁ ତା' ହେପାଜତରେ ଛାଡ଼ି ଚାଲିଯାଇଥିଲା । କିଛିଦିନ ପରେ ମୋ' କଣ୍ଠରେ କାଉଟିଏର କର୍କଶ କା' କା' ସ୍ୱର ପରିବର୍ତ୍ତେ କୋଇଲିର କୁହୁତାନ ଶୁଣି ସେହି ଭଡ଼ାଟିଆ ଏବଂ ପ୍ରକୃତରେ ମତେ ଏ ସୁନ୍ଦର ଦୁନିଆଁ ଦେଖାଇଥିବା ବାୟସ ଜନନୀ ମତେ ସାତପର କରି ଜୀବନରୁ ମାରିଦେବା ପାଇଁ ଗୋଡ଼ାଇଛି । ଆଖି ଫିଟୁ ଫିଟୁ ମୁଁ ଅତି ନିକଟରୁ ଦେଖିଛି ସଂଘର୍ଷର ବାସ୍ତବ ଚିତ୍ର । କୋଇଲି ଜନନୀର ଛଳନାର ଫଳ ସ୍ୱରୂପ ମୁଁ ପାଇଛି ନିର୍ଘାତ ନିର୍ଯାତନା, ଜୀବନ ବଞ୍ଚାଇ ରଖିବାର ଅଶେଷ ତାଡନା । କିନ୍ତୁ କାହିଁକି ଏମିତି ହୁଏ ?

ସେବେଠାରୁ ମୁଁ ଖୋଜି ଚାଲିଛି ସେହି ଅସମାହିତ ପ୍ରଶ୍ନର ଜବାବ, ଯାହା ଦିନେ ମୋ' ମାଆ ପାଇ ପାରିନଥିଲା, ମୋର ପରବର୍ତ୍ତୀ ଦାୟାଦମାନେ କେବେ ଦିନେ ପାଇପାରିବେ ବୋଲି ମଧ ମୋର ଆଶା ନାହିଁ ।

ଏ ଧରାପୃଷ୍ଠରେ ତମର ଧିର ପଦପାତର ଆଗମନୀକୁ ସ୍ୱାଗତ କରିବାକୁ ଯାଇ ତମକୁ ସଙ୍ଖୋଳି ଆଣିଥାଏ ଆମ୍ବ ବଉଳର ସୁରଭି, ମନ୍ଦ ମଳୟର ପ୍ରୀତି ଶିହରଣ, ବୃକ୍ଷାଗ୍ରେ ନବ ପଲ୍ଲବର ରୂପର ପସରା । ଏସବୁର ସମାହାର ମତେ ମତୁଆଲା ସଜେଇ ମୋ' କଣ୍ଠରେ ପ୍ରୀତିର ରାଗିଣୀ ତୋଳିବାକୁ ବାଧ କରେ । ନୂଆ ଭୁଆସୁଣୀଟି ବିବାହ ବେଦୀକୁ ଯିବାର ଅନୁଭବ ମଧରେ ମୋର ଅଜ୍ଞାତରେ ମୁଁ ତୁମ ଧ୍ୟାନଭଗ୍ନ କରିବା ନିମନ୍ତେ ସ୍ୱତଃସ୍ଫୂର୍ତ୍ତ ଭାବେ ରହି ରହି କୁହୁତାନ ତୋଳିଥାଏ । ସମସ୍ତେ ତୁମକୁ ଋତୁମାନଙ୍କ ମଧରେ ରାଜା ବୋଲି ସମ୍ବୋଧନ କଲାବେଳେ ମୁଁ ମୋ ନିଜକୁ ରାଣୀ ବୋଲି ଭାବିନେଇ ଗର୍ବରେ ଉତଫୁଲ୍ଲିତ ହୋଇଉଠେ ।

କିନ୍ତୁ ଅବସୋସର କଥା ଏଇଆ ଯେ ସେ ସୌଭାଗ୍ୟ ମୋ' ପାଇଁ ବେଶିଦିନ ରହେନା । ଆଜିକାଲି ପୁଣି ବିଶ୍ୱ ଜଳବାୟୁରେ ଏମିତି ପରିବର୍ତ୍ତନ ଦେଖାଦେଇଛି ଯେ ବସନ୍ତ ଋତୁରେ ମଧ ଅସମ୍ଭବ ତାପମାତ୍ରା ଅନୁଭୂତ ହେଲାଣି ଏବଂ କେବଳ ମୋ' ବ୍ୟତୀତ ଅନ୍ୟମାନେ ତମର ପ୍ରବେଶ ଓ ପ୍ରସ୍ଥାନ କଥା ଜାଣିବା କଷ୍ଟ ହେଲାଣି । ତମର ବିଦାୟରେ, ତମର ଅବର୍ତ୍ତମାନରେ ନିଦାରୁଣ ନିଦ ।ଘର ତାଡ଼ନା ସହି ସହି ମୁଁ ଯଦିଓ ଆଉ କିଛିଦିନ ପାଇଁ ମୋର କଣ୍ଠର ଯାଦୁଗରୀ ଦେଖାଇଥାଏ; କିନ୍ତୁ ଘଡ଼ଘଡ଼ିର ପୁଙ୍ଗା ଶବ୍ଦରେ ଅ ।ଷାଢ଼ର ଆଗମନୀରେ ଶ୍ରୀକୃଷ୍ଣ ଅର୍ଜୁନଙ୍କର କଳାହରଣ କରିନେଲା ପରି ମୋ' କଣ୍ଠର ମାଦକତା, ମାଧୁର୍ଯ୍ୟ ଧିରେ ଧିରେ ଆପେ ଅ ।ପେ ଅପସରିଯାଏ, ସତେ ଯେମିତି ପ୍ରକୃତି ରାଣୀ ମତେ ପୁନର୍ମୂଷିକ ଭବଃର ଅଭିଶାପ ପ୍ରଦାନ କରିଥାଏ ।

ପର ବର୍ଷ ତମର ପୁନଃ ଆଗମନୀ ପର୍ଯ୍ୟନ୍ତ କିପରି ସମୟ ବିତାଉଥିବି କେବେ ଥରେ ଭାବିଛ ? ତମରି ବିରହର ବିଷପାନ କରି ମୁଁ ସେଇଥିପାଇଁ ବୋଧହୁଏ ନୀଳକଣ୍ଠୀ ନୁହେଁ, ବରଂ କଳାକାଠ ପଡ଼ି ଯାଇଛି ଚିରଦିନ ପାଇଁ । ଏ ଦୁନିଆ ଏ ଜୀବଜଗତ ସମ୍ପୂର୍ଣ୍ଣ ରୂପେ ବିସ୍ମରି ପକାଏ ତୁମର ପ୍ରିୟା ମଧୁରକଣ୍ଠୀ କୋକିଳକୁ । ତମର ବିଦାୟରେ ମୋର ଅପମୃତ୍ୟୁ ହୁଏ ବର୍ଷା, ଶରତ, ହେମନ୍ତ ଓ ଶିଶିର ଋତୁର ଅଦଳ ବଦଳ ମଧରେ । ସହସା ମୁଁ ସମସ୍ତଙ୍କ ପାଇଁ ହୋଇଯାଏ ଅଦରକାରୀ, ପାଲଟିଯାଏ ରାଣୀରୁ ସହଚରୀ ।

ଶିଶିର ଅନ୍ତେ ତମର ମୃଦୁ ପଦପାତରେ, ଧିର ସମୀରଣର ମତୁଆଲା ସ୍ପର୍ଶରେ, ନବପଲ୍ଲବର ଗହଳି ଭିତରେ ଲୁଚକାଳି ଖେଳି ଖେଳି ମୁଁ ପୁନର୍ଜନ୍ମ ପ୍ରାପ୍ତ ହୋଇ ପଞ୍ଚମ ତାନରେ ଆମ୍ରକୁଞ୍ଜକୁ ସକ୍ରିୟ କରାଇଥାଏ । ନିଜକୁ ନିଜେ ଉଦ୍‌ବୋଧନ ଦିଏ- ବାସ୍, ତୁ ବର୍ଷକରେ କେବଳ ଏହି ଚାରିମାସ ହିଁ ବଞ୍ଚିବାକୁ କଷ୍ଟ ନେଇଛୁ । ବାକି ସମୟ ପାଷାଣୀ ଅହଲ୍ୟାର ଅଭିଶପ୍ତ ଜୀବନ ଜିଇଁବାକୁ ପ୍ରକୃତି ସହିତ ସନ୍ଧି କରି ଏ ଧରାକୁ ଆସିଛୁ ।


ସେ ଯାହାବି ହେଉ, ତମେ ମୋର ଅତି ପ୍ରିୟ ବୋଲି ତମର ପରବର୍ତ୍ତୀ ଆଗମନୀରେ ମୋର ସେହି ଚିର ଅସମାହିତ ପ୍ରଶ୍ନର ଉତ୍ତର ତମଠୁ ପାଇପାରିବାର ଆଶା ରଖି ଚିଠିଲେଖା ଏଇଠି କ୍ରମଶଃ ରଖିଲି ।

ଇତି
ତୁମର ଚିର ଅଭାଗିନୀ
କୋଇଲି

■■■

ଘର ନଂ-୩ଆର/୨, ମ୍ୟୁଜିୟମ୍ ଅଞ୍ଚଳ,
ବିଜେବି ନଗର, ଭୁବନେଶ୍ୱର
ମୋ: ୬୩୭୨୨୫୮୪୬୩

# ପଦ୍ୟ ବିଭାଗ



# ରେଖା ଓ ଲେଖା


ଏକାନ୍ତ ବ୍ୟକ୍ତିଗତ - ୫

କାନ ଡେରିଲେ ଶୁଭେ
ଗୁମସୁମ ବସିଥିବା ନୀରବତାର ପାହାଡ଼ରୁ
ଚାପା, ଗୁମୁରି ଗୁମୁରି ଭାସିଆସୁଥିବା କାନ୍ଦି
ଅନୁଚ୍ଚାରିତ ଶବ୍ଦ ମାନଙ୍କର ।
ଯା' ଭିତରେ
ଫେଣ୍ଟି ହୋଇ ରହିଥାଏ
କାଳକାଳ ଧରି
ପଚାରି ଆସିଥିବା ଜଟିଳ ପ୍ରଶ୍ନ ସବୁର
ସରଳ ଉତ୍ତର ।
ଯେତେ ଦୃଢ଼ମନା ହୋଇ
ଧ୍ୟାନସ୍ଥ ଥିଲେ ବି
ଆଖି ବୁଜିଦେଲେ
ମୋତେ ଦିଶୁଥାଇ ଜଳଜଳ
ପଦ୍ମଫୁଲିଆ ମୁହଁ ଖଣ୍ଡି ତୋର ।

ତେଣୁ ଭାବିବୁନି
ମୋର ନୀରବିତ ମୁହୂର୍ତ୍ତସବୁ
ଅନମନା, ଉଦାସୀନ ।
ହୁଏତ ଜାଣିନୁ !
ନୀରବରେ ସେତେବେଳେ
ସନ୍ନ୍ୟାସୀ ଟିଏ ପରି
ଏକାଗ୍ର ନିବିଷ୍ଟ ହୋଇ
ଖୋଜୁଥାଏ ମୋ'ରି ଭିତରେ
ଯାହା ଯାହା କହିଥାଉ
ତୋ' ନୁହଁ,
ବରଂ ଯାହାସବୁ ନକହୁ ତୁ
ତୋ'ରି ଉତ୍ତର ।।

# ଶାରଦୀୟ ଆମନ୍ତ୍ରଣ

ସିଦ୍ଧାର୍ଥ କୁମାର ମହାପାତ୍ର



ଅତି ଆଦରରେ କରୁ ଆମନ୍ତ୍ରଣ
ଆସ ମା' ଧରିତ୍ରୀ କୋଳ
ପାଗ ନିରିମଳ ସ୍ୱଚ୍ଛ ସର ଜଳ
ସବୁ ପରା ଅନୁକୂଳ ।

ଦୁଗ୍ଧ ଧବଳ ବିମଳ ଟଗର
ନିଳାଭ ଅପରାଜିତା
ବନ ହଳଦୀର ଜହ୍ନି ଫୁଲ ଆଜି
ସାଜିବ ସୁବର୍ଣ୍ଣ ଚିତା ।



ହସନ୍ତ କୁମୁଦ ଘୁମନ୍ତ ସରୋଜ
ସ୍ୱଚ୍ଛ ସରସୀର ନୀର
ବାୟୁ ହିଲ୍ଲୋଳରେ ହସେ କାଶତଣ୍ଡୀ
ସତେ କି ଶ୍ୱେତ ଚାମର ।

ସବୁଜିମା ଭରା ସୁଶୋଭିତା ଧରା
ସମୀରେ ଖେଳେ ତରଙ୍ଗ
ଶ୍ୟାମଳିମା ବାସ ମଣ୍ଡିବୁ ଅଶେଷ
ଯତନେ ସଜାଇ ଅଙ୍ଗ ।

ବିହଙ୍ଗମ ସ୍ୱନ ମୁଖରିତ ବନ
ଚାରୁ ତରୁ ଲତା କୁଞ୍ଜ
ଶୁଭ ଶଙ୍ଖ ଶବ୍ଦେ ମଙ୍ଗଳ ନିନାଦେ
ହସିବ ଶରତ ସଞ୍ଜ ।

ପୂର୍ଣ୍ଣଚନ୍ଦ୍ର ହସ ସୁମନ ସୁବାସ
ସ୍ରୋତସ୍ୱିନୀ କୁଳୁତାନ
ହରିବେ ହୃଦୟ ଦେଇ ବରାଭୟ
ଆନନ୍ଦେ ନାଚିବ ମନ ।

ଦୁଃଖ ବିନାଶିନୀ ମଙ୍ଗଳଦାୟିନୀ
କରୁଣାମୟୀ ତୁ ମାଆ
ଶୁଭ ଶରତରେ କରୁ ଆମନ୍ତ୍ରଣ
ଧରଣୀ ବକ୍ଷକୁ ଆ' ।

■■■

ଶିକ୍ଷକ, କଣ୍ଟିଲୋ, ନୟାଗଡ
ମୋ: ୯୮୪୩୦ ୩୬୧୬୨

# ଶୁଣ୍ ପାହଡ଼ ଶୁଣ୍ !
# ଶୁଣ୍ ସମୁଦ୍ର ଶୁଣ୍ !

ଶ୍ରୀଦେବ



କବିତାର ନାଁ
କୌବଲ୍ୟ ସେଟ୍ ଦିଆଯାଇ ପାରିଥାଆନ୍ତା
ପଟାଙ୍ଗି ବି,
ସୀମା ସିଲ୍ ହେଇଛି ତ, ଆଉ ଅସହଜ କିସ ?
୧୩ଟି ବୁଥ୍ ପାଇଁ
୧୪ ଜଣ ସେକ୍ଟର ଅଫିସର୍ ।

ପବନ, ସୂର୍ଯ୍ୟାଲୋକ,
ନିଃଶ୍ୱାସ ପ୍ରଶ୍ୱାସକୁ କେମିତି
କରିହୁଅନ୍ତା କି ଚିହ୍ନଟ
ଗାର ଟାଣି ଆଉ ଆଉ
ଆକାଶକୁ ବିଭକ୍ତ ।

ସେଇ ସିନେମାଟିର ନାଁ 'କ୍ରନ୍ତିବୀର'
ମନେ ପଡୁଛି ନାନା ପାଟେକର୍ ହାତ ଆଙ୍ଗୁଳି ଛେଚି
ମୁସଲମାନ ରକ୍ତ ସହ ଡି.ଏନ.ଏ ଟେଷ୍ଟ-
ନା ବସେଇ ହେଲାନି ବାଡ଼ ।
ଆନ୍ଧ୍ର ଓଡିଶା
ଭାରତ ପାକିସ୍ତାନ ଭିତରେ
ଏତେ ଛଇ, ଛିନ୍‌ତାଇ
ଏତେ ଛଟକ !!

ଆମ ରାଜ୍ୟର
ଆଇ.ଆଇ.ସି.
କୌବଲ୍ୟ ହେଉ ବା ଦେଶ ସୀମାନ୍ତର ରକ୍ଷକ
ଗଙ୍ଗାରାମ ।
ଏଥର କବିତାଟିର ନାଁ
ଭାରତ ଦେବାନି
ରଖିବାନି ଭାରତ କି ପାକିସ୍ତାନ

କବିତାଟି
ମୋ କଲମର ରକ୍ତ
ମୁଁ ଜାଣୁଛି
ମୋ ଦେଶର ଇଏ
ଅକ୍ଷୟ ଅଭିଶାପ ।

ଏଇ କବିତା ଏଥର କହୁ
'ଭୋଟ୍' ର ଢେଉ କଥା, ଅମଣିଷଙ୍କ
ଉପଦ୍ରବ କଥା, ରକ୍ତ ବିଭାଜନ କଥା ।

ଶୁଣ୍ ପାହଡ଼ ଶୁଣ୍ !
ଶୁଣ୍ ସମୁଦ୍ର ଶୁଣ୍ !

■■■

ମୋତିଗଞ୍ଜ, ବାଲେଶ୍ୱର
ମୋ : ୯୪୩୭୧ ୨୩୮୨୩

# କିଏ ଏଇ ସାବିତ୍ରୀ ବାଈ ?

**ବାସୁଦେବ ସୁନାନୀ**



ସାବିତ୍ରୀ ବାଈ !
କିଏ ବୋଲି ପ୍ରଶ୍ନ କରିବା
ଆଜିର ଦିନରେ
ହୁଏ ତ' ସମସ୍ତ ସମାଜଶାସ୍ତ୍ର ,
ଇତିହାସକୁ ଅପମାନ କରିବା ସହ
ସମାନ ।

ସାବିତ୍ରୀ ବାଈ !
ଏକ ମଞ୍ଜିର ନାଁ
ଯାହା, ବିନା ପାଣି ପବନରେ ଉଠି
ଦ୍ରୁମଟିଏ ପାଲଟି ଗଲା
ଯାହାର ଛାଇ ତଳେ
ଆମେ ବଞ୍ଚିତ-ଭାରତୀୟ
ଆଦର୍ଶ ଓ ସଂସ୍କାରର ପସରା
ମେଲିଛୁ

ସାବିତ୍ରୀ ବାଈ !
ଏକ ସ୍ଫୁଲିଙ୍ଗର ନାଁ
ଯାହା ଅଜ୍ଞାନତାର ଘୋର ଜଙ୍ଗଲକୁ
ଜାଳି ପୋଡ଼ି ସଫା କରିଦେଲା,
ସେହି ପୋଡ଼ା ମାଟିରେ
ଆମେ ଅସହାୟ-ଭାରତୀୟ
ଶିକ୍ଷାର ପୋଡୁଚାଷକରି ପେଟ
ପୁରାଉଛୁ ।

ସାବିତ୍ରୀ ବାଈ !
ଏକ ବିଚାରର ନାଁ
ଯେଉଁ ବିଚାର
ଓଢଣୀ ଘୋଡ଼ି, ଧୂଆଁ ସାଲୁବାଲୁ
ରୋଷେଇ ଘରର ସମସ୍ତ ନାରୀକୁ
କାଣୀ ଆଙ୍ଗୁଠି ଧରି
ଆଂଧାରରୁ ଟାଣି ଆଣିଲା ଓ
ରାସ୍ତାର ଫର୍ଚ୍ଚା ଆଲୁଅ ଦେଖାଇ
ଓଠରେ ହସ ବୋଳି ଦେଲା ।

ସାବିତ୍ରୀ ବାଈ !
ଏକ ସାହସର ନାଁ
ଯିଏ ରାସ୍ତାରେ ଠିଆ ହୋଇଗଲେ
ସମସ୍ତ ଟେକା ପଥର ଫୁଲ ପାଲଟି
ଗଲା,
ସବୁ ଗୋବର ଚୋଥା ଚନ୍ଦନ,
ସବୁ ଗାଳି ଗୁଲଜ ପ୍ରେମର ଭାଷା ତ'
ସବୁ ଗର୍ବୀ ପୁରୁଷର ଅହଂକାର
ସାଷ୍ଟାଙ୍ଗ ପ୍ରଣାମ ଦେଲା ।

ସାବିତ୍ରୀ ବାଈ !
ଏକ ବତୀଘରର ନାଁ
ଯିଏ ମୂର୍ଖ ମଣିଷକୁ କରେଇ ଦେଲା
ମହା ସମୁଦ୍ରରୁ ପାରି ତ'
ଅସହାୟ ବିଧବାକୁ ପିନ୍ଧେଇ ଦେଲା
ଆତ୍ମ ସମ୍ମାନର ପାଟଶାଢୀ ।

ସାବିତ୍ରୀ ବାଈ !
ଏକ ଆଦର୍ଶର ନାଁ
ଯିଏ ଅବହେଳିତ ବାଳିକାଙ୍କ
ହାତରେ
ଖଞ୍ଜି ଦେଲା
ଆକାଶ ଉଡ଼ିବାର ଡେଣା ତ'
ପୁରାଣ ପୋଥିର ଅନ୍ଧ ଆଚରଣକୁ
ଭାଙ୍ଗି
ନାରୀ ଓ ପୁରୁଷକୁ କରିଦେଲା
ସମାନ ।

ଆପଣମାନେ !
ଆଜିକାଲି ନିର୍ଦ୍ଦିଷ୍ଟ
ପୁନା ସହରରେ ଖୋଜିଲେ
ସାବିତ୍ରୀ ବାଈକୁ ପାଇବେ ନାହିଁ,
ସିଏ ତ କାହିଁ କୁଆଡ଼େ
ଗାଁ, ଗହଳି, ସହର, ନଗର
ପୂର୍ବ-ପଶ୍ଚିମ-ଉତ୍ତର-ଦକ୍ଷିଣରେ
ପାଦ ଥାପିଛି ।

କେତେବେଳେ
କାଶ୍ମୀରର ନାରୀର ବୁର୍ଖାକୁ
ଆସ୍ତେ ଆସ୍ତେ କାଢୁଛି ତ'
ଗାଉଁଲି ତାମିଲ ସ୍କୁଲରେ
ଫ୍ରକ ପିନ୍ଧି ଡେଉଁଛି,
ଗଙ୍ଗାକୂଳ ବିଧବା ନାରୀର ପାପୁଲିରେ
ମେହେନ୍ଦି ଲଗାଉଛି ତ'
ସ୍ୱାଧୀନତା ଦିବସର ପରେଡ଼ରେ
ଠିଆ ହୋଇ ସଲାମୀ ନେଉଛି ।

ବୁଝିବେ ଯଦି
ସାବିତ୍ରୀ ବାଈ !
ଦେଶର ଏକ ସର୍ବ ବୃହତ ନଦୀର ନାଁ
ଯାହାର କୁଳୁକୁଳୁ
ସଂଗ୍ରାମୀ ଧାରର ଟୋପାଏ ପାଣି
ପାଟିରେ ପଡ଼ିଲେ
ବେହୋସ ଜାରଜ ଭ୍ରୁଣଟି
ଚେତା ଫେରି ମଣିଷ ରୂପ ଧରୁଛି ।

ବିଶ୍ୱାସ କର
ସାବିତ୍ରୀ ବାଈ !
କାହା ପାଇଁ ଅଭୁଲା ପ୍ରେମର ପ୍ରତୀକ ତ'
କାହା ପାଇଁ
ନିଆଁ ହୁଲାଟିଏ ପାଲଟି ଯାଇଛି ।

କ୍ରିୟା, କର୍ମ, ଉପମା,
ନାମ, ସର୍ବନାମରେ ଭରପୁର
ଏକ ସଂପୂର୍ଣ୍ଣ
ସାମାଜିକ ବ୍ୟାକରଣ ପୋଥିଟିଏ ହିଁ
ସାବିତ୍ରୀ ବାଈ !
ଯାହାକୁ ପ୍ରତ୍ୟେକ ବ୍ୟକ୍ତି
ଅନ୍ତତଃ ଜୀବନ କାଳରେ
ଥରୁଟିଏ ପଢିବାର ଆବଶ୍ୟକତା
ଅଛିବୋଲି
ମୁଁ ଆର୍ଜିଲି କରୁଛି !
ବି
ମୁଁ ନିର୍ଦ୍ଦେଶ ଦେଉଛି !!

■■■

# ଗୋଟିଏ ସ୍ୱପ୍ନର କଥା

ପ୍ରଫେସର ବୀଣାପାଣି ତ୍ରିପାଠୀ



ସ୍ୱପ୍ନ ଟିଏ ଦେଖିବାର ଥିଲା..

ରାତି ଠାରୁ ଆଣିଥିଲି ବହଳ ଅନ୍ଧାର କିଛି
ଧାରେ କଜ୍ଜ୍ଳ କରି ଲଗାଇଥିଲି ଆଖିରେ ।
ନିଧଡ଼କ ଶୋଇଥିବା ତୁମଠାରୁ
ନିଦ ଟିକେ ମାଗି ଆଣିଥିଲି
କିଛି ସଙ୍ଗୀତ ପବନ ଓ ବର୍ଷା ବିନ୍ଦୁ ଠାରୁ

ସ୍ୱପ୍ନ ର ନକ୍ସା ଟିଏ କରୁଥିଲି ଅତନ୍ଦ୍ର ରେ
ଦେଖିବି ଦେଖିବି ବୋଲି ସ୍ୱପ୍ନ ଟିଏ
ଭାସି ଗଲି ବିଭୋର ବିଭୋରେ

ସ୍ୱପ୍ନ ଟିଏ ଦେଖିବାକୁ ଥିଲା
ନା ନିଦ ଥିଲା
ନା ମୁଦି ହେଉଥିଲା ଆଖି
ସାରା ରାତି ଅପଲକେ
ଝର୍କା ଦେଇ ଚାହିଁଛି ଆକାଶ
ଏ ଆକାଶ ମୋ ଆଦେଖା ସ୍ୱପ୍ନ ର ସାକ୍ଷୀ



ସେ ଆକାଶ ଦେହରେ ବିରାଟ ଆଁ
ଆଁ ଭିତରେ
ଜୀବନ ଓ ମୃତ୍ୟୁ
ସ୍ଥିତି ଆଉ ଭୀତି
ପ୍ରେମ ଓ ଈର୍ଷା
ନଦୀ ଓ ସମୁଦ୍ର
ଚନ୍ଦ୍ରମା ଓ ତାରା
ଧୂଆଁ ଆଉ ଧୂଳି
ସେଠି କୋଇଲି ର କୁହୁ
ତୁମେ ଆଉ ମୁଁ

ସେ  ଅତନ୍ଦ୍ର ଆଖିରେ ଦେଖୁଛି ମୁଁ
ଯମୁନା ର କୃଷ୍ଣବେଣୀ
ନୀଳ ବଂଶୀ ସ୍ୱନ
ସେଠି କଦମ୍ବ ର ବାସ୍ନା
ଏଠି ସମ୍ମୋହନ
ସତ କୁହ ସଖା !
ଏ କଣ ଅତନ୍ଦ୍ର ଆଖିର  ଦୃଶ୍ୟ
ନା ଏ ଖାଲି ସ୍ୱପ୍ନ ...

ମଧୁବନ, ଢେଙ୍କାନାଳ

■■■

# ଅନେକ ଅବ୍ୟକ୍ତ

ବସନ୍ତ ମାଝୀ



ଚେତନା ମୋ ମରୁଭୂମି ଧୂ ଧୂ ବାଲିର ପସରା
ସମୟର ଏଇ ଦୁଃଖାନ୍ତକ ଭୂଇଁରେ ଫୁଟାଇବି କେମିତି
ଗୋଲାପ ହେ କବି ପ୍ରିୟା ! କାହିଁ ମରୁଦ୍ୟାନର ବଖରା
ଦିଗେ ଦିଗେ ଦୁଃଖ ଶୋକ କ୍ଲେଶର ଇଶାରା
କ୍ରୀତଦାସ ମନ ବନେ ଆତଯାତ ହୁଏ ପରମ୍ପରା ।।

ହାଡ ଦେହେ କଅଁଳେ କି ପତର ସବୁଜ
ଓଠ କି ତୋଳି ପାରେ ସ୍ୱର ବଂଶୀର ବସନ୍ତ
ଗରଳର ନଦୀ ତଟେ ପରାଜିତ ନଙ୍ଗର ବହିତ୍ର
କେଉଁ ମାନଚିତ୍ରେ ଆଙ୍କି ହେବ ମନର ଜଗତ ?
ହଜିଛି ସୃଜନ ତରଙ୍ଗ କଦମ୍ବୀ ଉଦ୍ଦାମ ରୋମାଞ୍ଚ
ଛଳନାର ଏ ପଥେ କାହିଁ ପ୍ରୀତିର ସଂକେତ ??



ପାରୁଛ ତ ଦିଅ ମୋତେ କପୋତ ର ଡେଣା
ଦେଖିବାକୁ ଯିବି ଦୂରେ ଗୁପ୍ତ ଗଙ୍ଗା ସବୁଜ ପ୍ରଗଣା
ଲୁହରେ ବତୁରି ବତୁରି ଝୁଲି ହେବି ବାୟାର ବସାରେ
ଜୀବନର ଅକ୍ଷାଂଶ ଦ୍ରାଘିମା କଥା କିଏ ବା ପଚାରେ
ତୋତେ ଭଲ ପାଇବାର ଅର୍ଥ ବିପ୍ଳବର ହୁଏ ଆମନ୍ତ୍ରଣ
ସୃଜନର ବେଣୁସ୍ୱନ ଶୁଣିବ ଏ ଉଜୁଡା ଫଗୁଣ ।।

ଦୁଃଖ ବଂଶୀ ବାଇ ଦୂରେଇବା ଆସ ଅଙ୍କ ନିରବତା
ଅଦ୍ଭୁତ ସ୍ୱପ୍ନ ରେ କଳିକା ତୋଳି ହେବେ ଅନନ୍ତ ସତ୍ୟତା
ଆଦିମ ବୃକ୍ଷର ଶାଖାରେ ଶାଖାରେ ବିଭୋର ତର୍ଜମା
ଚିହ୍ନା ଫୁଲ ବଗିଚାରେ ଉନ୍ମନ ଅଧୀର ମହିମା
ଜହ୍ନରେ ଲେଖିବା ଭୂମିକା, ବାସ୍ତବତା ର ଲମ୍ବା ତାଲିକା
କଣ୍ଟାର କେତକୀ ବନେ ଲେଖି ହେବ ହୃଦୟ ଗୀତିକା।।

■■■

ଏମ୍. ଆଇ. ଜି.(୧) ୧୯/୨,ହାଉସିଂ ବୋର୍ଡ କଲୋନୀ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୦୨
ମୋ :୯୪୩୭୧୧୯୯୧୧

# ଚା'

ମନୋରମା ମିଶ୍ର



ମୋ ପାଶେ ଯେବେ ଆସୁ ତୁ ସଖୀ
ନିବିଡେ ତୋତେ ନିଏ ମୁଁ ଟେକି
ଚୁମଇ ତୋ'ର ବଦନ ସୁଖେ
ଅଧର ସୁଖ ଫୁଟେ ମୋ ମୁଖେ
ଉଷ୍ମ ତୋ'ର ପରଶ ପାଇ
ଶିଥିଳ ପଣ ଯାଏ ମୋ କାହିଁ
ତୃପ୍ତ ହୁଏ ଶରୀର ମନ
ତୁ ମୋର ସତେ ଜୀବନଧନ
ନାହିଁ କେ ଆନ ତୋ'ଠାରୁ ବଳି
ତୋ ସଙ୍ଗ ସୁଖ ପାରେନି କଳି
ଥିଲେ ତୁ ପାଶେ ଅପାର ସୁଖ
ଘୁଂଚାଇ ଦେଉ ସକଳ ଦୁଃଖ
ବାହାରେ ଅବା ଘରେ ମୁଁ ଥାଏ
ବନ୍ଧୁ ବାସେ କି ପ୍ରବାସେ ଯାଏ
ତୋ 'ଠାରେ ମୋ'ର ମତି ,
ଥରକୁଥର ଲୋଡେ ମୁଁ ତୋତେ
ତୋ ବିନା ନାହିଁ ଗତି ,
ନମିଳିଲେ ତୁ ଝୁରଇ କେତେ
ତୁ ମୋର ପ୍ରିୟ ଅତି ।



■■■

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ମୋ : ୯୮୬୧୫୬୮୫୩୨



# ଫଗୁଣ ରେ ଫଗୁଣ କେବେ ତୁ ଆସିବୁ

ଅଞ୍ଜଳି ଆଚାର୍ଯ୍ୟ



ଆହାଃ.....
କଳା କଳା ବାଦଲ ସଙ୍ଗେ
ଜହ୍ନର ଲୁଚକାଳି ଖେଳ ।
ଆକାଶର ମଲ୍ଲିଫୁଲ ଗହଣେ
ଦୁଇ ମନ ଦୁଇପ୍ରାଣ ।
ଯୌବନର ଯତୁଗୃହେ
କର୍ମ ର ବୋଝ ସଙ୍ଗେ
କେତେ ସାଧନା ,
ଏକାଗ୍ର ମନର ଭାବନା
ପଡିଯିବା ଝୁଣ୍ଟିଯିବା ର
ଭୟ ଡରାଏ ଅନେକ ।

ଭ୍ରମିବାକୁ ନାହିଁ ମନ
ଏଣେ ତେଣେ ରେ ମନ .....
ଫଗୁଣ ରେ କେବେ ତୁ ଆସିବୁ?
ଶୈଶବ ରୁ ଯୌବନ ପୁଣି
ବର୍ଦ୍ଧକ୍ୟର ତାଡନ ।
ଭ୍ରମି ଭ୍ରମି ଥକେ ସିନା ମନ !
କେତେ ଆଲୋଡନ ର ଦର୍ଶନ,
ଚିନ୍ତା ଚେତନା ର ଉତ୍ପୀଡନ
ଚାଲୁ ଚାଲୁ ଝୁଣ୍ଟିଯିବା ,
ନାନାବାୟା ଗୀତ ସଙ୍ଗେ
ଜଳ ଜଳ ଦିଶେ ମା ମୁହଁ,
ଆହାଃ କି ନିର୍ମଳ ...

ହେଲେ...
ଯୌବନ ସେ ଚଞ୍ଚଳ ମନ ,
କୋଇଲିର କୁହୁତାନ
ଚଞ୍ଚଳ ମନ ସଙ୍ଗେ
କ୍ଷଣେ କ୍ଷଣେ ବିବେକର ଦଂଶନ ।
ଧିରେ ଧିରେ ଭାବନାକୁ
ନେଇ ସାଧନ ।
ହେ ଫଗୁଣ ତୁ ହିଁ କହ
ଭୁଲି ଯିବୁ କି ମତେ ?

ହେଲେ ବର୍ଦ୍ଧକ୍ୟ ....
କଳା କଳା ବାଳ ପାଚି
ଦିଶିଲାଣି ଜଳ ଜଳ ।
ପରିପକ୍ୱ ବୟସଟା
ଝଡିବ ଝଡ଼ିବ ହେଲାଣି
ଆଉ ନୁହେଁ ବେଶି ଦିନ ।
ଆମ୍ବ ପିଜୁଳି ପଣସ ପାଚି
ବାସ୍ନା ଛୁଟେ ଚାରିଆଡ଼େ ।
ଗୁଳୁଗୁଳି ସଙ୍ଗେ ପାଗ ଆକାଶର
ବନ୍ଧୁତା ଅନେକ ।
ଫଗୁଣରେ କେବେ ତୁ ଆସିବୁ ?

ଦାନ୍ତଝଡି ହେଲାଣି ପାଚି ପାକୁଆ
ଚମ ସବୁ ଧୁଡୁ ଧୁଡୁ ଦେହତ
ଗଲାଣି ସୁଖି ।
ଭ୍ରମି ଭ୍ରମି ଏଣେ ତେଣେ
ମନ ତ ଗଲାଣି ଥକି
ସ୍ଥିର ଚିତ୍ତ ସ୍ଥିର ମନ ହୋଇ
ବସିବାକୁ ମନ ।
ହେଲେ ଭ୍ରମଣଟା କ'ଣ ସରୁଛି?
ଫଗୁଣରେ କେବେ ତୁ ଆସିବୁ ?

■■■

ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର
ମୋ : ୭୮୯୪୨ ୩୫୪୦୦

# ବାରାଙ୍ଗନା

**ମାନଗୋବିନ୍ଦ ବାରିକ**



ଅବଶ ଅଙ୍ଗର ବିଷାଦକୁ ପିଇ
ପରିଚୟ ବାରାଙ୍ଗନା,
ବିଟପୀ,କାମୁକୀ ଗଣିକା,କୁଳଟା
ଅସତୀ,ଚରିତ୍ର ହୀନା।

କାମୁକ ପୁରୁଷ କାମ କ୍ଷୁଧା ପାଇଁ
ଦେହରେ ଭରେସେ ତାତି,
ନଷ୍ଟ ପୁରୁଷର ଭ୍ରଷ୍ଟ ପୌରୁଷରେ
ବିତେ ତା' ବିନିଦ୍ର ରାତି।

ଅନ୍ୟ ସୁଖପାଇଁ ନିଜର ଦୁଃଖକୁ
ଛାତିତଳେ ଚାପିଦିଏ,
ଆଖିତଳେ ଲୁଚା ତତଲା ଲୁହକୁ
ଓଠ ତାର ପିଇଯାଏ।

ପେଟ ଭୋକପାଇଁ ଅନ୍ୟଦେହଭୋକ
ସରାଗେ ମେଣ୍ଟାଉ ଥାଏ।
ତା'ଛାତି ତଳର ନିଶବ୍ଦ ଯନ୍ତ୍ରଣା
ନିରବେ ମଉଳି ଯାଏ।

ଜୀବନ ଜୀବିକା ବଞ୍ଚିବାର ରାହା
ପରିଚୟ ଦେହଜୀବୀ,
ତା'ମନ ଭାବନା ଜୀବନ ଯନ୍ତ୍ରଣା
କେହି ପାରନ୍ତିନି ଭାବି।

କାମୁକ ପୁରୁଷ କାମନା ନିଆଁକୁ
ପ୍ରଶମିତ କରିବାରେ,
ବିବେକ ବିରୁଦ୍ଧେ ମନକୁ ବୁଝେଇ
ଶଯ୍ୟାମଣ୍ଡେ ନିର୍ବିକାରେ।

ଦେଇନାହିଁ କେବେ ଅଗ୍ନିପରୀକ୍ଷା ସେ
ସତୀତ୍ୱ ପ୍ରମାଣ ପାଇଁ,
ବ୍ୟବସ୍ଥା ଦଣ୍ଡରେ ଓଜନ କରିନି
ଜୀବନ ଯନ୍ତ୍ରଣା କେହି।

ନୁହେଁସେ ଅହଲ୍ୟା କୁନ୍ତୀ,ମନ୍ଦୋଦରୀ
ତାରା କି ଦ୍ରୌପଦୀ ସତୀ,
ରୂପଜିବୀ ସିଏ ରୂପ ବ୍ୟବସାୟ
ଜୀବନଧର୍ମରେ ବ୍ରତୀ।

କରିଛି ପ୍ରତୀକ୍ଷା କିଏସେ ଲେଖିବ
ତା' ଜୀବନ ଉପନ୍ୟାସ,
ଚାହିଁଛି ପାଷାଣୀ କେଉଁ ରାମଚନ୍ଦ୍ର
ଦେବେ ତାକୁ ଜୀବନ୍ୟାସ।



■■■

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୭୬୭୩୫

# ବର୍ତ୍ତମାନ

ଶମ୍ଭୁନାଥ ରାଉଳ

ଘୃଣାର ସମୁଦ୍ରରେ ସନ୍ତରଣରତ
ବର୍ତ୍ତମାନ ସମାଜ କେତେ ନିସହାୟ
ଜାତି ଜାତି ଭିତରେ, ଧର୍ମ ଧର୍ମ ଭିତରେ
ଦେଶ ଦେଶ ଭିତରେ
ଅହରହ ସଂଗ୍ରାମ
ସିଦ୍ଧ କରିବା ପାଇଁ ନିଜର ଶ୍ରେଷ୍ଠତ୍ୱ
ଆମେ ଉଦ୍ଧାର କରୁ ବେଦର ଅମର ବାଣୀକୁ
ବାଇବେଲ୍‌ର ଜ୍ୱଳନ୍ତ ଉଦାହରଣକୁ
କୋରାନ୍‌ର ଶ୍ରେଷ୍ଠ ପଂକ୍ତିକୁ
ଆମେ କିନ୍ତୁ ପରିତ୍ୟାଗ କରିବାକୁ ଅକ୍ଷମ
ସେ ଘୃଣାର ମାଦକତା
ମାନବୀୟ ମୂଲ୍ୟବୋଧ ଗୌଣ ମନେ ହୁଏ
ପରିଣାମ ଅବାଞ୍ଛନୀୟ
ରକ୍ତପାତ, ହିଂସା, ଦ୍ୱେଷ, ଛଳନା, ପ୍ରଣାରଣା
ଉପନୀତ ଚରମ ସୀମାରେ
ପଡ଼ୋଶୀ ପଡ଼ୋଶୀ ମଧ୍ୟରେ
ଭାଇ ଭାଇ ମଧ୍ୟରେ, ବଂଧୁ ବଂଧୁ ମଧ୍ୟରେ
ସାଇ ସାଇ ଭିତରେ, ଗାଁ ଗାଁ ଭିତରେ
ସହର ସହର ଭିତରେ ଲମ୍ବି ଯାଇଛି
ଏ ଘୃଣାର ରାସ୍ତା
ନା ସରୁଛି, ନା ବିଲୁପ୍ତ ହେଉଛି
ଏ ଘୃଣାର ମଦି
ଏକ ନିଷ୍କପଟ ଶିଶୁର ଦରଟି ହସରେ
ଲେଖା ହେଇଥାଏ ମଣିଷ ଜନ୍ମର ମୂଲ୍ୟବୋଧ
ସମୟ ବଦଳେ, ବୟସ ଆଗକୁ ବଢ଼େ
ଘୃଣାର ମଢି ଦ୍ରୁମ ଏବଂ
ମହାଦ୍ରୁମରେ ପରିଣତ ହୁଏ ।
ଆମେ କେବେ ଝୁରି ହେଉ
ସେ ସୁନାର ସକାଳ
ପୁଣି ଯଦି ଫେରି ପାଇ ପାରନ୍ତେ
ସେ ବାଳ ସୂର୍ଯ୍ୟଙ୍କର କଅଁଳ, ସୁନେଲି ରଶ୍ମିକୁ
ସେ ରଶ୍ମିରେ ସ୍ନାନ କରି
ପବିତ୍ରତାର ମହକରେ ମହକାଇ ପାରନ୍ତେ
ସାରା ଜଗତକୁ ।



■■■

ଇନ୍ଦିରା ହାଉସିଂ କଲୋନି, ଶିଶୁପାଳଗଡ,
ଭୁବନେଶ୍ୱର୍ -୭୫୧୦୦୨
ମୋ - ୯୩୩୮୦୧୧୧୮୩

# ତୁମରି ଶୂନ୍ୟତା

ଜାହ୍ନବୀ ଚୌଧୁରୀ



ବୁଡିଯିବାର ମୌନତା
ସବୁଠି ଥାଏ ତୁମର
ଅତୀତଟା ସିନା ମୋର !

ଝରି ପଡୁଥିବା ଠୋପା ଠୋପା କାକର
ହୋଇପାରେ ତୁମର ଅପୂର୍ବ ରତ୍ନହାର !



ନିରବ ଲୋତକରେ
ଖୋଜୁଥିବି ତୁମ ପ୍ରତିବିମ୍ବ
ପ୍ରତିବିମ୍ବିତ ହେଉଥିବ
ଜଳ, ସ୍ଥଳ, ଆକାଶରେ
ତୁମରି ଚମତ୍କାର ରୂପ !

ମୋ ଅନୁଭବର ବେଢ଼ା ଭିତରେ
ତୁମେ ଧିରେ ବସିଥିବ
ତୁମ ସଂଗୀତର ମୂର୍ଛନାରେ
ଚତୁଃର୍ଦ୍ଦିଗ କମ୍ପୁଥିବ !

ତୁମେ ସ୍ୱୟଂ ଆସିଛ ତ ଆସ
ସାଥିକରି ବଞ୍ଚିଯିବି ସବୁକାଳ !

କେବେ ଅଧିକାର କରିବିନି
ତୁମ ଆକାଶକୁ କି
ତୁମ ପୃଥିବୀକୁ
ପ୍ରତି ନିଃଶ୍ୱାସରେ
ଆବୋରି ନେଉଥିବି
ମୋ ଭିତରେ
ତୁମରି ଶୂନ୍ୟତାକୁ !!

ଭୁବନେଶ୍ୱର
ମୋ :୯୪୩୮୧୮୪୭୯୫

■■■

# ସରମି ଲତା

**ପ୍ରମୋଦ କୁମାର ମହାପାତ୍ର**





ତୋ ଆଖିର ଈଶାରାରେ ଶତ ପ୍ରଶ୍ନବାଚୀ
ମୋ ମନର ଗହୀର ରେ ଗଳ୍ପ କିଛି କିଛି
ତୁ ସକାଳର ସଜଫୁଲ
ସେ ଫୁଲରେ ମୁଁ ଗୁଣୁ ଗୁଣୁ ମହୁମାଛି ।

ତୋ ଗୋଲାପୀ ଅଧରରେ କେତେ ସ୍ମୃତିରେଖା
ଦରଦୀ ବୁକୁର ପ୍ରତି ସ୍ପନ୍ଦନରେ ଲେଖା
ତୁ ଏକ ଶୀତଳ ଝରଣା
ସେ ଝରଣା ମହୁଝରେ ମତୁଆଲା ଆଜି ।

ତୁ' ହି ମୋ ସରମିଲତା ପୂର୍ଣ୍ଣମୀ ଇନ୍ଦୁ
ଖିଲିଖିଲି ହସଧାରେ ମୁକୁତା ବିନ୍ଦୁ
ତୋ ମହୁଲି କଥା ଚାହଣି
ସେ ଚାହାଣି ପଲକେ ମୋ ନିଦ ଯାଏ ହଜି ।

■■■

ଭାରତ ସଞ୍ଚାର ନିଗମ୍ ଲିମିଟେଡ୍, ଭୁବନେଶ୍ୱର
ମୋ :୯୪୩୭୫୭୮୩୧୧

# ଆସିଛି ଶରତ

## ସ୍ୱର୍ଣ୍ଣଲତା ମହାପାତ୍ର





ବିଚିତ୍ରମୟ ଏ ଶ୍ୟାମଳ ବୁକୁରେ
ସ୍ୱଚ୍ଛ ନିରିମଳ ଦିଶଇ ଧରା,
ଶୁଭ୍ର ମେଘଖଣ୍ଡ ଭାସନ୍ତି ଗଗନେ
ଶରତ ଋତୁର ଖୁସି ପସରା ।

ଉଦିତ ସୂର୍ଯ୍ୟଙ୍କ ସୁନେଲି ଆଭାରେ
ମୁକ୍ତାପରି ଦିଶେ କାକର ଟୋପା,
ଭୂମିଠାରୁ ଭୂମା ଦିଶେ ମନଲୋଭା
ପ୍ରକୃତିର ଶୋଭା କି ଅପରୂପା।

ଶ୍ୱେତ ଫରଫର କାଶତଣ୍ଡୀ ଫୁଲ
ଦୋଳାୟିତ କରେ ମୁକୁଳାକେଶ,
ଚାନ୍ଦିନୀ ରାତିର ଶୀତଳ ପରଶେ
କୁମୁଦିନି ହସେ ଲାଜୁଆ ହସ।

ସଜ ଶେଫାଳିର ମହକ ଚୋରେଇ
ମନ୍ଦମନ୍ଦ ବାଆ ପ୍ରତ୍ୟୁଷେ ବହେ,
ମରତ ପୁରରେ ପାର୍ବଣ ଆସିଛି
ସାଇଁ ସାଇଁ ହୋଇ ବାରତା ଦିଏ ।

ଗାଆଁରୁ - ସହର ସକଳେ ଚଞ୍ଚଳ
ହର୍ଷ ଉଲ୍ଲାସରେ କମ୍ପେ ଧରଣୀ,
ଢୋଲ ବାଇଦର ତାଳେ ତାଳେ ଶୁଭେ
ଘଣ୍ଟ କାହାଳିର ମଧୁର ଧ୍ୱନି ।

ପୂଜା ମଣ୍ଡପରେ ଶୋଭା ପାଉଛନ୍ତି
ମାଆ ଦଶଭୂଜା ସିଂହବାହିନୀ,
ସକଳ କଳୁଷ ହରଣ କରିବେ
ଶକ୍ତି ସ୍ୱରୂପିଣୀ ଗିରି ନନ୍ଦିନୀ ।

କୁମାରୀମାନଙ୍କ ମନ ମୋହିନିଏ
ଆଶିଣ ଆକାଶେ ରୂପେଲି ଜହ୍ନ,
ଜହ୍ନିଫୁଲ ତୋଳି ଆଞ୍ଜୁଳି ଦିଅନ୍ତି
ମନେଭରି ଅସୁମାରୀ ସପନ ।

ଅଭିସାରିକାର ସଜଳ ସ୍ମୃତିରେ
ପ୍ରୀତିମୟ ହୁଏ ନିବିଡ ରାତି,
ଶରତ ସୌନ୍ଦର୍ଯ୍ୟ ଭରଇ ମାଧୁର୍ଯ୍ୟ
ଅୟୁତ ଆନନ୍ଦ ମିଳଇ ଶାନ୍ତି ।

■■■

ନୀଳାଦ୍ରୀ ବିହାର, ଭୁବନେଶ୍ୱର
ମୋ - ୯୦୪୦୬୮୮୦୧୨

# ଅନୁଭବ

ଯଜ୍ଞଦତ୍ତ ସାମନ୍ତରାୟ






କେହି ମୋ
ଆଖି ର ଲୁହ କୁ
ଦେଖି ପାରନ୍ତି ନାହିଁ ।

କେହି ମୋ
ହୃଦୟର ବେଦନାକୁ
ବୁଝିପାରନ୍ତି ନାହିଁ ।

କେହି ମୋ
ମନର କୋହକୁ
ଜାଣି ପାରନ୍ତି ନାହିଁ ।
ହଁ,
ସମସ୍ତେ କେବଳ
ମୋ ଭୁଲ୍ କୁ
ଦର୍ଶାଇ ପାରନ୍ତି ।

■■■

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪



# ଆଉ ମତେ କନ୍ଦାଅନି

ଡ. ଯୁଗଳ କିଶୋର ଷଡ଼ଙ୍ଗୀ



ହେ ଭଗବାନ !
ସମୟ ସୁଅରେ ଗଡ଼ି ଗଡ଼ି
ପୃଥିବୀ ରୁ ଯାହା ମୁ ଜାଣିଲି
ଅସତ୍ୟ, ଅଧର୍ମ, ଅତ୍ୟାଚାରର ଲୀଳା ଖେଳ
ଏଠି ଭଲ ଭାବରେ ଚାଲେ
ପାପର ଧ୍ୱଜା ଫର୍ ଫର୍ ଉଡ଼େ
ଏଠି ସତ୍ୟବାଦୀ ବେଶ୍ ଧୋକ୍କା ଖାଏ
କାରଣ ମିଥ୍ୟାର କାନି ପଣନ୍ତେ ସତ୍ୟଟି ବନ୍ଧା
ଧାର୍ମିକ ବିଚରା ତୁମ ଜପାମାଳି ଗଡାଉ ଥାଏ
ଅଥଚ ଅଧର୍ମୀ ମଣିଷର ଦୁର୍ନୀତିର ଚେର ବଢ଼ିଚାଲେ
ପ୍ରକୃତ ମଣିଷଟି ଏଠାରେ ଅଣନିଃଶ୍ୱାସୀ ହୋଇ
ଛଟପଟ ହେବା ସାର ହୁଏ !

ଜନନେତ୍ରେ ଦିଶୁଥିବା ସୁଖ ଟିକକ ମଧ ମୁଁ ପାଇନି
ପିଠି ଉପରେ କୋରଡ଼ା ମାଡ଼ ମୁଁ ଖାଇ ଖାଇ
ଶତ ଝଞ୍ଜାକୁ ବିଦାୟ ଦେଇ ଦେଇ
ମୁଁ ଚାଲିଛି ପାଦେ ପାଦେ ଆଗକୁ ବଢ଼ାଇ
ଯେହେତୁ ଗତି ହିଁ ଜୀବନ ଓ ସ୍ଥାଣୁତା ହିଁ ମୃତ୍ୟୁ
ଆଗେଇବା ଭିତରେ ଅନେକ ସୁନେଲୀ ସ୍ୱପ୍ନ ଦେଖୁଛି
କିନ୍ତୁ ଦ୍ୱନ୍ଦ ଓ ଆଶଙ୍କା ମଧରେ ମୁ ଧନ୍ଦିହୋଇ ମରୁଛି
ଏଣୁ ହେ ଦୁଃଖହାରୀ ! ଆଉ ମତେ କନ୍ଦାଅନି'
ଆଞ୍ଜୁଳା ଆଞ୍ଜୁଳା ଲୁହ ତୁମପାଶେ
ଆଉ କେତେ ଦିନ ଢାଳୁଥିବି ପ୍ରଭୋ !!

ନୀଳଚକ୍ର ନଗର, ଟିଟିଲାଗଡ଼,
ମୋ : ୭୯୭୮୭୫୩୪୪୦

■■■

# ତଥାପି

ଜ୍ୟୋତିପ୍ରକାଶ ଗଡ଼ତ୍ୟା





ଏତେ ସବୁ ଘଟଣା
ଘଟିଯିବା ପରେ ବି,
ବଦଳିବ କ'ଣ,
ଓଲଟା ଦରଚିପା ହସ
ଆଡ ଚାହାଣୀ ରେ
କ'ଣ ପାଇଁ ବରଂ
ଦୋହରାଇ ଥାଏ
ସେଇ ପୁରୁଣା ଅଭ୍ୟାସ
ବସିବା, ଗପିବା, ହସିବା,
ଆଉ କେତେ କ'ଣ,
ସବୁ ଯେମିତି ନିର୍ମାଣ
ଅନ୍ୟ ପାଇଁ -
ନିଜେ ଅଚିହ୍ନା

ଆଉ ଅପରିଚିତ ଯେମିତି
ଚୁପ୍‌ଚାପ୍, ନଜାଣିଲା ଭଳି
ସେଇ ବେପରୁଆ,
ବେଖାତିର ମନୋଭାବ
ଅନେକ ସମ୍ଭାବନା ନେଇ
ଆଲୋଚନା, ପ୍ରରୋଚନା
ସବୁ ଯେମିତି ଗଢ଼ା
ଭିନ୍ନ ଏକ ଉପାଦାନ,
କେବେ ବଦଳିବ ପରିସ୍ଥିତି
ଦିନେ ନା ଦିନେ
ସେତେବେଳର ଅସହାୟତା
ଅଭାବ କିପରି ପୂରଣ
ଅବା ଅପୁରଣୀୟ ହେବ
ସମୟ ହିଁ କହିବ
କିଏ କାହିଁକି କା'ର
ହିସାବ କରିବ
ମାପିବ ପୁଣି ତରାଜୁ
ଅବା, ଧର୍ମ ନିକିତିରେ
ବରଂ ଅନ୍ଧ ପୁଟୁଳି ବାନ୍ଧି ରହିଯିବା ।
ଦେଖାଯାଉ
ତଥାପି କ'ଣ ସବୁ ଘଟି ଯାଉଛି
ବେଳ ଅବା ଅବେଳରେ
ତା' ଆପେ ଆପେ
ସ୍ୱାଭାବିକ ଭାବର ।

■■■

ସର୍ଗିଗୁଡ଼ା, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୭୫୮୮୭୭୫୫୨

# ଆଉ ଲେଖି ଜାଣୁ ନଥିବା ସମୟର କବିତା

## ଭିକାରୀ ଚରଣ ମିଶ୍ର



ସେମାନେ ମାଟି କାନ୍ଥରେ
ବର୍ଷାଛିଟା ବାଜିଲେ ବିଭୋର ହୁଅନ୍ତି
ପେଟ ପୁରାନ୍ତି ଫୁଙ୍ଗୁଳାରେ
ପାଦ ଦୁଇଟିକୁ ଛାତ ତଳେ ଓହଳାଇ
ପାଦରେ ପିଅନ୍ତି ଉଷୁନା ଜଳ
ବତୁରା ପିଣ୍ଡାରେ ଶୋଇ
ଯାହାର ହରେକ ସମୟ
ସ୍ୱପ୍ନ ଦେଖିବାର ବେଳ ।



ଘଡ଼ଘଡ଼ିରୁ ଓହ୍ଲାଏ ମାମୁଁଘର
ବାଲି ଛତୁ/ ଚୁନା ଚୁନା ଚିଙ୍ଗୁଡ଼ି କଙ୍କଡ଼ା
ସ୍ୱପ୍ନ ଜମିବା ବେଳକୁ
ଫୁଟୁଥାଏ ଉଷୁମ୍ ଉଷୁମ୍ ମୁଢ଼ି
ଗଉଁତିଆ ଘର ଚୂଲି ପୈତୃକ ଘଣାରେ
ବାସ୍ନା ବାଜିଲା ବେଳକୁ ସ୍ୱପ୍ନ ଯାଏ ସରି
କବିତାର ଶେଷ ଧାଡ଼ି ।

ଅବଶିଷ୍ଟ
ଏବେ ଖାଲି ଲେଖି ହୁଏ ସ୍ତାବକଟେ ପରି
ଲେଖି ଜାଣୁଥିବା ଲୋକ ଲେଖେ
ମହା ମାହ ପୁରୁଷଙ୍କ କଥା
ଚୁଇଂଗମ୍ ଖାଇ ଖାଇ ଯିଏ ଗାଏ
ଦେଶ ଆତ୍ମ ବୋଧକ କବିତା ।

■■■

ତାରା ଭବନ,
ଟିଟିଲାଗଡ଼,ବଲାଙ୍ଗିର
ମୋ - ୯୬୬୮୮୫୫୯୭୬

# କେବେ ଦେଖା ହେଲେ

ରାଧାକୃଷ୍ଣ ପଟ୍ଟନାୟକ





ଏବେ ଯଦି କେବେ ଦେଖା ହୋଇଯିବ
ଭୁଲରେକି ଟିକେ ଯିବ ରହି
କଥା ହେବ କିବା ମୁହଁ ପୋତିଦେବ
ଅବା ଯିବ ବାଟ ଭାଙ୍ଗିଦେଇ ।

ତମ ଚେହେରା ନଥିବ ଆଉ ଆଗପରି
ତମେ ଦେଖାଯାଉଥିବ ଆହୁରି ସୁନ୍ଦରୀ
ଈର୍ଷା ହେବ ଏଇ ବାମନର ମନେ
ତଥାପି ନୀରବେ ଯିବି ରହି ।

ତମରି ମଥାରେ ଥିବ ସିନ୍ଦୁରର ଟିକା
ମୋ ପାଇଁକି ଲାଗୁଥିବ ଲକ୍ଷ୍ମଣର ରେଖା
ବଞ୍ଚିଥିବା ଯାଏ ମନ ବୁଝେଇବି
ଅଙ୍ଗୁରଟା ଭାରି ଖଟା କହି ।

■■■

ଠିକାଦାର୍ ପଡା, ଟିଟିଲାଗଡ଼
ମୋ - ୯୪୩୭୭୪୦୫୩୭

# ସମ୍ପର୍କ

ରଞ୍ଜନ ଜେନା



ସମ୍ପର୍କର ଡୋରୀ କେଉଁଠି ନିନିଡ଼
କେଉଁଠି ଜଡ଼ ତ କେଉଁଠି ନିଷ୍ଠୁର ।
ସମ୍ପର୍କକୁ ନେଇ କେତେ ପରିହାସ
କେଉଁଠି ବିଭସ୍ କେଉଁଠି ବିଶ୍ୱାସ ।
ସମ୍ପର୍କ ଯେ ଏକ ଉଷ୍ମ ପ୍ରସବଣ
ଯେଉଁଠି ମିଳଇ ସୁଖର ଶ୍ରାବଣ ।
ସମ୍ପର୍କରେ ଆସେ ପ୍ରେମ ପରିହାସ
ଆଉ କେବେ ଆସେ ଅପାର ବିଶ୍ୱାସ ।
ସମ୍ପର୍କ ଯେ ଯୋଡେ ଭକ୍ତ ଭଗବାନ
ଆଉ କେଉଁଠାରେ ବୃଥା ପ୍ରହସନ ।
ସମ୍ପର୍କର ଭାଷା ମନେ ଯେବେ ଆସେ
ଅବିଶ୍ୱାସ, ଅନ୍ୟାୟର ପୂର୍ଣ୍ଣଚ୍ଛେଦ ବସେ ।
ସମ୍ପର୍କ ଗୋଟିଏ କଥା କୁହା ଶୁଆ
ଶାନ୍ତ କରେ ଯିଏ ଦୁଇ ମନ ନିଆଁ ।
ମିଥ୍ୟା ଦୁନିଆରେ ବୃଥା ପ୍ରହସନ
କେତେ ମାନ ଆଉ ଆତ୍ମ ଅଭିମାନ ।
ବିଶ୍ୱାସ, ପ୍ରେମ,ସ୍ନେହ, ସମ୍ପର୍କର ଅଟେ ଉପାଦାନ
ସ୍ୱର୍ଗୀୟ ଶାଶ୍ୱତ ଚିରନ୍ତନ ଅଟେ ଯା'ର ନାମ ।
କେଉଁଠି ଆରମ୍ଭ କେଉଁଠି ଯେ ଶେଷ
କେଉଁଠି ଅମୃତ କେଉଁଠି ଯେ ବିଷ ।
ଯାହା ହେଲେ ସିଏ ସ୍ନେହ ପ୍ରେମ ସମ୍ପର୍କର ନୂତନ ଅର୍କ
ତେଣୁ ତାର ନାମ ସମ୍ପର୍କ ।



■■■

ଷ୍ଟେସନ୍‌ମ୍ୟାନେଜର,
ମୁରିବାହାଲ, ଟିଟିଲାଗଡ଼

# ତୁଇ ମୋର୍ କନିଆଁ

ଯୋଗେଶ ମିଶ୍ର



ଫୁଲେ ଫୁଲେ ଘାସର ଚାଦରେ
ତୋର କଅଁଲିଆ ପାହା ପକେଇ
ତେତେଲ୍ ଝାରର ଫଲ୍ସା ଗଛେ
ଲାଲିଆ ଫୁଲ୍ ଫୂଟେଇ
ଆମର୍ ଗାଁ କେ ତୁଇ ଆଏଲେ
ଅମାନ୍ତି ପବନ୍
ଘିଚିନେବା ତୋର୍ ପନତ୍ କାନି
ଥର୍କେ ଥର୍ କହେବା କାନେ
ମୁଇଁ ତତେ ଭଲ୍ ପାଉଛେଁ
ଆମର୍ ଗାଁର ବାହାଲେ
ସୁନାର୍ ଦିହିକେ ମାଜ୍ ଲା ବେଲେ
ଝାଇଁ, ଠୁରୋ, ବଏଁରି, ଟେଁଗ୍ ନି,
ଯାନି ଯିବେ ତୁଇ ମୋର୍ ପ୍ରିୟା ବଲି
ଚୁମି ଦେବେ ତୋର୍ ପାହାକେ
କହେବେ ଧିରେ ମୁଇଁ ତତେ ଭଲ୍ ପଉଛେଁ
ଆମର୍ ଗାଁର୍ ଚୁଲ୍ ବୁଲି ମଏନା
ତତେ ଦେଖି ଦେଲେ ଖୁଲ୍ ଖୁଲ୍ ମୁଲ୍ ମୁଲ୍
ଛାଏନ୍ ପିର୍ଡା ପିର୍ଡା ଉଡି ବୁଲ୍ ବା
ଯାହାକେ ଦେଖ୍ ବା ତାହାକେ କହେବା
ତୁଇ ମୋର୍ କନିଆଁ ।



■■■

ଟିଟିଲାଗଡ଼,ବଲାଙ୍ଗିର
ପିନ୍-୭୬୭୦୩୩
ମୋ- ୮୯୧୭୩୯୬୩୪୮

# ମୃତ୍ୟୁର ଅଭିଷେକ

**ସରୋଜ କୁମାର ଶତପଥୀ**



ଅକସ୍ମାତ୍ ନିଜ ଛାଇ ଭିତରେ
ନିଜକୁ ଖୋଜିବା ମନେପଡ଼େ ନା
ଘର ଚଟିଆର ମୁଲାୟମ୍ ସପ୍ନ ପରି
ସବୁକିଛି ସାକାର ହୁଏନା
ଉଡ଼ନ୍ତା ପକ୍ଷୀର ପର
ଟିକିନିଖି ହିସାବ ରଖିବାକୁ
କେହି ଜଣେ ଅଜ୍ଞାତବାସୀ ଦୂରବୀଣ୍ ରେ
ସମଗ୍ର ଆକାଶ କୁ ଆବୋରି ବସିଛି
କେ' ଜାଣି
କେହି ଜଣେ ପାଣି ଫୋଟକାର ଶୂନ୍ୟତା
ଭିତରେ
ନିଜ ପ୍ରିୟ ମୃତ୍ୟୁର ଅଭିଷେକ ଦେଖୁଛି !!



■■■

ପ୍ଲଟ୍ ନଂ -୨୯୮୯, ନାଗେଶ୍ୱରଟାଙ୍ଗୀ,
ଭୁବନେଶ୍ୱର୍ -୭୫୧୦୦୨
ମୋ : ୯୯୩୭୧୨୮୫୪୭

# ଇଶ୍ୱର ସନ୍ଧାନେ

ସାୟନ୍ତନୀ ତ୍ରିପାଠୀ



ହେ ପରମେଶ୍ୱର...
ଏ ବିଶାଳ ସଂସାର ଯେ ରଚନା ତୁମର
ନାହିଁ ଆଦି ଅନ୍ତ ତୁମେ ଅଜନ୍ମା ଅମର
ମୁଁ ଯଦି ତୁମ କ୍ଷୁଦ୍ର ସୃଷ୍ଟି "ଅଲ୍ପଙ୍କ ମାନବ"
ତୁମ ସାଥେ ସ୍ଥିତି ମୋର ଚିର ନିରନ୍ତର ।
ହେ ଇଶ୍ୱର...
ଅବିନାଶୀ ଆତ୍ମା ମୁହିଁ ଅଜର ଅମର ।।



ସୁଖେ ଦୁଃଖେ ଭାବେ ଭବେ
ଉଡ଼ିବୁଲେ ଖୋଜିବୁଲେ ନିତି
ପରମ ଅମୃତ ସନ୍ଧାନେ
ଛାଡ଼ି ମନୁ ଶୂନ୍ୟତା ଓ
ହତାଶା ର ତିମିର ଅନ୍ଧାର ।
ହେ ଇଶ୍ୱର...
ଅବିନାଶୀ ଆତ୍ମା ମୁହିଁ ଅଜର ଅମର ।।

ଧିରେ ଧିରେ ଶୁଣେ ମୁହିଁ
ପ୍ରକୃତିର ମଧୁର ମୂର୍ଚ୍ଛନା;
ତା' ତଳ ଅନ୍ତରଙ୍ଗ ସତ୍ୟ ତଳେ
ଜାଗିଉଠେ ସୁପ୍ତ ଏ ଚେତନା;
ସତ୍ତ୍ୱ - ରଜ-ମେର ଏ ଫେନିଳ ବ୍ରହ୍ମାଣ୍ଡେ
ଦେଖେ ଆଜି ଦିବ୍ୟ ରଚନା
ଭରିଯାଏ ହୃଦେ ମୋର ଅମୃତର ଧାର
ହେ ଇଶ୍ୱର...
ଅବିନାଶୀ ଆତ୍ମା ମୁହିଁ ଅଜର ଅମର ।।

■■■

ଟିଟିଲାଗଡ଼,ବଲାଙ୍ଗିର
ପିନ୍-୭୬୭୦୩୩

# ରୂପ ତୁମ ଅନୁପମ

ଲୋପାମୁଦ୍ରା ପାତ୍ର






ପ୍ରଥମ ଦେଖାରେ ହୋଇଲ ନିଜର
ମନ ମୋ ରହିଲା ଲାଖି
ମନ ଅଗୋଚରେ ସ୍ମୃତିର ମନ୍ଦିରେ
ପ୍ରୀତି ଉପବନେ ତୁମକୁ ରଖି
ଭଲପାଇବାର କୁହୁ କୁହୁ ତାନ
ପ୍ରେମ ବଂଶୀ ମୋର ବାଜିଲା ଧିରେ
ସରମେ ମୋ ଆଖି ନଇଁ ଯାଇଥିଲା
ପାଇ ତୁମ ସ୍ନେହ ଆଞ୍ଜଳି ଭରି
ନିଜରୁ ନିଜର ହୋଇଲ ମୋହର
ଆପଣାର ଭାବିନେଲି
ସପନେ ମୋହର ନିତି ଆସ ପ୍ରିୟ
ଏତେ ଅଭାଗୀ ମୁଁ ହେଲି
ଆଖି ଖୋଜେ ମୋର ନିରତ ତୁମକୁ
ଓଠ ଚାହେଁ ତୁମ ପ୍ରେମ
ମନ ଚାହେଁ ମୋର ତୁମରି ସ୍ନେହର
ରୂପ ତୁମ ଅନୁପମ
ତୁମ ସ୍ମୃତି ଆଜି ମୋ ମନ ଆକାଶେ
ତୋଳେ ନୂଆ ସପନ
ଭୁଲି ନାହିଁ କେବେ ଭୁଲି ପାରିବିନି
ଗଲାପରେ ଏ ଜୀବନ

■■■

# ମାଆଟିଏ ସେଇ

ବିନୋଦିନୀ ଗଉଡ଼





ମାଆଟିଏ ସେଇ ଆଖି ଲୁହ ପିଇ
ପିଲାଙ୍କୁ କରଇ ବଡ
ଭରସା ତାହାର କାଳିଆ ସାଆନ୍ତ
ନିଶ୍ଚୟ ଶୁଣିବେ ଡାକ ।
ଧନ ଗର୍ବେ ଅନ୍ଧ ନାରୀ, ନିଶା ସଙ୍ଗ
ପତି ହେଲା ନରାଧମ
କୋଳେ ଦୁଇ ପୁଅ ସାନଟା ନିରୀହ
ବଡ ତାର ଭିନ୍ନକ୍ଷମ ।
ଦିବ୍ୟାଙ୍ଗ ପୁଅର ମାଆ ହେଲା ବୋଲି
ଗଞ୍ଜଣା ଶୁଣେ ବହୁତ
ସ୍ୱାମୀ, ଶାଶୁଘର ମାଡ,ଗାଳି ଖାଇ
ବଞ୍ଚିଛି ହୋଇଣ ମୃତ ।
ଜୀବନ ଯନ୍ତ୍ରଣା କରେ ଆନମନା
ଅନ୍ତର କଥା ଅବ୍ୟକ୍ତ
ପଥର ପରିକା ସହି ଯାଉଥାଏ
ମରମ ବ୍ୟଥା ଅନେକ ।
ମାଆଟିଏ ସେଇ କଷ୍ଟ ଯାଏ ସହି
ଚାହିଁ ସନ୍ତାନର ମୁଖ
ଏତିକି ପ୍ରାର୍ଥନା ପ୍ରଭୁ ଜଗନ୍ନାଥ
ପିଲାଏ ବୁଝନ୍ତୁ ଦୁଃଖ ।

■■■

କ୍ୱାଟର୍ ନଂ – ଉ୧-୧ / ୧
ନିଉ୍ ଗଭର୍ନମେଣ୍ଟ କଲୋନୀ, ଭୁବନେଶ୍ୱର୍
ଫୋନ୍ ନଂ – ୯୪୩୭୩ ୩୭୯୫୫

# ମୁଠାଏ ବାଲିର ସ୍ୱପ୍ନ

**ଡ. ପ୍ରବୀଣା ପରିଡ଼ା**



ଗର୍ଭରେ ସାଇତା
ଅସରନ୍ତି ଅସୀମ ଅତୀତ
ରାଗ ରାଗିଣୀର ବେଦନା ଭରା ମୂର୍ଚ୍ଛନା,
ନାଉରୀର ମନ ତଳର ବ୍ୟଥା
ଗୀତର ସୁରରେ
ବେସୁରା ରାଗିଣୀରେ ଉଙ୍କିମାରେ
ନିଅଣ୍ଟିଆ  ସଂସାର  ପ୍ରଥା ।
ନିରବ ଦ୍ରଷ୍ଟା କାଳିର
ଚୂଆରୁ ନୀର -
କାନ୍ଧ ନଇଁଯାଉଥିବା
କୁଆଁରୀ ବୟସର ନିରୀହ ଆଖିର ଝର ।
କୁଢ କୁଢ ବାଲି
ବୁହାଚାଲେ
ଶାସନତନ୍ତ୍ରର ପରଦା ଢାଙ୍କି
ବାକ୍ ଶୂନ୍ୟ ବିବେକ
ବନ୍ଦ କୁଟୀରରେ ଶୁଭେ ଆର୍ତ୍ତନାଦ,
ସବୁ ସ୍ୱାର୍ଥରେ ଜୁଡ଼ୁବୁଡ଼ୁ ଯେବେ ଭଉଁରୀରେ
ଶେଷହୁଏ
ଜୀବନର ଶେଷଖେଳ।
ସବୁଜ ସ୍ୱପ୍ନ ସବୁ
ଆଖିଠାର ଦିଏ, ବାଟବଣା ଭବିଷ୍ୟ
ସମୟ ର ଇସାରା ରେ
କଷଟି ପଥରେ ପରଖିବାକୁ ହେବ
ବାସ୍ତବତାର  ରୂପ ଚିତ୍ର କଳ୍ପା।



■■■

ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ – ୮୮୯୫୫୪୭୭୬

# ନଶୀ ଗନ୍ଧା

ମୌସୁମୀ ଶୁକ୍ଳା



ନିଶୀର ସମୀର ଗନ୍ଧେ ବାସ୍ନାମୟୀ
ନିଶୀଗନ୍ଧା ତୋ ନାମ ଜଗତେ ବହି
ସ୍ୱଳ୍ପ ଆୟୁଷ ତୋର ଗଢିଲା ବିହି
ନିତି ଫୁଟି ଝଡିପଡୁ ରାତ୍ରୀରେ ତୁହି।

ତୋ ଶୁଭ୍ରରଂଗେ ମନ ପବିତ୍ର କରୁ
ଖେଦ ନାହିଁ ହୃଦୟେ ବାସ
ବିତରୁ
ନାରଂଗୀ ନାଡ ତୋର ଚିତ୍ତାକର୍ଷକ
ସୁନ୍ଦର ତନୁ ଦେଖି ଦୁଃଖୀ ଭାବୁକ।



ବିଭୁ ଗଳାର ହାର ମଣ୍ଡିତାମୟୀ
ସୁଗନ୍ଧ ମହକ ରେ ମହକେ ମହୀ
ହସହସ ମୁଖ ସତେ ପୂର୍ଣିମାର ଶଶୀ
ସ୍ନେହ ପ୍ରେମ କରୁଣା ବାଣ୍ଟୁଛୁ ହସି।

ନଶ୍ୱ ଶରୀର ଏଠି ପ୍ରାଣୀ ଜଗତ
ସଭିଙ୍କ ଶେଷ ଆଶା ଧରିତ୍ରୀ ମାତ
ଶାନ୍ତିରେ ଲୋଟିପଡୁ ମାଆ ର କୋଳେ
ସୁଗନ୍ଧ ବିତରି ଏ ମହୀ ମଣ୍ଡଳେ।

ଦୀର୍ଘାୟୁଷ ଥାଇ ନଥିଲେ ସୁଗୁଣ
ଜଗତ ଉପକାର ନ ହେଲା ଜାଣ
ସ୍ୱଳ୍ପାୟୁଷ ଭଲ ସୁଗୁଣ ଆବୋରି
ସୌରଭ ବିତରଣେ ଜଗତେ ହୁରି।

■■■

ଭୁବନେଶ୍ୱର

# ପ୍ରେମର ମହକ

ପଞ୍ଚାନନ ତାଣ୍ଡି





ପ୍ରେମର ମହକ ତୁମେ
ପୀରତି ର କୋରକ ।
ଆଶାର ଆଲୋକ ରେଖା
ହୃଦୟ ର ପୁଲକ ।।
ପ୍ରଣୟର ପଦ୍ମବନ
ମିଳନର ପରଶ ।
ଉଦାସିଆ ଚିବୁକର
ମିଠା ମିଠା ହରଷ ।।
ଆକାଶର ନୀଳ ଜହ୍ନ
ସାଗର ର ଢେଉ ।
ଫଗୁଣର କୃଷ୍ଣଚୂଡା
କୋଇଲିର କୁହୁ ।।
ସୁଷମା ର ପାରିଜାତ
ମମତା ର ମଧୁ ।
ସ୍ନେହ ର ସବୁଜ ବନ
ଆବେଗର ସିନ୍ଧୁ ।।

■■■

ହିସାବ ଅଧିକାରୀ, ନର୍ଲା ବ୍ଲକ୍, କଳାହାଣ୍ଡି,
ମୋ : ୮୯୫୨ ୫୫୬୭୨

# ମୁଁ ଏକା ତୁମର

ଡ. ମାଙ୍ଗଳିକା ମହାପାତ୍ର



ତୁମକୁ ମୁଁ ଏତେ ଭଲପାଏ
କାହିଁକି ଜାଣେନା..
ଜାଣିବାକୁ ଚାହେଁନା..
କାରଣ ବି ବୁଝେନା..
ଆଗରୁ ମୁଁ ଏକା ଥିଲି
ଭଲ ଥିଲି...
ନିଜ ଭିତରେ ନିଜକୁ ଖୋଜୁଥିଲି
ହସୁଥିଲି, କାନ୍ଦୁଥିଲି
ନିଜ ଇଚ୍ଛାରେ ଜୀଇଁଥିଲି
ଏବେ ମୋ ଏକଲା ପଣର
ତୁମେ ହେଲ ସାଥି
ତୁମ କଥା ଭାବୁ ଭାବୁ
ପାହିଯାଏ ରାତି
ଏକା ଲାଗେ ଭିଡ଼ ଭିତରେ
ନ ଚାହିଁଲେ ବି ତୁମେ
ଆସିଯାଅ ମୋ ଭାବନାରେ
ପାଶେ ଥିଲେ ଲାଗ ବହୁ ଦୂରେ
ଦୂରେଇଲେ ତୁମ ଉପସ୍ଥିତି
ଅନୁଭବେ ପ୍ରତି ମୁହୂର୍ତ୍ତରେ
ଜାଣିବାକୁ ଚାହେଁନା କାରଣ ତା'ର
ଖାଲି ଏତିକି ବୁଝେ ମୁଁ ଏକା ତୁମର



■■■

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

# ଅନେକ ଗ୍ରୀଷ୍ମ ତାତିର କ୍ଷୁଧା

ସାଧନା ପଣ୍ଡା





ନିମଜ୍ଜିତ ମୁଁ ଅନ୍ଧାର ଭିତରେ
ଦେଖୁଛି  ନିରେଖି ନିରେଖି
ସ୍ତବ୍ଧତା ଗ୍ରାସୀଅଛି ଦେଖ
ସ୍ୱଷ୍ଟ ଭାବରେ ନିରବତାକୁ ମାଖି  ,
ସଞ୍ଚରି ଯାଏ ବିଜନ ଶବ୍ଦର ଆୟୁ
ଅନ୍ଧାର ରେ ନିରବତାର ରୂପ
ଚାହୁଁନାହିଁ ଦେଖିବାକୁ ଆଉ !

ଜାବୁଡି ଏକାକୀତ୍ୱ ଅନ୍ଧାରେ
ନଈପଠା ଶୋଇଛି
ନିହାତି ନିଶୂନ, ନିଶ୍ଚଳେ
ନିମଜ୍ଜିତ ଅନ୍ଧାର ଭିତରେ ,

ସ୍ତବ୍ଧ ଆଜି ନଦୀଘାଟ, କାଶତଣ୍ଡୀ
ସାଜିଛି ଧୂସର ,ଶ୍ରୀହୀନ
ମାୟା ଜହ୍ନର ଦୀର୍ଘଶ୍ବାସେ
ଦିଗନ୍ତ ରେଖା ପାଖେ
ଜୀବନର ରଙ୍ଗ ସବୁ
ଧୋଇ ହୋଇ ଦିଶଇ ତ' ମ୍ଳାନ
ପିଚ୍ଛିଳ ଶିଉଳି ହୋଇ
ମିଳାଇ ଯାଇଛି ଦିଗନ୍ତରେ
ଜହ୍ନ ଆଜି ଯାଇଛି ପ୍ରବାସରେ !

ଧମନୀରେ ପଶିଛି ଶ୍ରାବଣ
ଶ୍ରାବଣ ଭିଜୁଛି ରକ୍ତରେ
ସାଜି ବିରହୀ ଯକ୍ଷ କାଳିଦାସଙ୍କ
ତିନ୍ତୁଛି ମୁଁ ବର୍ଷାରେ
ନିହତ ନକ୍ଷତ୍ର ଝରିଯାଏ
ଦରଦୀ ପୃଥିବୀ ଛାତିରେ

ଏଠି ସେଠି ସବୁଠି
ଅଜାଡି ପଡୁଛି ବିରହ
ଆକାଶରୁ ତୃଷାର୍ତ୍ତ ମାଟିରେ
ଏ କିନ୍ତୁ ମାୟାଜାଲ ,ବିଭ୍ରମ ଆଖିରେ
ଭିଜାଇ ନିଃଶ୍ବାସ
କାକର ଟୋପାରେ !

କିନ୍ତୁ ମେଣ୍ଟେ ନାହିଁ ତୃଷା
ଧମନୀରେ ଜାଗିଉଠେ କ୍ଷୁଧା
ଅନେକ ଗ୍ରୀଷ୍ମ ତାତି ଅପେକ୍ଷାରେ ଚାହିଁଚି ବସୁଧା

■■■

ଭୁବନେଶ୍ୱର

# ତୁମେ ବଡ଼ ନିଲଠିଆ

**ଗୀତା ପଟ୍ଟନାୟକ**





ମନ ଗହନରେ ବୁଲି ବୁଲି ଦିନେ
କାନନେ ବସିଲି ଯା,
ତରୁକୁ ମାଗିଲି ମିଠା ମିଠା ଫଳ
ବିଦ୍ରୁପେ ହସିଲା ସେହି ।
ଦୂର ଗଗନରେ ଉଡି ଯାଉଥିଲେ
ଦଳ ଦଳ ଏରା ପକ୍ଷୀ,
କହିଲି ତା ଆଗେ କେହି ତ ହେଲେନି
ମୋ ପାଇଁ ଟିକିଏ ସାକ୍ଷୀ ।
ନାଲି ସୁରୁଜକୁ ମାଗିଲା ତା ଆଭା
ପିଲା ଦିନ କଥା ଭାଳି,
ରୋଷେ ଲୁଚିଗଲା ବାଦଲ ଉହାଡେ
କାନ୍ଦିଲି ମୁଁ ଲୁହ ଢାଳି ।
ପାଟେ ଦୋଳୁଥିଲା ଛୋଟ ନୀଳକଇଁ
କହିଲି ମୋ ପାଶେ ଆ...ଆ,
ଜଳ ତରଙ୍ଗରେ ଧୀରେ ବୁଡିଯାଇ
କହିଲା ତୁ ଯାଆ ଯାଆ ।
ନଦୀକୁ ମାଗିଲି ମଧୁର ସଲିଳ
ତୃଷ୍ଣା ନିବାରିବା ପାଇଁ,
ରାଗେ ଗରଗର ହୋଇ ସେ କହିଲା
ମୁଁ ଯାଉଛି ଦୂଷିତ ହୋଇ ।

ହାତ ପାତି ଦେଲି ଫୁଲ ପାଶେ ଯାଇ
ସୁବାସ ପାଇବା ଆଶେ,
ଲୁଚିଗଲା ସିଏ ପତର ଉହାଡେ
ନିରାଶେ ଫେରିଲି ଶେଷେ ।
ଫେରାଦ ହୋଇଲି ଦାମରା କାଉ କୁ
ଏତେ ରାଗ ରୋଷା କିଆଁ,
ମୁଖୁରା ଡାମରା ମୁହେଁ କାହିଦେଲା
ତୁମେ ବଡ଼ ନିଲଠିଆ ।
ଅବନୀ ଅମ୍ବର କଲ ଛାରଖାର
ନିଜେ ସାର୍ଥପର ସାଜି,
ସୃଷ୍ଟିର ନିୟମ ନିଷ୍ଠୁରେ ଭାଙ୍ଗିଲ
ବିବେକ ତୁମେ ବରଜି ।
ଏବେ ଖୋଜୁଅଛି ପୂରୁବ ଆନନ୍ଦ
କଉଠୁ ମିଳିବ ଆହା,
ନିଜେ ଛାରଖାର କରିଅଛ ଯାହା
ଫେରାଇ ଦେବକି ତାହା ।
ହେ ମାନବ ଜାତି ସାର୍ଥ ତୁମ ତେଜି
ପୂର୍ବ କଥା ଥରେ ଭଣ,
ଏ ଜୀବଜଗତ ଈଶ୍ୱରଙ୍କ ସୃଷ୍ଟି
ଏକଥା ହେୟ ନ ମଣ ।

■■■

**ଅବସର୍ ପ୍ରାପ୍ତ ଶିକ୍ଷୟିତ୍ରୀ**
**ଆଦର୍ଶ ବିହାର୍**
**ମୋ-୭୯୭୮୯୦୭୩୭୩**

# ସଖୀ

ମମତା ବାଳା ହୋତା



ସଖୀ,
ଦେଖୁଛୁ ସେଇ ପୂର୍ବ ଆକାଶକୁ
କେମିତି ରଙ୍ଗେଇ ହୋଇଛି ରକ୍ତିମ
ଆଭାରେ।
ଉଇଁ ଆସୁଛି ହସି ହସି ବାଳସୂର୍ଯ୍ୟ
ବାଣ୍ଟିଦେଉଛି ଚାରିଆଡେ ସଞ୍ଜିବନୀର ମନ୍ତ୍ର।
ଏକ ନୂତନ ଉନ୍ମାଦନାରେ ଆନ୍ଦୋଳିତ ହୁଏ
ଏ ସୃଷ୍ଟିରେ ଯେତେ ସବୁ ତନ୍ତ୍ର
ପ୍ରତିଧ୍ୱନି ଶୁଭେ କୋଣେ ଅନୁକୋଣେ
ସୃଷ୍ଟିର ସେହି ବୀଜମନ୍ତ୍ର।
ଭରିଦିଏ ଆଖିରେ ଆଖିରେ
ଅନେକ ସମ୍ଭାବନାର ସ୍ୱପ୍ନ ।
ମୋତେ ବି କହୁଛି -
ସ୍ୱପ୍ନ ସବୁକୁ ଜଳାଅନା
ପରିସ୍ଥିତି ର ଅଲିଭା ଅନଳେ
ଭାଙ୍ଗିପଡନା ହତଶ୍ୱାସରେ
ମୁଁ ଆସୁଛି, ଆସୁଥିବି।
ବୁଣିଦେବ ଜୀବନରେ
ସପ୍ତରଙ୍ଗର ମୁରୁଜ,
ଧୂସର ସ୍ୱପ୍ନ ମାନେ ଦିଶିବେ ସବୁଜ,
ଏକ ଉଜ୍ଜ୍ୱଳ ସମ୍ଭାବନାରେ କୁରୁଳି ଉଠିବ
ମନ ପ୍ରାଣ
ସମୟ ଗର୍ଭରେ ନିକ୍ଷେପ କରି
ଅଶାନ୍ତ ଅସଜଡା ଅତୀତକୁ।



ତପସ୍ୟା, ସମଲ ବ୍ୟାରେଜ, ଅନୁଗୁଳ
ମୋ - ୯୮୬୧୧ ୧୮୨୧୨

■■■

# କାନ୍ଧ

 କ୍ଷଣପ୍ରଭା ମହାନ୍ତି



ଜୀବନକୁ ପଚାରି ହୁଏ ଏ କାନ୍ଧର ବିଣ୍ଡି
କି'ପାଇଁ ମୋ ଉପରେ କର ନିର୍ମମ ଅତ୍ୟାଚାର
ସଂସାର ର ଭାରବାହୀ ପିଚ୍ଛିଳ ପଥରେ
ଜୀବିକା ସଂଧାନରେ ହଜିଯାଏ ଅମୂଲ୍ୟ ଜୀବନ
କୁହ କିପାଇଁ ଏଇ ମୋର ଦଣ୍ଡର ବିଧାନ?

କାନ୍ଧ ପୁଣି ହୋଇ ଉଠେ ସଂସାର ର ମେରିଖୁଣ୍ଟ
ମୁଣ୍ଡ ଉପର ଛାତ, ପେଟ ପାଇଁ ଦାନା
ସଂପର୍କର ଡୋରିରେ ଖୋଜି ହୁଏ ହସ
ଧୋଇ ଦିଏ ତନୁମନୁ କ୍ଲାନ୍ତ ଓ ବିବଶ।



ସମୟ ପାହାଚ ରେ କ୍ଲାନ୍ତ ହୁଏ ପାଦ ଦୁଇ
ସଳଖ ପଣର ମେରୁହାଡ଼ ଅକ୍ଲେଶରେ ଯାଏ ନଇଁ
ଅସ୍ୱଚ୍ଛ ହୁଅଇ ଆଖି, ମାପି ମୂଲ୍ୟବୋଧ
ଗାମୁଛାରେ କେମିତି ଲୁଚିବ ବିଣ୍ଡିର କାନ୍ଧ?

ଏ କାନ୍ଧ ବୁଝିବ କେତେ କୁହ
ଆତ୍ମୀୟତାର ହୃଦୟ  ଭାଷା
କେତେ ବା ପିଇବ କୁହ
ସ୍ନେହ ,ପ୍ରୀତିର ଅଦ୍ଭୁତ ନିଶା?

ଏ କାନ୍ଧ ଦେଖାଇଛି ସେମାନଙ୍କୁ ଜହ୍ନ
ଦେଖାଇଛି ଇନ୍ଦ୍ରଧନୁ ,ଦୂର ଦିଗବଳୟ
ଧରାଇଛି ତୋଳି ତାରାଫୁଲ କେତେ
ଦେଖାଇଛି ଫୁଲବନ ଫଗୁଣ ମଳୟ ।

କାନ୍ଧରେ କାନ୍ଧ ମିଳିବାର ଅକପଟ ଆହ୍ୱାନେ
ପତାଇଛି ଛାତି ସୀମାନ୍ତ ବାରୁଦେ
ବୋହିଛି ସଂସାର ବୋଝ ନିରନ୍ତରେ
ଯିବା ବେଳେ ଖୋଜି ହୁଏ ସେହି ପ୍ରିୟ କାନ୍ଧ
ତୁମ ଲୁହରେ ଭାଙ୍ଗି ନଯାଉ ଆଶ୍ୱାସନା ବନ୍ଧ। ।

ମୋ : ୯୪୩୮୩ ୮୩୧୬୧

■■■

# ଇଶ୍ୱରଙ୍କୁ ପ୍ରଶ୍ନ

ନିକୁଞ୍ଜ କୁମାର ଘୋଷ



ଇଏ କେମିତିକା     ନିୟତି ହେ ପ୍ରଭୁ
ନ୍ୟାୟ ଧର୍ମେ ଥାଏ କଷ୍ଟ
ଅନ୍ୟାୟ ଅଧର୍ମେ     ରହି ଥାଇ ସଦା
ବିଳାସ ଭୋଗଇ ଦୁଷ୍ଟ ।।

ଏଣୁ ମୁଁ କରୁଛି     ଈଶ୍ୱରଙ୍କୁ ପ୍ରଶ୍ନ
କଳିର କି ଏ ନିୟମ
ସତ୍ ସଙ୍ଗ କର୍ମେ     ରଖିଥିଲେ ମନ
ଅଧା ବାଟେ ନିଏ ଯମ ।।

ନୀରବ କାହିଁକି     ତୁମକୁ ପଚାରେ
ପ୍ରତି ଉତ୍ତର ଯେ ରଖ
ଗରଳେ ଭିଜୁଛି     ସୁଖିଲାର ତଣ୍ଟି
ଦୁଃଖିର ମୁହଁକୁ ଦେଖ ।।



ତୁମ୍ଭରି ସୃଷ୍ଟିର     ବିଚିତ୍ର ନିୟମ
ବୁଝିବାଟା ଭାରି କଷ୍ଟ
ଭଲ କର୍ମେ ଗଲେ     ଓଲଟା ଫଳ ଯେ
ଜୀବନକୁ କରେ ନଷ୍ଟ ।।

କଳିଯୁଗ ପାଇଁ     ଅନ୍ୟାୟ ଅଧର୍ମ
କରିଛ କି ନ୍ୟାୟ ନୀତି
ଭକ୍ତ ଘରେ କାହିଁ     ନିଆଁ ଜଳୁଥାଏ
କୁହ ହେ ଜଗତ ପତି ।।

ମାଧବପୁର, ଜଳେଶ୍ୱର - ୭୫୬୦୩୨
ମୋ - ୮୧୪୪୮୫୧୦୪୫

■■■

# ଛୁଞ୍ଚ କନା

ପ୍ରମୋଦ କୁମାର ନାୟକ



ମୁଁ ଛୁଞ୍ଚ କନା...
ତୁମ ପେଟରାରେ ଯତନେ ସାଇତା
ଲଳନାର ପ୍ରୀତିଭରା ମଖମଲୀ ଝରା ଶାଢ଼ୀର
ଉପଖଣ୍ଡ ମୁଁ
ଆଜି ତୁମ ମାଟି ଘର ଅଗଣାରେ
କଣଠେସା ଆଟିକା ଭିତରେ ଲୁଟୁପୁଟୁ
ଗୋବର, ମାଟି ଓ ପାଣିରେ ।

ଘରଣୀର ହାତେ ଛନ୍ଦା ପ୍ରଥମ ପାଇଟି ମୁଁ
କି ଖରା, କି ବର୍ଷା,
ଶୀତୁଆ ସକାଳର ଉଆଁସି ବେଳାରେ
ଦାଣ୍ଡ ଦରଜା ଆଉ ମାଟି ପିଣ୍ଡା
ଓଳିକଣ ପା' ଭାଗରୁ ବାଡିପଟ, ଅଲଙ୍ଗ,
ଠଣା, ଚୁଲି, ଝିଙ୍କା, ହାଣ୍ଡିଶାଳ ଟେଙ୍ଗରା ଯାଏ
ଆଟୁ ଛାତରୁ ପାଣି ନଳା ଯାଏ,
ଗୋଟା ଯାକ ଖଞ୍ଜାରେ ମତେ ବୁଲେଇନେଲେ
ପବିତ୍ର ହୋଇଯାଅ ତୁମେ
ଦେହରେ ମନରେ ।



ତୁମ ଗୁରୁବାର, ସଂକ୍ରାନ୍ତି, ପୁନିଅଁ ପରବରେ
ମୋ ଲିପାପୋଛା କାନ୍ଥରେ
ଦାଣ୍ଡ ଦରଜାରୁ ଠାକୁର ଘର ଖଟୁଳି ଯାଏ
ବୋହୂ ର ହାତ ଛଟା
ଝୋଟି ଚିତା, ଲକ୍ଷ୍ମୀପାଦ, ପଦ୍ମ ପାଖୁଡାରେ ।

ଶୌଚ ଅଶୌଚ କାଳେ,
ଛୁତିକା ମୂର୍ତ୍ତିକା ଦିନେ
ଛାର ଛୁଞ୍ଚକନା ମୁଁ ...
ଲାଗିଥାଏ ସକାଳରୁ ସଞ୍ଜ ଯାଏ
ତୁମ ମାଟିର ମନଟାକୁ ଶୁଦ୍ଧ କରିବାରେ ।

ମୁଁ ସେମିତି ଅଣଦେଖା, କଣଠେସା,
ତୁମ ଅଗଣାରେ ।

■■■

# ବିଶ୍ୱାସ

ନିହାରିକା ରାୟ ବରାଳ



ବିଶ୍ୱାସ ସାଙ୍ଗରେ ଥିଲେ
ଜୀବନକୁ  ଜିଇଁ ହୁଏ
ପ୍ରତି କ୍ଷଣ ପ୍ରତିଟି ମୂହୁର୍ତ୍ତ
ବିଶ୍ୱାସ ସାଙ୍ଗରେ ଥିଲେ
ଅପହଞ୍ଚ ଦୂରତ୍ୱକୁ ଛୁଇଁ ହୁଏ
ହଯେଇ ବି ପାଇ ହୁଏ
ସମ୍ପର୍କ ର ସୀମାହୀନ ସର୍ତ୍ତ ।

ରାତି ସରେ ଶେଫାଳିର ବାସ୍ନାରେ ତ
ସୂର୍ଯ୍ୟ ଉଏଁ କୋଣାର୍କେ କୋଣାର୍କେ
ନୀରବତା କଥା କୁହେ
ମିଛଲାଗେ ଜୁଇ ନିଆଁ
କଫିନ୍‌ର ସଫେଦ ରଙ୍ଗରୁ ପୁଣି
କର୍ପୂର ମହକେ ।

ବିଶ୍ୱାସ ସାଙ୍ଗରେ ଥିଲେ
ହୃଦୟରେ ଭରିଯାଏ
ଆଶା ଓ ପ୍ରତ୍ୟୟ
ବିଶ୍ୱାସ ସାଙ୍ଗରେ ଥିଲେ
ଏକାନ୍ତ ମୂହୁର୍ତ୍ତମାନ
ପାଲଟଇ କୋଳାହଳେ
ପ୍ରେମ ଆଉ ପ୍ରଣୟରେ ଭରିଯାଏ
ସୃଜେ ସତେ ପ୍ରତ୍ୟୟର ହାଟ ।

କ୍ଷତୁ ଝରେ ଟୋପା ଟୋପା ଲାଲ୍ ରକ୍ତ
ବିଶ୍ୱାସ ଭାଙ୍ଗିଲେ
ଅକାଳେ ଉଜୁଡ଼ିଯାଏ
ସମ୍ପର୍କର ଭରା କ୍ଷେତ
ପୃଥିବୀ ଟା ଶୁନ୍ୟ ଲାଗେ
ନିଃସଙ୍ଗତା ଏକାନ୍ତ ନିଜର
ସ୍ୱପ୍ନ ଆଉ ସମ୍ଭାବନା
ପାଲଟନ୍ତି ଜହ୍ଲାଦର ଘର ।

ବିଶ୍ୱାସ ଭାଙ୍ଗିଲେ ଥରେ
ସବୁକିଛି ଧୂ ଧୂ ମରୁଭୁମି
ଚିହ୍ନା ମୁହଁ, ଲୋହିତ ଆକାଶ
ଆପଣାର ଭାବୁଥିବା ମଣିଷକୁ
ହଠାତ୍ ଦେଖିଲେ
ଲୁହର ବନ୍ୟାରେ ଭାସେ
ଅତୀତରେ ରୋମିତୀତ ପ୍ରତିଟି ମୂହୁର୍ତ୍ତ ।

ବିଶ୍ୱାସ ଭାଙ୍ଗିଲେ ଥରେ
ନିଃଶ୍ୱାସରେ ରୁନ୍ଧିଯାଏ
ଘୃଣା ଓ ସଂଶୟ
ସମୟର ଚକ ଥମିଯାଏ
ନିଜ ଛାଇ, ନିଜର ଚେହେରା
ଅଜାଣତେ କେତେବେଳେ
ରଡ଼ିଛାଡ଼ି ପଛୁ ଡାକୁଥାଏ
କଅଁଳା ଛୁଆଟେ ପରି
ଆଶ୍ୱସ୍ତି ଓ ଆତ୍ମୀୟତାର
ଜାଗା ଖୋଜୁଥାଏ ।



■■■

ବି-୧୦, ପ୍ରତିଭା ଏନ୍‌କ୍ଲେଭ୍ ,
ବିଜେବି ନଗର, ଭୁବନେଶ୍ୱର-୧୪

# ବାକି ଅଛେ

ନୀରଜ ଦାଶ ଶର୍ମା



କେତେ ଜୀବନ୍
ଆର୍ ଜିଁବାର୍ କେ ବାକି ଅଛେ
କେତେ ସଖାଲେଁ
ଆର୍ ସୂରୁଜ୍ ସାଂଗେ ଭେଟ୍ ପଡ୍‌ବାର୍ ବାକିଅଛେ
ଫେର୍ ପଛ୍‌କେ
ଲେହେଁଟି ଦେଖ୍‌ଲେ କାଏଁ ହେବା ।
ପଛର୍ କଥାକେ ଘାଏ ପାସ୍‌ରି କରି
ନୂଆଁ ବାଟ୍‌ଟେ ନୁର୍‌ବାର୍ ଦର୍‌କାର୍ ଅଛେ ।
ମୁନୁଷ୍ ଜୀବନ୍ ତ ସୁରୁଟେ ନୁହେସେ
ଜହ୍ନିଫୁଲ୍ ବି ଜିଁସି ଗୁଟେ ରାତିର୍ ଲାଗି
ହଁସି ହଁସି ବାସ୍‌ନା ବିଖ୍‌ରେଇ ଦେସି
ଫେର୍ ମୁନୁଷ୍
ହଦ୍‌ରିସି କାଁକରି ଏତେ
ଇ କଥାଟା ବୁଝ୍‌ବାର୍‌ଟା ବକି ଅଛେ ।



■■■

ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,
ହରିଦ୍ୱାର, ଉତ୍ତରାଖଣ୍ଡ,
ମୋ-୭୦୦୮୭ ୫୮୯୯୬

# ରାତିର ଠିକଣା

ବିପିନ୍ ମହାନ୍ତି





ଫୁଲ କି ରଖିଛି ରାତିର ଠିକଣା
ବୃନ୍ତରୁ ପଡ଼ିଲେ ଖସି,
ପ୍ରଜାପତି କ'ଣ କହିପାରେ କେବେ
କେଉଁ ଫୁଲେ ଥିଲା ବସି ।

କ୍ଲାନ୍ତ ପଥିକ ପାନ୍ଥଶାଳାକୁ
ଭୁଲିଛି ପାହିଲେ ରାତି,
ମୁଁ ନିଜେ ଭୁଲିଛି ମୋ' ନିଜ ଠିକଣା
ପାଇ ତୁମ ସ୍ନେହ ପ୍ରୀତି,
ନଦୀ ଭୁଲିଯାଏ ପଥର ଠିକଣା
ସାଗରରେ ଗଲେ ମିଶି ।

ବାଟ ଭୁଲା ପକ୍ଷୀ ରଖିଛି କି ତା'ର
ନୀଡ଼ର ଠିକଣା କେବେ,
ହୃଦୟ ଠିକଣା ସଭିଙ୍କୁ ଅଜଣା
ପ୍ରୀତି ବାଟ ଭାଙ୍ଗେ ଯେବେ,
ଜହ୍ନ କି ରଖିଛି ରାତିର ଠିକଣା
ପାହିଗଲା ପରେ ନିଶି ।

■■■

ପ୍ଲଟ୍ ନଂ - ୩୩, ଗଡ଼ମହାବୀର ବିହାର,
ଗ୍ୟାରେଜ୍ ଛକ, ଭୁବନେଶ୍ୱର -୭୫୧୦୦୨
ମୋ :୯୮୬୧୧୪୪୯୯୧

# ବୋଉ

ମନୋରମା ସାହୁ



ମାଟିରୁ ଉଠାଇ ମହାକାଶର
ସ୍ୱପ୍ନ ଦେଖାଏ ଯିଏ,
ହାତ ବଢାଇଲେ ସରଗର ଚାନ୍ଦ
ଯା' ହାତରେ ଧରା ଦିଏ।

ବିଶ୍ୱାସରେ ଯା'ର ବିଶ୍ୱ ବ୍ରହ୍ମାଣ୍ଡ
ହେଉଥାଏ ଆତଯାତ
ଯା' ରୂପ ଦର୍ଶନେ ନୀଳ ନିର୍ବାଣ
ସଶରୀରେ ଜଗନ୍ନାଥ।



ପଣତରେ ସାରା ସସାଗରା ଧରା
ଢାଙ୍କି ପାରଇ ଯିଏ
ନିଃଶ୍ୱାସରେ ଯା'ର ଅଣଚାଶ ବାୟୁ
ଧୀରେ ଛୁଇଁଦେଇ ଯାଏ।

ପଲକେ ପୁଲକ ଖେଳାଇ ଦିଅଇ
ସ୍ନାୟୁତନ୍ତ୍ରୀରେ ଯା' ସ୍ପର୍ଶ,
ଯା' 'ଧନ' ଡାକରେ
ନିର୍ଦ୍ଦୟ ନିଦାଘେ
ଅବତରେ ମଧୁମାସ।

ଯେଉଁଠି ଥିଲେ ବି 'ବୋଉ' ଡାକିଦେଲେ
'ଓ' କଳାପରି ଲାଗେ,
ଶିରାଳ ଶରୀରେ ଶତସିଂହ ବଳ
କେମିତି କେଜାଣି ଜାଗେ!

ସନ୍ତାନ ଉପରେ ବିପଦ ପଡିଲେ
ଆଗେ ଆସି ଠିଆ ହେଉ,
ଡରକୁଳିରୁ ତୁ ସାହାସିନୀ କହ
କେମିତି ପାଲଟି ଯାଉ!

ଏମିତି ଗୋଟିଏ ଦିନ ନାହିଁ ବୋଉ
ତତେ ମୁଁ ଭୁଲି ପାରିଛି
ମୋ ଭିତରେ ପରା ତୁ ଅଛୁ,ଆଉ
ତୋ ଭିତରେ ମୁଁ ଅଛି।

■■■

ସରକାରୀ ଉ.ପ୍ରା. ବିଦ୍ୟାଳୟ, ପାରିଓରଡ,
ଖୋର୍ଦ୍ଧା
ମୋ- ୭୭୩୫୦୭୫୦୭୫

# ଏଇ ତ' ଜୀବନ

ତୁଳସୀଦାସ ମିଶ୍ର




ଧୂପ ପରି
ଜଳେ ଜୀବନ
ମହକ ବିଛୁରି
ଧୂଆଁ ଭଳି
ମିଳେଇ ଯାଏ ବୟସ
ଶେଷରେ
ରହି ଯାଏ
ଚିମୁଟାଏ
ସ୍ମୃତିର ପାଉଁଶ ।

ଶେଷ ନିଃଶ୍ୱାସର
ଦମକାରେ
ସେ ବି ଉଡି
ଅଦୃଶ୍ୟ ହୁଏ

ବାସ୍ , ତାପରେ
ସୁଧୁ ନାଁ ଟେ ରେ
ରୂପାନ୍ତରିତ ହୁଏ
ଅସ୍ତିତ୍ୱ ।

ଶୁଖିଲା
ପତ୍ରପରି
ଝରେ କାଁ... ଭାଁ...
ଚିହ୍ନା, ଅଚିହ୍ନା ଓଠରୁ ।



ଭୁବନେଶ୍ୱର
ମୋ- ୯୮୬୧୫୫୨୭୯୩

■■■

# ଦୁର୍ଗା ମା’

ସରୋଜଲକ୍ଷ୍ମୀ ମହାନ୍ତି





ଜାଳୁଛି ଦୀପାଳୀ ତୋ’ମଣ୍ଡପେ ମା’ଗୋ
ଜଗତ ମଙ୍ଗଳ ସ୍ମରି
ମୁକୁଟ ମଣ୍ଡିତ ମୁକ୍ତକେଶୀ ବେଶ
ଚିନ୍ତା ଚେତନା ରେ ଭରି
ନମୋ ନାରାୟଣୀ ଜଗତ ଜନନୀ
ଧରାକୁ ଓହ୍ଲାଇ ଆସ
ତୁମ ଆଗମନେ ବସୁନ୍ଧରା ସାଜେ
ସବୁଜବର୍ଣ୍ଣା ବେଶ
କାଶତଣ୍ଡୀ ଝୋଟି ଶିଶିର ପେଣ୍ଠାରେ
ପାର୍ବଣେ ସାତ୍ତ୍ୱିକ ଚିତ୍ତ
ଅଭୟ ଦାୟିନୀ ଦୁର୍ଗତି ନାଶିନୀ
ଶୈବଶାକୁ ଏକ ବେଶ
କଲ୍ୟାଣମୟୀ ମା’ ତ୍ରୀଶୂଳ ଧାରିଣୀ
ମହିଷାସୁରଙ୍କୁ ନାଶ
ଧରାଧାମେ ଆସି ମଣିଷ ଭିତରୁ
ପଶୁତ୍ୱ କୁ କର ନାଶ
ପୂଜା ମନ୍ତ୍ର , ସ୍ତୋତ୍ର ଜାଣିନାହିଁ ମା’ଗୋ
ନାହିଁ ମୋ ଅନ୍ତରେ ଭକ୍ତି
ବିଶ୍ୱାସ ବାନ୍ଧିଛି ତୁମରି ଚରଣେ
ସମର୍ପଣ ଭାବ ରଖି ।

■■■

ନନ୍ଦନବିହାର, ଭୁବନେଶ୍ୱର

# ପ୍ରିୟତମ ସଞ୍ଜ ପାଇଁ

ନୀଳମଣି ଚାନ୍ଦ





'ପ୍ରଭାତ' ଜୀବନ  ଅଧୁରା ବିଧୁରା ପ୍ରିୟତମ 'ସଞ୍ଜ' ପାଇଁ
ଚାଲିଛି ଅରୁଣ ସାଥୀରେ ସିଏରେ ଅସ୍ତାଚଳ ଆଡ଼େ ଧାଇଁ।

କୁସୁମ କୋମଳ ମନଟି ଯେ ତା'ର ଭାବି କେତେ ଦୁଃଖ ପାଏ
କା' ଆଗେ କହିବ ମନକଥା ଖୋଲି ତା' ପାଶେ କିଏ ନ ଥାଏ
ଗୋଧୂଳି ନାଟକ ଅନ୍ତେ ହେବ ସଞ୍ଜ ରହିଛି ସିଏରେ ଚାହିଁ।

ଶୟନେ ସପନେ ଜାଗରଣେ ସିଏ ସଞ୍ଜ ଛବି ମନେ ଆଙ୍କେ
ସାତ ରଙ୍ଗ ଭରା ଇନ୍ଦ୍ରଧନୁ ଚାହେଁ କେଉଁ ବଉଦର ଫାଙ୍କେ
ଏବେ ବି ପ୍ରଭାତ ଖୋଜଇ ବିରହେ ସଞ୍ଜ ପ୍ରିୟ ଗଲା କାହିଁ।

ସମୟ କୁହୁକ ମନ୍ତରରେ ସବୁ ଛାଏଁ ରେ ବଦଳି ଯାଏ
ଭାବନା ଆକାଶ କୁସୁମ ସମାନ ଭାବନାରେ ରହିଥାଏ
ଇଏ ତ ଜୀବନ ପ୍ରତୀକ୍ଷାରେ ରହି ମନ ହୁଏ ହାଇଁପାଇଁ।

■■■

୨୭, ମନ୍ଦ୍ର ମାନୋର, ଗୋଠପାଟଣା,
ଭୁବନେଶ୍ୱର - ୨୯
ମୋ - ୯୫୮୩୨ ୦୨୩୫୭

# ମା' ମାଟି ମାତୃଭୂମି

ଶୁଭଶ୍ରୀ ସିଂହ



ପୂଣ୍ୟ ଏଇ ମାଟି ପୂଣ୍ୟ ଭାରତ
ସୁଜଳା, ସୁଫଳା, ବନାନୀ କ୍ଷେତ
ଏଇ ମାଟିରେ ଜନମ ମୋର
ମାଟି 'ମା'ତ ମୋର ଅତି ନିଜର
ତା ପାଣି ପବନେ ଗଢା ଜୀବନ
ତା ଅନ୍ନରେ ଏ ଜଗତ ପାଳନ
ତା ବୁକୁରେ ପାଦ ଦେଇ ଚାଲିଲି
ତା ପଣତ ତଳେ ଆଶ୍ରୟ ନେଲି
ସର୍ବଂସହା ସେ ଜନନୀ ସବୁରି
ଗାନ୍ଧି,ଗୋପବନ୍ଧୁ,ମଧୁ,ସୁବାଷ
କେତେ ବରପୁତ୍ର ତାର କୋଳରେ
ଅମ୍ଳାନ କିର୍ତ୍ତୀ କେତେ ରଚିଗଲେ
ମାତୃଭୂମି ନାମ ଉଜ୍ଜଳ କଲେ
ସ୍ୱାଧୀନତା ବିଜୟ ଟୀକା ପିନ୍ଧିଲେ
ଦେଶ ମାତୃକା ପାଇଁ ଜୀବନ ଦେଲେ
ମା,ମାଟି,ମାତୃଭୂମି ନାମ ରଖିଲେ
ମାଟିରେ ଜନ୍ମି ପୁଣି ମାଟିରେ ଶେଷ
ଏ ବିଶ୍ୱନିୟନ୍ତାଙ୍କ ଦୃଢ ନିର୍ଦ୍ଦେଶ
କେ କରିପାରେ ତାର ଅବଶେଷ
ଗର୍ବିତ ଜନ୍ମି ଏ ଧରା ଧାମରେ
ଦିନେ ଲିନ ହେବି ଏହି ମାଟିରେ।

■■■

ଭୁବନେଶ୍ୱର
ମୋ - ୯୧୨୪୫୬୫୨୫୦

# ଆଜି ବି ଝୁରୁଛି ତୋତେ

ସ୍ନିଗ୍ଧା ଜି. ମହାପାତ୍ର





ମାଆ ମାଆ ବୋଲି କେତେ ମୁଁ ଡାକୁଛି
ହୃଦୟୁ ନିଗାଡ଼ି ଲୁହ....
ଅଫେରା ରାଇଜ ପଥିକ ସାଜିଲୁ
କେମିତି ବଞ୍ଚିବି କହ...।

ଲିଭି ଯାଏ ହସ ତୋ ଓଠ ଧାରରୁ
ଦୁଃଖରେ ଟିକିଏ ମୋର..
ମୋ ସୁଖରେ ପୁଣି ତୁ ଢ଼ାଳୁ ଆଶିଷ
ମସ୍ତକେ ଦେଇ ତୁ କର...।

ସେଇ ଘର ଅଛି ଅଗଣା ବି ଅଛି
ମମତାର ନାହିଁ ଚିହ୍ନ...
କର୍ତ୍ତବ୍ୟ କରନ୍ତି ସଭିଏଁ ମାଆଲୋ
ତୁ ଥିଲୁ ସବୁଠୁ ଭିନ୍ନ...।

କହିବା ଆଗରୁ ବୁଝିଯାଉ ମାଆ
ଦେଖିଲେ ମୋ ଏ ବଦନ...
ତୋ ଅସରନ୍ତି ସ୍ନେହ ଅନାବିଳ ପ୍ରେମ
ମୋହିତ କରେ ପରାଣ...।

ଅଳପ ପାଠୋଇ ତୁଣ୍ଡେ ଭାଗବତ
ଗୀତା ଜ୍ଞାନ ତୋର ମୁଖେ...
ହସି ହସି ସବୁ ସହି ଯାଉ ତୁହି
ନିକ୍ଷେପି ନିଜକୁ ଦୁଃଖେ...।

ଗୃହରେ ମାଆଟି ଚଳନ୍ତା ଯନ୍ତ୍ରଟେ
ନିମିଷକେ କରେ କାମ...
କେତେ ପିଠା ପଣା କରି ଦେଉ ତୁହି
ମନଜାଣି ତତକ୍ଷଣ...।

କହୁଥିଲୁ ତୁହି ମରିଗଲେ କେହି
ଆକାଶେ ଶୋଭନ୍ତି ଯାଇ...
ଏତେ ତାରା ମେଳେ ଦିଶୁନୁ ତୁ କାହିଁ
ଖୋଜି ମୁଁ ପାଉନି କାହିଁ...।

ଏଇ ଅପରାହ୍ନେ ଆଜି ବି ଝୁରୁଛି
ଲୋଡ଼ା ନାହିଁ ଧନମାନ...
ତୋ ପଣତ ପରା ସରଗର ସୁଖ
ତୋ ବିନା ଲାଗେ ଲୋ ଶୂନ୍ୟ ।

■■■

୨୭, ମନ୍ଧ ମାନୋର, ଗୋଠପାଟଣା,
ଭୁବନେଶ୍ୱର - ୨୯
ମୋ - ୯୫୮୩୨ ୦୨୩୫୭

# ସମୟର ଖେଳ

ଧର୍ମ କୁମାର ଶତପଥୀ





ସମୟର ଖେଳ ଢେଉ ଢେଉକା
କେବେ ସାଦାସିଧା କେବେ ବା ବଙ୍କା
କେତେ ବୁଝିହୁଏ କେତେ ଯେ ଅବୁଝା
କେବେ ଲୋଡ଼ା ଖୋଜା କେବେ ମଉକା ।।

ସମୟରେ ଝରେ ବରଷା ଧାରା
ଧରଣୀ ପାଲଟେ ଶସ୍ୟ ଶ୍ୟାମଳା
ସବୁଜ ବନାନୀ ହସି ଉଠେ ହର୍ଷେ
ମେଲିଦିଏ ରାଗ-ରଂଗ ପସରା ।।

ସମୟରେ ରଙ୍କ ସମ୍ରାଟ ହୁଏ
ପାଟଛତା ତଳେ ପାଲିଙ୍କି ପାଏ
ଧନୀ ହୋଇଯାଏ ଦାଣ୍ଡର ଭିକାରୀ
ହା, ହୁତାଶରେ ଜୀବନ ନିଏ ।।

ସମୟରେ କେବେ ଓଲଟେ ଖଟ
ମଣିଷଟା ଯାଏ ମଶାଣି-ଘାଟ
ଜୀବନ ନାଟରେ ଯବନିକା ପଡେ
ଲୋଡାହୁଏ ମାତ୍ର ଛ'ଖଣ୍ଡ କାଠ ।।

ଫୁଲ ଫଳ କେତେ ଜାତିକି ଜାତି
ଧରିବାକୁ ଗଛେ ଥା'ନ୍ତି ଅଟକି
ମନ ମତାଣିଆ ସୁଆଦ, ଗନ୍ଧେ
ଚାରିଦିଗ ବାସେ ଯିବ ମହକି ।।

କେବେ ସିଏ ଖେଳେ ଚକାଭଉଁରୀ
ଦୁନିଆଁ ଦୁଆରେ ହୁଇସିଲ ମାରି
କାହା ଇଙ୍ଗିତରେ ଖେଳୁଛି ସେ ଜାଣେ
ତ୍ରିଗୁଣ ଦଉଡି ହାତରେ ଧରି ।।

ଜୀବନ ନଦୀରେ ଜୁଆର ଆଣେ
ଗହନ ମନରେ ସପନ ବୁଣେ
ନିମିଷେ ପୁଣି ସେ ଶୂନ୍ୟ ହୋଇଥାଏ
ମିଛ ମରିଚୀକା କଥା ପ୍ରମାଣେ ।।

ସମୟ ସହିତ ତାଳ ପକାଇ
ଚାଲୁଥିଲେ ବାଟ-ଜାଣି ଥ' ଭାଇ
ଧନ୍ୟ କହିବେ ଜଗତର ଜନ
ମାନ୍ୟ କରିବେ ମଥା ନୂଆଁଇ ।।

ସତ୍ୟ ନ୍ୟାୟ ପଥେ ଚାଲରେ ଚାଲ
ଭଲକୁ ଆଦର ବରଜି ଭେଲ
ସମୟ ସ୍ରୋତରେ ଦମ୍ଭେ ଠିଆ ରହ
ଆସୁ ଯେତେ କଣ୍ଟା ଅଥବା ଫୁଲ ।।

ପ୍ରଧାନ ଶିକ୍ଷକ (ଓ.ଇ.ଏସ. ୨)
ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟ,
ପଦ୍ମପୁର, ବରଗଡ଼

■■■

# ସଲାମ୍ ତ୍ରିରଙ୍ଗା

ଗୀତା ଦାସ





ସ୍ୱାଧୀନ ଆମ ଭାରତବର୍ଷ
 ଆମେ ତା' ସୁତ, ସୁତା,
ତା'କୋଳ ଆମ ସବୁଠୁ ବଡ଼
 ଧନ୍ୟ ତା' ପୁଣ୍ୟଗାଥା ।
ସ୍ୱାଧୀନତାର ବାର୍ତ୍ତାବହି
 ଉଡେ ରାଷ୍ଟ୍ରୀୟ ଧ୍ୱଜା,
ସଗର୍ବେ,ଦର୍ପେ,ସଭିଏଁ ବୋଲୁ
 ସଲାମ୍ ତିରିରଙ୍ଗା ।
ଆମ ଦେଶ ଅମୂଲ୍ୟ ସମ୍ପଦ
 ଆମ ଜାତି ମର୍ଯ୍ୟାଦା,
ଉଚେ ଉଡ଼େ ଫର ଫର ହୋଇ
 ଉତ୍ତୁଙ୍ଗ କରି ମଥା
ତିନି ରଙ୍ଗ ତା'ଶରୀରେ ଶୋହେ
 ନାରଙ୍ଗୀ,ଶ୍ୱେତ,ଶାଗୁଆ,
ବୀରତ୍ୱ,ଶାନ୍ତି,ମଇତ୍ରୀ,ସୁଖ
 ସମୃଦ୍ଧି ସଂକେତ ଯାହା ।
ଜଳ,ସ୍ଥଳ,ଗଗନ ବାହିନୀ
 ଭାରତୀୟ ସଇନେ ,
ଶତ୍ରୁ ସଂହାର ଦକ୍ଷତା ବାଢ଼ି
 ତେଜୋଦୀପ୍ତ ପରାଣେ ।
ପ୍ରେମର ସୁରେ ପୁଲକ ଭରେ
 ସରବେ ଉଲ୍ଲସିତ,
ସମ୍ମାନ ଦେଉ ମାଟି ମାଆକୁ
 ସ୍ଲୋଗାନ କରି ଝଙ୍କୃତ ।
ଧନ୍ୟ ତ୍ରିରଙ୍ଗା ନାହିଁ ଯା'ଶଙ୍କା
 ଧନ୍ୟ ତା' ବଡ଼ପଣ,
ଧନ୍ୟ ତା'ମୂଲ୍ୟ ଆଦର୍ଶ ଧନ୍ୟ
 ଓଜନ ତା' ମହାନ ।
ସ୍ୱାଭିମାନର ପ୍ରତୀକ ସିଏ
 ଗୋଦାବରୀରୁ ଗଙ୍ଗା,
ସରବେ ଆସ ସ୍ଲୋଗାନ ଦେବା
 ସଲାମ୍ ତିରିରଙ୍ଗା ।

ବଳରାମପୁର,କୁଜଙ୍ଗ, ଜଗତସିଂହପୁର
ମୋ - ୭୦୦୮୩୮୦୦୩୬

■■■

# ଜୟ ଜଗନ୍ନାଥ

ପ୍ରଭାତୀ କୁମାରୀ ମିଶ୍ର





ପ୍ରଭୁ ଜଗନ୍ନାଥ ଦୀନ ଜନ ବନ୍ଧୁ
ଶରଣ ରକ୍ଷଣ ହରି
ପାପୀ ତରିଯାଏ ତପି ତରିଯାଏ
ତୁମରି ନାମ ସୁମରି ।

କରମ କରତା ହେ ଭାଗ୍ୟ ବିଧାତା
ସବୁରି କାରଣ ତୁମେ
ପଥହୁଡା ଯେବେ ପଥ ହୁଡିଯାଏ
ବାଟ ପାଏ ତୁମ ନାମେ ।

ସେ ନାମେ କି ରସ ଅଛି ହେ ଠାକୁର
ସ୍ମରଣ ମାତ୍ର କେ ଦୟା
ଅନ୍ତର ଭିତରେ ଭାବ ଉପୁଜିଲେ
ନ ଲାଗଇ ଭବ ମାୟା ।

ଫୁଲ, ଫଳ ତୁମ ଲୋଡାନାହିଁ ପ୍ରଭୁ
ଭାବେ ଯିଏ ହୁଏ ଛନ୍ଦି
ଅସଲି ପୂଜା ଯେ ତୁମ ପାଇଁ ହୁଏ
ତୁମ ପ୍ରେମେ ହୋଇ ବାନ୍ଧି ।

ଦୟାମୟ ହରି ହେ ବିଶ୍ୱବିହାରୀ
ମନେ ମୋ ଦିଅ ଭକତି
ଜୀବ ଥିବା ଯାଏ ତୁମ ନାମ ଗାଏ
ଦେହରେ  ଦିଅ ଶକତି ।

ତୁମରି ସଂସାର ତୁମ ସରଜନା
ପାଇଁ କରୁଥାଏ କାମ
ତୁଣ୍ଡେ ଥାଉ ମୋର ହେ ବିଶ୍ୱ ନିୟନ୍ତା
ଅହ ରହ ତୁମ ନାମ ।

ଦୟାର ସାଗର କ୍ଷମାର ବାରିଧି
କୃପା ବରଷାଅ ତୁମେ
ଜୟ ଜଗନ୍ନାଥ,ଜୟ ଜଗନ୍ନାଥ,
ଗାଉ ଥିବୁ ସଦା ଆମେ ।

ସବୁରୀ କାମନା ସବୁରୀ ବାସନା
ପୂରଣ କର ହେ ନାଥ
ସଦ୍ ବୁଦ୍ଧି, ସଦ୍ ଜ୍ଞାନ ଭରି ଦିଅ ମନେ
ଆହେ ପ୍ରଭୁ ଜଗନ୍ନାଥ ।

ସବୁରି ମଙ୍ଗଳ କରିବାକୁ ପ୍ରଭୁ
କରେ ମୁହିଁ ନିବେଦନ
ଅମୃତମୟ କରି ଦିଅ ସୃଷ୍ଟି
ସର୍ବେ ଭବନ୍ତୁ ସୁଖିନଃ ।

ହେ ବିଶ୍ୱ ମୋହନ, ଜଗତ ବନ୍ଦନ
ଏତିକି କର କଲ୍ୟାଣ
ଅମୃତ ଉତ୍ସବ, ପାଳୁଛି ମୋ ଦେଶ
ରକ୍ଷା କର ପ୍ରତି କ୍ଷଣ ।

ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ,
ପ୍ରଶାନ୍ତି ବିହାର,  ଭୁବନେଶ୍ୱର
ଫୋନ୍:୮୯୧୭୫୩୮୫୬୧

■■■

# ହେ ରାମ ଥରେ ଆସିବ କି ?

ଅନସୂୟା ବାରିକ





କହିବକି ପ୍ରଭୁ କହିବକି
ମନ ଖୋଲି ଥରେ କହିବକି
ହେ ରାମ ହେ ରାମ
ଘେନି ନିମନ୍ତ୍ରଣ ଦିନେ ଦୁଇଦିନ
ମୋଘରେ କୁଣିଆ ହୋଇବକି ?
କହିବକି ପ୍ରଭୁ କହିବ କି ?

ନୁହେଁ ମୁଁ କୌଶଲ୍ୟା ହୋଇ ତୁମ ମାଆ
ପାରିବି ଦେଇ ଆଦର
ନୁହେଁ ମୁଁ ଲକ୍ଷ୍ମଣ ବୁଝି ରାମ ମନ
ଆଣିଦେବି ବଣ ଫଳ
ଭାବିଲେ ଶବରୀ ହେ କୋଦଣ୍ଡ ଧାରୀ
ମୋ କୁଡ଼ିଆରେ
ପାଦ ଥୋଇବ କି ?
କହିବକି ଥରେ କହିବକି ?

ଶବରୀ ପରାୟେ ଆଦର କରିମୁଁ
ଶ୍ରୀପଦ ଦେବି ପଖାଳି
ଆସନେ ବସାଇ ସୁମନେ ସଜାଇ
ଲେପିବି ଚନ୍ଦନ ଗୋଳି
ରାନ୍ଧି ଭୁଞ୍ଜାଇବି ମୋ କୁମର ଭାବି
ଆନନ୍ଦେ ହେ ରାମ ଖାଇବକି ?
କହିବକି ଥରେ କହିବକି ?

ବୀର ହନୁମାନ ଅଟେ ତୁମ ପ୍ରାଣ
ଭକ୍ତ ଭାବେ ହେଲେ ଧନ୍ୟ
ହୋଇ କି ପାରିବି ଭକତ ଟିଏ ମୁଁ
କାହିଁ ମୋର ଏତେ ପୁଣ୍ୟ
ଏତିକି ବୁଝିଛି ରାମ ନାମ ଧରି
ଆଦରେ ଡାକିବି ଆସିବକି ?
କହିବକି ଥରେ କହିବକି ?

ରାଜୀବ ଲୋଚନ ଜାନକୀ ଜୀବନ
ବିପଦ ତାରଣ ରାମ
ଭଜିଲେ ସେନାମ ବଇକୁଣ୍ଠ ଧାମ
ଅନ୍ତେ କରିବ ବିଶ୍ରାମ
ବନ୍ଧୁ ଭାବ ଧରି ହେ ବନବିହାରୀ
ହୃଦ ଅଯୋଧ୍ୟା ରେ ରହିବ କି ?
କହିବକି ପ୍ରଭୁ କହିବକି ?

■■■

ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର,

# ତୁମ ପାଇଁ

**କବିତା ନାୟକ**





ମୋ ମନର ବଗିଚାରେ
ଯେତେ ଫୁଲ ଫୁଟେ
ତୁମେ ତାର ବାସ ଭରା ଗନ୍ଧ ।
ମୋ ବୀଣାର ଝଙ୍କାରରେ
ଯେତେ ସୁର ଛୁଟେ
ତୁମେ ତାର ଦିଗ ହରା ଛନ୍ଦ ।
ମୋ ଆଶାର ଆକାଶରେ
ଯେତେ ତାରା ଫୁଟେ
ତୁମେ ତାର ନିରବ ଦର୍ଶକ
ମୋ ମନର ମଳୟରେ
ଯେତ ବାସ୍ନା ଆସେ
ତୁମେ ତାର ମଧୁର ମହକ।
ମୋ ଇଚ୍ଛାର ସାତସିନ୍ଧୁ
ବୋହିଯାଏ କେତେ ଦୂରେ କାହିଁ
ଦିଗନ୍ତ ବିସ୍ତାରି ମନ
ବ୍ୟାପିଯାଏ
ଖାଲି ତୁମ ପାଇଁ।

■■■

ଏମ୍. ଆଇ. ଜି. - ୨, ୭୭/୪
ଓ.ଏସ୍.ଏଚ୍.ବି. କଲୋନୀ, ଭୁବନେଶ୍ୱର - ୧୬
ମୋ : ୭୭୩୫୯୧୬୧୧୧

# ଜଗତ ଜନନୀ

ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ



ନମସ୍ତେ ନମସ୍ତେ ମାଆ, ଜଗତ ଜନନୀ
ଦୁର୍ଗା କାଳୀ ତୁହି ମାଆ କଲ୍ୟାଣ ଦାୟିନୀ
ବଜାରେ ବଜାରେ ମାଦଳ ବାଜା
ତେଲିଙ୍ଗି ବାହା କୁ ମହୁରୀ ବଜା
ମାଆ ମଣ୍ଡପ ସଜା
ଆସିଛି ଆସିଛି ଦଶହରା ପୂଜା ।



ଭୋଦୁଅ ଯାଇଛି ଆଶିନ ଆସିଛି
କାଶତଣ୍ଡୀ ଫୁଲେ ଶୋଭା ପାଉଛି
ନାଲି ପାଟ ଶାଢ଼ୀ ନାଲି ଶଙ୍ଖା ଚୁଡ଼ି
ନାଲି ମନ୍ଦାର ରେ ମନ ମୋହୁଛି
ବଜାରେ ବଜାରେ...... ।

ଘରେ ଘରେ ପିଠା ପଣାରେ ବାସେ
ପୂଜା ମଣ୍ଡପେ ମାଆ ସୁନ୍ଦର ଦିଶେ
ଦୁଃଖ ହାରି ମାଆ ସୁଖକୁ ଦେବେ
ସଂସାରରୁ ପାପ ଭାର ନାଶିବେ ।
ବଜାରେ ବଜାରେ...... ।

■■■

ଏଲ୍ - ୨୭୨,
ବରମୁଣ୍ଡା ହା. ବୋ. କଲୋନୀ,
ଭୁବନେଶ୍ୱର - ୩
ମୋ - ୯୪୩୭୨୭୯୧୬୨

# ଟିଟିଲାଗଡ଼ ଠାରେ "ଇ ପତ୍ରିକା" ର ସେପ୍ଟେମ୍ବର ସଂଖ୍ୟା ଉନ୍ମୋଚନ ସମୟର କିଛି ସ୍ମୃତି

## ୦୧.୦୯.୨୦୨୨ (ଗୁରୁବାର)














ସାହିତ୍ୟ ସଂସଦର ଇ-ପତ୍ରିକା ଉନ୍ମୋଚିତ


ସମାଜ

### ସାହିତ୍ୟ ସଂସଦର ଇ-ପତ୍ରିକା ଉନ୍ମୋଚିତ

ଟିଟିଲାଗଡ଼,୩୯(ଅପ୍ର): ଟିଟିଲାଗଡ଼ ଶ୍ରାବନ ନଗର ଠାରେ ନୂଆଁଖାଇ ଅବସରରେ ଭୁବନେଶ୍ୱର ସାହିତ୍ୟ ସଂସଦର ମାସିକ ଡିଜିଟାଲ ଇ-ପତ୍ରିକାର ତୃତୀୟ ସଂଖ୍ୟା ଉନ୍ମୋଚିତ ହୋଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଡା. ଘନଶ୍ୟାମ ଜୈନ, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ଡ. ଯୁଗଳ କିଶୋର ଷଡ଼ଙ୍ଗୀ ଏବଂ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଜ୍ୟୋତି ପ୍ରକାଶ ଶତପଥୀ, କବି ପଞ୍ଚାନନ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଜୈନ ପତ୍ରିକାର ମଙ୍ଗଳ କାମନା କରିଥିଲେ। ମୁଖ୍ୟବକ୍ତା ଶ୍ରୀ ଷଡ଼ଙ୍ଗୀ ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା ସହ ପଶ୍ଚିମ ଓଡିଶାର ସମସ୍ତ ଲେଖକ/ଲେଖିକାଙ୍କୁ ନିଜ ଅଞ୍ଚଳ ତଥା ଭାଷା-ସଂସ୍କୃତିର ଲେଖାମାନ ପଠାଇ ସମସ୍ତ ପ୍ରକାର ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଶ୍ରୀ ଶତପଥୀ ପତ୍ରିକା ଖୁବ୍ କମ ସମୟରେ ଲେଖକ, ଲେଖିକାଙ୍କ ଲେଖାକୁ ରାଜ୍ୟ ତଥା ରାଜ୍ୟ ବାହାରେ ଏବଂ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇବାର ଏକ ବଳିଷ୍ଠ ଉଦାହରଣ ବୋଲି କହିଥିଲେ। ସମ୍ପାଦକ ତଥା କାର୍ଯ୍ୟକ୍ରମର ସଭାପତି ସରୋଜ ଶତପଥୀ ପତ୍ରିକାର ବିଭିନ୍ନ ଦିଗ ଉପରେ ବର୍ଣ୍ଣନା କରିବା ସହ ପତ୍ରିକାର 'ୟୁଜର୍ ଇଣ୍ଟରଫେସ୍' ବ୍ୟବହାର ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। କବି ଶ୍ରୀ ତାଣ୍ଡି ନିଜସ୍ୱ ସ୍ୱର ସଂଯୋଜନାରେ ଏକ କବିତା ପାଠ କରିଥିଲେ। ଶେଷରେ ଶିକ୍ଷାବିତ ଯୋଗେଶ ମିଶ୍ର ଧନ୍ୟବାଦ ଦେଇଥିଲେ।




ସାହିତ୍ୟ ସଂସଦର ଇ-ପତ୍ରିକା ଉନ୍ମୋଚିତ

# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ର
# ୪୩ ତମ ଅଧିବେଶନ ର  କିଛି ସ୍ମୃତି

ଇଂ ଆଶୁତୋଷ ଧଳଙ୍କ ଷଷ୍ଠ ଗଳ୍ପ ସଂକଳନ "ଅସରାଏ ବର୍ଷା", ବସନ୍ତ ମାଝିଙ୍କର ୧୦ମ କବିତା ପୁସ୍ତକ "ରଙ୍ଗୀବୋଉ : ଶତକ ସ୍ତବକ", ସଂସଦର ମୁଖପତ୍ର "ଚିହ୍ନ"ର ୪୨ତମ ସଂଖ୍ୟା ଓ "ଯୁ-୧୯" ର ପ୍ରଥମ ସଂଖ୍ୟା ର ଲୋକାର୍ପଣ ପର୍ବ ।

## ୧୮.୦୯.୨୦୨୨ (ରବିବାର)



























ପୁସ୍ତକ ଲୋକାର୍ପଣ, ଆଲୋଚନା ଓ କବିତା ପାଠୋତ୍ସବ


ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ, ଭୁବନେଶ୍ୱର-୧୬
୪୩ତମ ଅଧିବେଶନ











ଚନ୍ଦ୍ରଶେଖରପୁର









ପୁସ୍ତକ ଲୋକାର୍ପଣ, ଆଲୋଚନା ଓ କବିତା ପାଠୋତ୍ସବ





# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ ପତ୍ରିକା

ଚତୁର୍ଥ ସଂଖ୍ୟା, ୧ ଅକ୍ଟୋବର ୨୦୨୨

NEWTRA CREATIONS
Horizon of Creativity

Publisher :
Newtra Creations,Bhubaneswar

ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

ମୁଖ୍ୟ ସଂପାଦକ: ବସନ୍ତ ମାଝି II ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

Email : epatrika.cspursahityasansad@gmail.com Mob : 9438621925 / 9937128547 Website: www.cspursahityasansad.com